# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 25/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 301 | ମୂଲ୍ୟ ₹୭/-




### ହେଣ୍ଡରସନ ଦାମୀ ଖେଳାଳି

ହିରୋ ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗର ମିନି ଅକ୍ସନରେ ଅଷ୍ଟ୍ରେଲିଆର ଲିଆମ ହେଣ୍ଡରସନ ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

୧୨

୦୨

### ‘ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି’

ବଲିଉଡ୍‌ରେ ସେ ରାଜନୀତିର ଶିକାର ହୋଇଛନ୍ତି ବୋଲି ଅଭିନେତ୍ରୀ ଅମୃତା ରାଓ ବୁଧବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି।



## ଲଦାଖକୁ ରାଜ୍ୟ ମାନ୍ୟତା ଦାବି

# ଲେହ୍‌ରେ ହିଂସା



ଲେହରେ ବିକ୍ଷୋଭବେଳେ ଆନ୍ଦୋଳନକାରୀମାନେ ଏକ ପୋଲିସ ଗାଡ଼ିକୁ ପୋଡ଼ି ଦେଇଛନ୍ତି।

**କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ବୁଧବାର ଲେହ୍‌ଠାରେ ବନ୍ଦ ପାଳନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଗୁଳିରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨୦ ପୋଲିସ କର୍ମଚାରୀ ଅଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ ଅନଶନ ଭଙ୍ଗକରି ତତ୍କାଳ ବନ୍ଦ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଛନ୍ତି। ୫ ବର୍ଷ ହେଲା ଯୁବପିଢ଼ି ରୋଜଗାର ପାଉ ନ ଥିବାରୁ ‘ଜେନ୍-ଜି ଧରଣର ଆନ୍ଦୋଳନ’ ମୁଣ୍ଡ ଟେକିଛି। ଏହା ଏକ ସାମାଜିକ ଆନ୍ଦୋଳନ। ଲଦାଖରେ କୌଣସି ଗଣତାନ୍ତ୍ରିକ ମଞ୍ଚ ନାହିଁ। ତେବେ ହିଂସା ଯୋଗୁ ଲଦାଖବାସୀଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ସ୍ଥିତି ଆହୁରି ଖରାପ ଆଡ଼କୁ ଗତି କରିପାରେ। ଲଦାଖ ଓ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଅନୁଚିତ ବୋଲି ଅନଶନସ୍ଥଳରେ ୱାଙ୍ଗଚୁକ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି।**

## ପୋଲିସ ଗୁଳିରେ ୪ ମୃତ, ୭୦ ଆହତ

ଲେହ୍,୨୪।୯ (ପି.ଟି. /ରଏଟର୍ସ)

ହିଂସାକୁ ଦୃଷ୍ଟିରେ ରଖି ଲେହ୍ ଜିଲାର ବିଭିନ୍ନ ଭାଗରେ ଭାରତୀୟ ନାଗରିକ ସଂହିତା (ବିଏନ୍‌ଏସ୍) ଧାରା ୧୬୩ ଜାରି କରାଯାଇଛି। ତଦନୁସାରେ ସମ୍ପୃକ୍ତ ଅଞ୍ଚଳରେ ୫ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ର ହୋଇପାରିବେ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହାରକରି ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ରୂପେ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଏହା ପରଠୁ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଓ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ଅନେକ ସମୟରେ ବିକ୍ଷୋଭ କରାଯାଇଆସୁଛି। ସେପ୍ଟେମ୍ବର ୧୦ରୁ ୧୫ ଜଣ ୩୫ ଦିନିଆ ଅନଶନରେ ବସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରୁ ସେରିଙ୍ଗ୍ ୱାଙ୍ଗଚୁକ(୭୨) ଓ ତଶି ଡୋଲମା(୬୦)ଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ହସ୍ପିଟାଲକୁ ଉଭୟଙ୍କୁ ନିଆଯାଇଥିଲା। ଏହା ଦେଖି ଏଲ୍‌ଏବି ଯୁବ ଶାଖା ପକ୍ଷରୁ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଲେହ୍ ଆପେକ୍ସ ବଡି ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ଚାହୁଁ ଚାହୁଁ ହିଂସାର ରୂପ ନେଇଥିଲା। ବିକ୍ଷୋଭକାରୀମାନେ ଭାଜପା ଅଫିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା କରିଥିଲେ। ଯାନବାହନଗୁଡ଼ିକରେ ନିଆଁ ଲଗାଇଦେବାରୁ ଆକାଶରେ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଯାଇ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ସଂଘର୍ଷ ବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ ☞ପୃଷ୍ଠା-୪

# ଆଇଟିଡିଏରେ ୧୪୮.୭୫ କୋଟିର ବେଆଇନ କାରବାର

## ସିଏଜି ଧରିଲେ ଆଦିବାସୀ କଲ୍ୟାଣ ପାଣ୍ଠି ଅନିୟମିତତା

ଭୁବନେଶ୍ୱର,୨୪।୯ (ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ କଲ୍ୟାଣ ନାମରେ ବହୁ କୋଟି ଟଙ୍କାର ସରକାରୀ ଅର୍ଥ ଅପବ୍ୟବହାର ହୋଇଛି। କେଉଁଠି ସରକାରୀ ଅର୍ଥରେ ଯନ୍ତ୍ରୀମାନେ ମୋବାଇଲ ରିଚାର୍ଜ କରିଛନ୍ତି ତ’ ଆଉ କେଉଁଠି ଏଟିଏମ୍ ଉଠାଣ, ୟୁପିଆଇ କାରବାର ଓ ବୀମା ପ୍ରିମିୟମ୍ ଦେୟ କରିଛନ୍ତି। ସବୁଠାରୁ ବଡ଼କଥା ହେଲା, ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥା ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି(ଆଇଟିଡିଏ) ଅର୍ଥକୁ ଯନ୍ତ୍ରୀମାନେ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟ ବା ଖାତାରେ କାରବାର କରିଛନ୍ତି, ଯାହାର ପରିମାଣ ୧୪୮.୭୫ କୋଟିରୁ ଊର୍ଦ୍ଧ୍ୱ ବୋଲି ଭାରତର ମହାନିୟନ୍ତ୍ରକ ଓ ମହାଲେଖାକାର (ସିଏଜି)ଙ୍କ ପକ୍ଷରୁ କୁହାଯାଇଛି। ପ୍ରମୁଖ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ସୁବୁ ଆର୍ ଏବଂ ଅତୁଲ ପ୍ରକାଶ ୨୦୧୮ରୁ ୨୦୨୩ ମାର୍ଚ୍ଚ ସୁଦ୍ଧା ରିପୋର୍ଟ ଉପସ୍ଥାପନ କରି କହିଛନ୍ତି, ଆଇଟିଡିଏ ଅର୍ଥକୁ ଯନ୍ତ୍ରୀମାନେ ସରକାରୀ ଅର୍ଥକୁ ବିପୁଳ ମାତ୍ରାରେ ଅନିୟମିତତା ଭାବେ ଖର୍ଚ୍ଚ କରିଛନ୍ତି। ସେମାନେ ଏଟିଏମ୍‌ରୁ ଟଙ୍କା ଉଠାଣ କରିବା ସହିତ ମୋବାଇଲ ରିଚାର୍ଜ କରିବା, ୟୁପିଆଇ ମୋଡ୍‌ରେ ଟଙ୍କା ଦେବା ଭଳି ବେଆଇନ କାର୍ଯ୍ୟ କରିଛନ୍ତି। ସେହିପରି ଆଦିବାସୀ କଲ୍ୟାଣ ନାମରେ ଆଇଟିଡିଏ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ୩.୩୮ କୋଟି ଟଙ୍କାର କୌଣସି ଭାଉଚର ପ୍ରସ୍ତୁତ କରାଯାଇନାହିଁ। ଏପରି କି ୩.୨୩ କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ହେଁ କୌଣସି ବିଲ୍ ମଧ୍ୟ କରାଯାଇନାହିଁ। ବିନା ବିଲ୍‌ରେ କିଭଳି କୋଟି କୋଟି ଟଙ୍କାର କାରବାର ହେଲା ତାହା ସନ୍ଦେହଜନକ ବୋଲି ମହାଲେଖାକାର କହିଛନ୍ତି। ସବୁଠାରୁ ଧର୍ତ୍ତବ୍ୟ କଥା ହେଉଛି, ଯନ୍ତ୍ରୀମାନେ ୨୨.୭୮ କୋଟି ଟଙ୍କା କାରବାର କରିଛନ୍ତି, ଯେଉଁଥିରେ କି ଇନ୍‌ଭଏସ୍‌ରେ ଡୁପ୍ଲିକେଟ୍ ନମ୍ବର ପକାଯାଇଛି। ଏପରିକି ଇନ୍‌ଭଏସ୍‌ଗୁଡ଼ିକରେ ତାରିଖ ଉଲ୍ଲେଖ ନ ଥିବାବେଳେ ଜିଏସ୍‌ଟି ପଇଠ କରୁ ନ ଥିବା କମ୍ପାନୀଙ୍କୁ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଅତୁଲ ପ୍ରକାଶ ଏକ ଉଦାହରଣ ଦେଇ କହିଥିଲେ, ପାରଳାଖେମୁଣ୍ଡି ☞ପୃଷ୍ଠା-୪

## ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ୨୬ରେ ମିଳିବ ସେପ୍ଟେମ୍ବର ଦରମା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ଆସନ୍ତା ୨୬ରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ ଦୁର୍ଗାପୂଜା ପାଇଁ ଆସନ୍ତା ୨୭ରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସ୍‌ଟି ୨.୦ ସଂସ୍କାର ପରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଆଜିର ସମ୍ପାଦକୀୟ

ଭାବନାର ବାସ୍ତବତା


B.J.B. AUTONOMOUS COLLEGE, BHUBANESWAR-751014
NAAC ACCREDITED WITH “A”
No. CAD-1836 APPROVED BY AICTE

ADMISSION NOTICE FOR THE SESSION 2025-2026

Applications are invited (Third Phase) in online mode for admission for few available seats into the following Self-Financing Programmes: MBA(Agri-Business Management), M.Com FC, IMCA, B.Sc.ITM, MA JMC & MA-PM&IR, for the Session 2025-26. The Admission Prospectus and Online Application form will be available in college website www.bjbcollege.in from 23.09.2025 to 08.10.2025 till 11.55 PM. The details about the programmes, Application form and Form fill-up procedures, etc. are available in Admission Prospectus. The details of the courses are given below.

INTEGRATED (5 YEARS) / UNDERGRADUATE COURSES (3YEARS)

IMCA – Integrated Master in Computer Application
Eligibility : Passed +2 Science with Mathematics, 40% marks in aggregate

B.Sc.ITM – Bachelor of Science in Information Technology and Management
Eligibility : Passed +2 Science with Mathematics, 40% marks in aggregate

POST GRADUATE COURSES (2YEARS)

MBA (Agri -Business Management)
Eligibility : Graduate in any stream, with minimum 40% in aggregate

MAJMC – MA in journalism and Mass Communication
Eligibility : Graduate in any stream/Equivalent, with minimum40% in aggregate

MA-PM&IR – MA in Personnel Management & Industrial Relations
Eligibility : Graduate in any stream/Equivalent, with minimum 40% in aggregate

M.Com FC – Master of Commerce in Finance and Control
Eligibility : Graduate in any Stream / Equivalent, with minimum 40% in aggregate.

| ENTRANCE TEST | | |
|---|---|---|
| | MAJMC , IMCA 10.10.2025 11.00AM -12.00 Noon | MBA (Agri-Business Management) 11.10.2025 11.00AM - 12.00 Noon |
| | MA-PM&IR, B.Sc.ITM 10.10.2025 2.00 PM - 3.00 PM | MCFC 11.10.2025 2.00PM - 3.00PM |

FOR FURTHER DETAILS CONTACT : B.Sc.ITM/IMCA : 9861048056/9938511866
MBA (Agri-Business Managment) : 9777612056/8917672546
MAJMC: 7008678166/8637202388, MA-PM&IR : 8917672546/9776987162
M.Com FC: 9938511866/8328889298/9692480554

Application form for the above courses, complete in all respects, should be submitted on or before 08.10.2025 (11.55pm) in online mode.
NB: - The Final Print out of the application form along with all the relevant documents shall be submitted in the concern department at B.J.B. Autonomous College, Bhubaneswar Physically, on the day or before the entrance test of the respective programes.
Sd/- Principal
OIPR-11011/11/0046/2526


## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାର ସମ୍ଭାବ୍ୟ ତାରିଖ ବୁଧବାର ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀ ୧୭ରୁ ଏହି ୨ ପରୀକ୍ଷା ଆରମ୍ଭ ହେବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ୟାମ ଭରଦ୍ୱାଜ ସୂଚନା ଦେଇଛନ୍ତି। ୫ ମାସ ପୂର୍ବରୁ ପରୀକ୍ଷା ନେଇ ସମୟସାରଣୀ ପ୍ରକାଶ ପାଇଥିବାରୁ ଏଥିପାଇଁ ଛାତ୍ରୀଛାତ୍ର ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ ବୋଲି ଆଶା କରାଯାଉଛି।

ସିବିଏସ୍‌ଇର ସୂଚନାନୁସାରେ, ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ପିଲା ପରୀକ୍ଷା ଦେବେ। ଉଭୟ ଶ୍ରେଣୀ ପରୀକ୍ଷା ଗୋଟିଏ ଶିଫ୍ଟରେ ଆରମ୍ଭ ହେବ। ପରୀକ୍ଷା ସହ ଖାତାଦେଖା ଓ ଫଳାଫଳ ଆଦି ପ୍ରକ୍ରିୟା ଜୁଲାଇ ୧୫ ଭିତରେ ଶେଷ କରିବାର ଯୋଜନା ରହିଛି। ସିବିଏସ୍‌ଇ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା (ଦଶମ) ଫେବୃଆରୀ ୧୭ରୁ ଆରମ୍ଭ ☞ପୃଷ୍ଠା-୪

## ଡାକ୍ତରୀ ପଢ଼ିବେ ନାହିଁ ବୋଲି ଆତ୍ମହତ୍ୟା

### ଏନ୍‌ଇଇଟିରେ ପାଇଛନ୍ତି ୯୯.୯୯ ପର୍ସେଣ୍ଟାଇଲ

ଚନ୍ଦ୍ରପୁର, ୨୪।୯

ଭାରତରେ ଦିନକୁ ଦିନ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଏକାଡେମିକ୍ କ୍ୟାରିୟର ଏବଂ ପାଠପଢ଼ାକୁ ନେଇ ଅନେକ ଛାତ୍ରୀଛାତ୍ର ଚାପରେ ରହୁଛନ୍ତି। ଖାସ୍‌କରି ପରୀକ୍ଷାଫଳ ଏବଂ କ୍ୟାରିୟରକୁ ନେଇ ମା’ବାପାଙ୍କ ପକ୍ଷରୁ ପଡୁଥିବା ଚାପ ଛାତ୍ରୀଛାତ୍ରଙ୍କ ପକ୍ଷେ ଅସହ୍ୟ ହୋଇପଡୁଛି। ରାଜସ୍ଥାନର କୋଟାରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳ ହେବାପରେ ଏହି ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ମହାରାଷ୍ଟ୍ରର ଚନ୍ଦ୍ରପୁରରେ ୧୯ ବର୍ଷୀୟ ଛାତ୍ର ଅନୁରାଗ ଅନିଲ ବୋର୍‌କାର ନିକଟରେ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ୟୁଜିରେ



ଅନୁରାଗ ଅନିଲ ବୋର୍‌କାର

୯୯.୯୯ ପର୍ସେଣ୍ଟାଇଲ ରଖି ସଫଳତା ହାସଲ କରିଥିବା ବେଳେ ମେଡିକାଲ କଲେଜରେ ନାମଲେଖାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ସେ ☞ପୃଷ୍ଠା-୪

## ଆମେରିକା ଟାରିଫ୍ ମାଡ଼: ଓଡ଼ିଶାର ୨୫ ହଜାର ଚିଙ୍ଗୁଡ଼ିଚାଷୀ ପ୍ରଭାବିତ

### ୬୨ ଉଦ୍ୟୋଗୀ କ୍ଷତିଗ୍ରସ୍ତ

ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)

ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ଓଡ଼ିଶାର ମତ୍ସ୍ୟଚାଷୀ ଓ ଉଦ୍ୟୋଗୀଙ୍କ ଉପରେ ବଡ଼ ପ୍ରଭାବ ପକାଉଛି। ଏଥିଯୋଗୁ ରାଜ୍ୟର ପ୍ରାୟ ୨୫ ହଜାର ଚିଙ୍ଗୁଡ଼ି ଚାଷୀ ପ୍ରଭାବିତ ହୋଇଥିବାବେଳେ ୬୨ ଜଣ ମତ୍ସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ପ୍ରଭାବିତ ହୋଇଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବୁଧବାର ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ଆମେରିକା ପ୍ରଶାସନର ବଡ଼ଧରଣର ଟାରିଫ୍ ଯୋଗୁ ରାଜ୍ୟର ମତ୍ସ୍ୟ ରପ୍ତାନି କେତେକାଂଶରେ ବାଧାପ୍ରାପ୍ତ ହୋଇଛି। ରାଜ୍ୟର ସମୁଦାୟ ମତ୍ସ୍ୟ ରପ୍ତାନିର ପ୍ରାୟ ୨୪.୫% ଆମେରିକାକୁ ଯାଇଥାଏ। ଏହାଦ୍ୱାରା ରାଜ୍ୟର ୬୨ଜଣ ମତ୍ସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି। ସେହିପରି ୨୫ ହଜାର ଚିଙ୍ଗୁଡ଼ି ଚାଷୀ ପରୋକ୍ଷଭାବେ ପ୍ରଭାବିତ ହୋଇଛନ୍ତି। ଏହାର ବିକଳ୍ପ ବଜାର ପାଇଁ ସରକାର ଚିନ୍ତା କରୁଛନ୍ତି। ଜାପାନ, ଦକ୍ଷିଣ କୋରିଆ, ୟୁକେ, ରୁଷିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ପୂର୍ବ ଏସିଆରେ ବିକଳ୍ପ ବଜାର ସୃଷ୍ଟି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଆମେରିକାକୁ ସର୍ବାଧିକ ୨୨ ହଜାର ୫୫୯ ଟନ୍ ମତ୍ସ୍ୟ ୨୦୨୪-୨୫ ବର୍ଷରେ ରପ୍ତାନି ହୋଇଥିବାବେଳେ ଚାଇନାକୁ ☞ପୃଷ୍ଠା-୪


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

21ST ANNUAL CONVOCATION 2025

Date: 26th - 28th September, 2025 | Venue: KIIT Campus 3 (Kathajodi)

Graced by

Prof. Mohan Munasinghe
Nobel Laureate, Sri Lanka — 26th Sept. 2025

Justice Abdulqawi Ahmed Yusuf
Judge, International Court of Justice (ICJ), The Hague

Justice Dalveer Bhandari
Judge, International Court of Justice (ICJ), The Hague — 27th Sept. 2025

H.E. Ouided Bouchamaoui
Nobel Laureate, Tunisia — 28th Sept. 2025

This year, the KIIT Convocation will be held over three days from 26th - 28th September 2025, discipline-wise, to facilitate greater participation of students and parents.

Website: www.kiit.ac.in | Email: kiit@kiit.ac.in

## ସଂକ୍ଷେପରେ

### ଜମ୍ମୁ-କଶ୍ମୀର: ୪ ଆସନ ପାଇଁ ଅକ୍ଟୋବର ୨୪ରେ ରାଜ୍ୟ ସଭା ନିର୍ବାଚନ

ନୂଆଦିଲ୍ଲୀ, ୨୪।୯

ନିର୍ବାଚନ ଆୟୋଗ (ଇସି) ବୁଧବାର ଜମ୍ମୁ-କଶ୍ମୀର ୪ ରାଜ୍ୟ ସଭା ଆସନ ପାଇଁ ତାରିଖର ଘୋଷଣା କରିଛନ୍ତି। ଏହାସହ ପଞ୍ଜାବର ଗୋଟିଏ ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନର ମଧ୍ୟ ତାରିଖ ଘୋଷଣା ହୋଇଛି। ଆସନ୍ତା ଅକ୍ଟୋବର ୨୪ରେ ଏହି ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବା ସହ ଏହାର ଫଳାଫଳ ଘୋଷଣା ହେବ। ଏଥିପାଇଁ ଆସନ୍ତା ୬ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୨୦୨୧ ଫେବୃଆରୀ ପରଠାରୁ ଜମ୍ମୁ-କଶ୍ମୀରର ସମସ୍ତ ୪ ରାଜ୍ୟ ସଭା ଆସନର ସିଟ୍ ଖାଲିପଡ଼ିଛି। ୨୦୨୪ ଯାଏ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଥିବାରୁ ଏହି ରାଜ୍ୟ ସଭା ନିର୍ବାଚନ ହୋଇପାରି ନ ଥିଲା ବୋଲି ଇସି କହିଛନ୍ତି।

### ଆଜି ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଯିବେ ପାକିସ୍ତାନ ପ୍ରଧାନମନ୍ତ୍ରୀ

ୱାଶିଂଟନ୍, ୨୪।୯

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ପାଇଁ ୱାଶିଂଟନ୍ ଗସ୍ତ କରିବେ। ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କରେ ଥିବା ଶେହବାଜ ଓ ଟ୍ରମ୍ପଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଆଲୋଚନା ପରେ ଶେହବାଜ ହ୍ୱାଇଟ୍ ହାଉସ୍‌ରୁ ପୁଣି ନ୍ୟୁୟର୍କକୁ ଫେରିବେ। ୨୦୧୯ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଜଣେ ପାକିସ୍ତାନୀ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ସାକ୍ଷାତ୍ ହେବାକୁ ଯାଉଛି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଶାସନ କାଳରେ ପାକିସ୍ତାନକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ତେବେ ଗତ ଜାନୁଆରୀରେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପାକିସ୍ତାନ-ଆମେରିକା ସମ୍ପର୍କରେ ନାଟକୀୟ ପରିବର୍ତ୍ତନ ଆସିଛି। ଗତ ଜୁନ୍‌ରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ପାକିସ୍ତାନୀ ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ।

### ଇସି ଆଣିଲେ ଇ-ଭେରିଫିକେଶନ ସିଷ୍ଟମ୍

ନୂଆଦିଲ୍ଲୀ, ୨୪।୯

ଭୋଟର ତାଲିକାରୁ ନାମ ହଟାଇବା ନେଇ ରହିଥିବା ନିୟମର ଦୁରୁପଯୋଗ ରୋକିବା ପାଇଁ ନିର୍ବାଚନ କମିଶନ (ଇସି) ଏକ ଇ-ଭେରିଫିକେଶନ ସିଷ୍ଟମ୍ ଆଣିଛନ୍ତି। ଯେଉଁମାନେ ନିଜ ନାମ ହଟାଇବା କିମ୍ବା ତାଲିକାରେ ନାମ ପଞ୍ଜୀକରଣ ପାଇଁ ଚାହୁଁଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଯିବ। ଉକ୍ତ ଓଟିପି ଜରିଆରେ ସମ୍ପୃକ୍ତ ବ୍ୟକ୍ତି ଅନ୍‌ଲାଇନରେ ନିଜ ଆପତ୍ତି ଜଣାଇପାରିବେ। ଏହି ଫିଚର ଯୋଗୁ ନିୟମର ଦୁରୁପଯୋଗ ରୋକାଯାଇପାରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ କେତେଜଣ ଭୋଟରଙ୍କ ନାମ ହଟାଯାଇଥିବା ନେଇ ଅଭିଯୋଗ ଆସିବା ପରେ ଏହି ବ୍ୟବସ୍ଥା ଆପଣାଯାଇଥିବା କୁହାଯାଉଛି।



ଇସ୍ରାଏଲ୍‌ର ସାମରିକ ଅପରେଶନ ଯୋଗୁ ବିସ୍ଥାପିତ ପାଲେଷ୍ଟିନୀୟମାନେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ରୁ ଦକ୍ଷିଣ ଭାଗକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

## 'ମୋ ରୁମ୍‌କୁ ଆସ, ତୁମକୁ ବିଦେଶ ନେଇଯିବି'

### ସ୍ୱାମୀ ଚୈତନ୍ୟାନନ୍ଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ୧୭ ଛାତ୍ରୀ

ନୂଆଦିଲ୍ଲୀ, ୨୪।୯

ଦିଲ୍ଲୀର ଏକ ଜଣାଶୁଣା ଆଶ୍ରମ ଚଳାଉଥିବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ କଳା କାରନାମା ସାମ୍ନାକୁ ଆସିଛି। ସେ ଦିଲ୍ଲୀର ବାବା ବସନ୍ତକୁଞ୍ଜ ଅଞ୍ଚଳରେ ଥିବା ଏକ ପ୍ରାଇଭେଟ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ପ୍ରତିଷ୍ଠାନରେ ମ୍ୟାନେଜମେଣ୍ଟ ପଢୁଥିବା ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ନେଇ ପୋଲିସ ଉକ୍ତ ଆଶ୍ରମରେ ଚଢ଼ାଉ କରିଥିବା ବେଳେ ସ୍ୱାମୀ ଚୈତନ୍ୟାନନ୍ଦ ଏବେ ଫେରାର ରହିଛନ୍ତି। ସ୍ୱାମୀ ଚୈତନ୍ୟାନନ୍ଦ ସେମାନଙ୍କ ସହ କରିଥିବା ଅଶ୍ଳୀଳ ଚାଟ୍‌କୁ ଛାତ୍ରୀମାନେ ପୋଲିସ ନିକଟରେ ଉପସ୍ଥାପନ କରିଛନ୍ତି। ଏହି ଚାଟ୍‌ରେ ସେ ପୀଡ଼ିତା ଛାତ୍ରୀମାନଙ୍କୁ କହିଛନ୍ତି, "ମୋ କୋଠରିକୁ ଆସ, ବିନା ଖର୍ଚ୍ଚରେ ତୁମକୁ ବିଦେଶ ନେଇଯିବି। ଯଦି କଥା ନ ମାନ, ତେବେ ତୁମମାନଙ୍କୁ ଫେଲ୍ କରିଦେବି।" ପୀଡ଼ିତାମାନେ ସ୍ୱାମୀ ଚୈତନ୍ୟାନନ୍ଦଙ୍କ ସହ ଆଶ୍ରମର ୩ ମହିଳା ୱାର୍ଡେନଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଛନ୍ତି। ଏହି ମହିଳା ୱାର୍ଡେନ ଛାତ୍ରୀମାନଙ୍କୁ



ଧମକାଇବା ସହ ସେମାନଙ୍କ ହ୍ୱାଟ୍ସଆପ୍ ଚାର୍ଟ ଡିଲିଟ୍ କରୁଥିଲେ। ୩ ଅଭିଯୁକ୍ତ ୱାର୍ଡେନଙ୍କୁ ପଚରାଉଚରା କରି ପୋଲିସ ତଦନ୍ତ ଜାରି ରଖିଛି। ଆଶ୍ରମ ସହ ଜଡ଼ିତ ଅନ୍ୟାନ୍ୟ ଦୁର୍ନୀତି ମାମଲା ମଧ୍ୟ ସାମ୍ନାକୁ ଆସିଛି। ସ୍ୱାମୀ ଚୈତନ୍ୟାନନ୍ଦଙ୍କ ଗାଡ଼ିରେ ଏକ ନକଲି ଡିପ୍ଲୋମାଟ୍ ନମ୍ବର ପ୍ଲେଟ୍ ଲାଗିଥିବା ପୋଲିସ କହିଛି। ବିଭିନ୍ନ ମାମଲାରେ ତାଙ୍କ ବିରୋଧରେ ପୋଲିସ ୫ ଏଫ୍‌ଆଇଆର୍ ରୁଜୁକରି ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଚଳାଇଛି।

# ବିଧ୍ୱଂସକ ଅସ୍ତ୍ର ଦୌଡ଼ରେ ବିଶ୍ୱ

### ରୁଷିଆର ଯୁଦ୍ଧ ଅଟକାଇବାକୁ ୟୁଏନ୍‌ଜିଏରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଆହ୍ୱାନ

ଜାତିସଂଘ, ୨୪।୯

ସମ୍ପ୍ରତି ବିଶ୍ୱରେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ଦୌଡ଼ ଚାଲିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁରୋପରେ ଯୁଦ୍ଧର ପରିସୀମା ବୃଦ୍ଧି ଘଟାଇବାକୁ ଚାହୁଁଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ରୁଷିଆ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଏହାର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ରୋକିବା ଜରୁରୀ ହୋଇପଡ଼ିଛି। ଏହି ଯୁଦ୍ଧକୁ ରୋକା ନ ଗଲେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆହୁରି ତୀବ୍ରତର ହେବ, ଯାହାର ପରିଣାମ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼ିପାରେ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସତର୍କ କରାଇଛନ୍ତି।

ନ୍ୟୁୟର୍କସ୍ଥିତ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନକୁ ସମ୍ବୋଧିତ କରି ଜେଲେନ୍‌ସ୍କି କହିଛନ୍ତି, ବର୍ତ୍ତମାନ ଆମେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ପ୍ରତିଯୋଗିତା ଦେଇ ଗତିକରୁଛେ।



ଭୋଲୋଡିମିର ଜେଲେନ୍‌ସ୍କି

ୟୁକ୍ରେନ୍ ଏହାକୁ ପ୍ରଥମେ ସାମ୍ନା କରିଛି। ରୁଷୀୟ ଡ୍ରୋନ୍‌ଗୁଡ଼ିକ ୟୁରୋପୀୟ ଆକାଶମାର୍ଗରେ ଉଡ଼ାଣ କରୁଛି। ରୁଷିଆର ଅପରେଶନ୍ ଅନେକ ଦେଶକୁ ବିସ୍ତାରିତ ହେବାରେ ଲାଗିଛି ଏବଂ ପୁଟିନ୍ ଯୁଦ୍ଧର ପରିସୀମା ବଢ଼ାଇ ଏହାକୁ ଜାରି ରଖିବାକୁ ଚାହୁଁଛନ୍ତି। ୧୯୩ ରାଷ୍ଟ୍ର ସଦସ୍ୟ ଥିବା ୟୁଏନ୍‌ଜିଏକୁ ନିଜ ଅଭିଭାଷଣରେ ଜେଲେନ୍‌ସ୍କି ଆହୁରି କହିଛନ୍ତି, ଯୁଦ୍ଧ ବନ୍ଦ କରିବା ସମ୍ବେଦନଶୀଳ ଭିତ୍ତିଭୂମି ପାଇଁ ଭୂତଳ କିଣ୍ଡରଗାର୍ଟେନ୍ କିମ୍ବା ବିଶାଳ ବଙ୍କର ନିର୍ମାଣ କରିବାଠାରୁ ଶସ୍ତା। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ପୋଲାଣ୍ଡ ଓ ଏଷ୍ଟୋନିଆର ବାୟୁସୀମା ଉଲ୍ଲଂଘନ କରି ମସ୍କୋ ଡ୍ରୋନ୍ ଉଡ଼ାଇବା ପ୍ରମାଣିତ କରୁଛି ଯେ, ୟୁକ୍ରେନ୍ ଯୁଦ୍ଧରେ ପୁଟିନ୍ ନୂଆ ସୀମାଗୁଡ଼ିକୁ ନେଇ ପ୍ରୟୋଗ ଆରମ୍ଭ କରିଦେଇଛନ୍ତି। ତେବେ ୟୁକ୍ରେନ୍ ନିଜ ସହଯୋଗୀମାନଙ୍କୁ ଅସ୍ତ୍ରଶସ୍ତ୍ର ରପ୍ତାନି କରିବା ଦିଗରେ ଅଗ୍ରସର ହେଉଛି। ଆମେ ଆମ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ଆପଣଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ରରେ ପରିଣତ କରିବାକୁ ଚାହୁଁଛୁ। ୟୁକ୍ରେନ୍ ଆଗକୁ ଅସ୍ତ୍ର ରପ୍ତାନି କରିବ। ଏହି ପ୍ରଭାବଶାଳୀ ଅସ୍ତ୍ରଗୁଡ଼ିକ ରଣଭୂମିରେ ପରୀକ୍ଷାର ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହୋଇଛି, ଯେତେବେଳେ କି ପ୍ରତ୍ୟେକ ଅନ୍ତର୍ଜାତୀୟ ସଂସ୍ଥା ବିଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ଦିନକ ପରେ ଜେଲେନ୍‌ସ୍କିଙ୍କ ଏହି ପ୍ରତିକ୍ରିୟା ଆସିଛି। ମଙ୍ଗଳବାର ଦୁଇନେତାଙ୍କ ସାକ୍ଷାତ ପରେ ଟ୍ରମ୍ପ କହିଥିଲେ, ୟୁକ୍ରେନ୍ ହରାଇଥିବା ନିଜ ସମସ୍ତ ଭୂଖଣ୍ଡକୁ ଫେରିପାଇବ ବୋଲି ସେ ଆଶାବାଦୀ।

### ଭାରତ ଆମ ସହ ଅଛି: ଜେଲେନ୍‌ସ୍କି

ୱାଶିଂଟନ୍, ୨୪।୯

ଭାରତ ପ୍ରାୟତଃ ୟୁକ୍ରେନ୍ ସହ ରହିଥିବା ସେଠାକାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ନୂଆଦିଲ୍ଲୀ ରୁଷୀୟ ଶକ୍ତି କ୍ଷେତ୍ର ପ୍ରତି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବ ବୋଲି ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେବାବେଳେ ରୁଷିଆର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ଚାଇନା ଓ ଭାରତର ସହଯୋଗ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଜେଲେନ୍‌ସ୍କି ଏପରି ଉତ୍ତର ରଖିଛନ୍ତି। ରୁଷିଆଠାରୁ ଭାରତ ଓ ଚାଇନା ତୈଳ କିଣୁଥିବାରୁ ଟ୍ରମ୍ପ ଏହାକୁ ୟୁକ୍ରେନ୍ ବିରୋଧରେ ମସ୍କୋର ଯୁଦ୍ଧ ପାଇଁ ଇନ୍ଧନ ବୋଲି ଅଭିହିତ କରିଛନ୍ତି। ଏହା ଉପରେ ଜେଲେନ୍‌ସ୍କି କହିଛନ୍ତି, ଭାରତ ପ୍ରାୟତଃ ତାଙ୍କ ସହ ରହିଛି ବୋଲି ସେ ମନେକରନ୍ତି। ତେବେ ଟ୍ରମ୍ପ ୟୁରୋପୀୟଙ୍କ ସହ ମିଶି ଶକ୍ତି କ୍ରୟ ପ୍ରସଙ୍ଗର ସମାଧାନ କରିବେ। ଭାରତକୁ ଏଥିରୁ ଦୂରେଇବା ପାଇଁ ଆମକୁ ସବୁକିଛି କରିବାକୁ ପଡ଼ିବ।

### ଡିଜିଟାଲ ଆରେଷ୍ଟରେ ୩୪ ଦିନ: ଲୁଟିନେଲେ ୨୩ କୋଟି

ନୂଆଦିଲ୍ଲୀ, ୨୪।୯

ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବ୍ୟାଙ୍କର ଜାଲ୍ 'ଡିଜିଟାଲ ଆରେଷ୍ଟ'ରେ ୨୩ କୋଟି ଟଙ୍କା ହରାଇଛନ୍ତି। ୭୮ ବର୍ଷୀୟ ନରେଶ ମାଲହୋତ୍ରାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଡିଜିଟାଲ ଆରେଷ୍ଟରେ ଅଟକ ରଖାଯାଇଥିଲା। ୩ଟି ବ୍ୟାଙ୍କରେ ଥିବା ନରେଶ ତାଙ୍କ ଆକାଉଣ୍ଟରୁ ୨୦ ଥରରେ ଜୀବନର ସମସ୍ତ ସଞ୍ଚୟ ରାଶି ଅପରାଧୀଙ୍କ ଆକାଉଣ୍ଟକୁ ପଠାଇଦେଇଥିଲେ।

ସାଇବର ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ଅଫିସର ଓ ଟେଲିକମ୍ ଅପରେଟରଙ୍କ ପ୍ରତିନିଧି ପରିଚୟ ଦେଇ ନରେଶଙ୍କ ଆଧାର ତଥ୍ୟ ଓ ଲ୍ୟାଣ୍ଡଲାଇନ୍ ନମ୍ବରକୁ ଜାଲିଆତି କରାଯାଇ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା କହିଥିଲେ। ଯାଞ୍ଚ ପ୍ରକ୍ରିୟା ପାଇଁ ତାଙ୍କୁ ସମ୍ପତ୍ତିର ନଗଦୀକରଣ କରି ଟଙ୍କା ପଠାଇବାକୁ କୁହାଯାଇଥିଲା।

### ଗୋମାଂସ ନେଇ ଯାଉଥିବା ଟ୍ରକ୍‌କୁ ଜାଳିଦେଲେ

ବେଲ୍‌ଗାଭୀ, ୨୪।୯

କର୍ଣ୍ଣାଟକର ବେଲଗାଭୀ ଜିଲାରେ କାଗ୍‌ୱାର୍ଡ ବ୍ଲକ୍‌ସ୍ଥିତ ଏନାପୁରା ଗ୍ରାମରେ ସ୍ଥାନୀୟ ଗୋ ରକ୍ଷକମାନେ ଗୋମାଂସ ନେଇ ଯାଉଥିବା ଏକ ଟ୍ରକ୍‌କୁ ଜାଳି ଦେଇଛନ୍ତି। କୁଡାଚିରୁ କାଲା ବର୍ଗିକୁ ଗୋମାଂସ ନେଇ ଯାଉଥିବା ଉକ୍ତ ଟ୍ରକ୍‌କୁ ଏନାପୁରସ୍ଥିତ ସିଦ୍ଧେଶ୍ୱର ମନ୍ଦିର ନିକଟରେ କେତେଜଣ ଗୋ-ରକ୍ଷକ ଅଟକାଇଥିଲେ। ସେମାନେ ଟ୍ରକ୍ ମଧ୍ୟରୁ ୫ ଟନ୍‌ରୁ ଅଧିକ ଗୋମାଂସ ପାଇଥିଲେ। ଫଳରେ ତତ୍‌କ୍ଷଣାତ ସେମାନେ ଉକ୍ତ ଟ୍ରକ୍‌ରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ କାଗୱାଡ୍ ଥାନା ପୋଲିସ ମଙ୍ଗଳବାର ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## 'ଭାରତର ନିୟମ ମାନିବାକୁ ହେବ'

### କେନ୍ଦ୍ର ବିରୋଧରେ 'X'ର ଆବେଦନକୁ ଖାରଜ କଲେ କର୍ଣ୍ଣାଟକ ହାଇକୋର୍ଟ

ନୂଆଦିଲ୍ଲୀ, ୨୪।୯

ଗତ ମେ'ରେ ଭାରତ-ପାକିସ୍ତାନ ସଂଘର୍ଷ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାକିସ୍ତାନ ସମର୍ଥନରେ ମନ୍ତବ୍ୟ ଦେଇଥିବା ଅନେକ ଆକାଉଣ୍ଟକୁ ହଟାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ସାମାଜିକ ଗଣମାଧ୍ୟମ 'X' ପକ୍ଷରୁ ଦାଏର ହୋଇଥିବା ଏକ ଆବେଦନକୁ ବୁଧବାର କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଛନ୍ତି। ହାଇକୋର୍ଟ ନିଜ ରାୟରେ କହିଛନ୍ତି, ଭାରତରେ କାମ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଦେଶର ଆଇନକୁ ପାଳନ କରିବାକୁ ହେବ। ହାଇକୋର୍ଟରେ 'X' ପକ୍ଷରୁ ଦର୍ଶାଯାଇଥିଲା, ଆମେରିକାର ଆଇନ ଅନୁଯାୟୀ ଏହା କାର୍ଯ୍ୟ କରିଥାଏ। ଏଥିରୁ ହଟାଯାଇଥିବା ଆକାଉଣ୍ଟଗୁଡ଼ିକୁ ମତାମତ ଦେବାର ସ୍ୱାଧୀନତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଉଣ୍ଟଗୁଡ଼ିକୁ ହଟାଯିବା ନିଷ୍ପତ୍ତି ବେଆଇନ୍ ବୋଲି 'X' ପକ୍ଷରୁ କୁହାଯାଇଥିଲା। ତେବେ ଆବେଦନର ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଉପରେ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ତେଣୁ ସୋସିଆଲ ମିଡିଆଗୁଡ଼ିକୁ ବିନା ନିୟନ୍ତ୍ରଣରେ କାମ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ନାଗରିକଙ୍କ ମତ ପ୍ରକାଶର ଅଧିକାରକୁ ସୁରକ୍ଷା ଦେଉଥିବା ଭାରତୀୟ ସମ୍ବିଧାନର ଧାରା ୧୯ ବିଦେଶୀ କମ୍ପାନୀ କିମ୍ବା ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ଫୁରସତ୍

## ପ୍ରିୟ ଚକୋଲେଟ୍ ପାଇଁ ୨୪୦୦ ମାଇଲ ଯାତ୍ରା

ଲଣ୍ଡନ

କିଛି ଲୋକ ଚକୋଲେଟ୍ ଖାଇବାକୁ ଏତେ ଭଲପାଆନ୍ତି ଯେ, ସେମାନେ ଏଥିପାଇଁ କୌଣସି ମଧ୍ୟ ସୀମାକୁ ପାର୍ କରିପାରନ୍ତି। ବ୍ରିଟେନ୍‌ରୁ ଠିକ୍ ଏହିପରି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ୩୫ ବର୍ଷୀୟା ଶେଫ୍ କେଟ୍ ତାକାକ୍ସ ନିଜ ପ୍ରିୟ ଚକୋଲେଟ 'ଫେରେରୋ ରୋଚର ପକେଟ କଫି ଚକୋଲେଟ'କୁ କିଣିବା ପାଇଁ ୨୪୦୦ ମାଇଲ (ପ୍ରାୟ ୩,୮୬୨ କି.ମି.) ଯାତ୍ରା କରିଛନ୍ତି। କେଟ୍ ଲଣ୍ଡନରୁ ରୋମାନିଆର କ୍ଲୁଜ-ନାପୋକା ସହରକୁ ବିମାନ ଯାତ୍ରା କରିଥିଲେ। ସେଠାରୁ ସେ ନିଜ ପସନ୍ଦର ପକେଟ କଫି ଚକୋଲେଟର ଏକ ଷ୍ଟକ୍ ସହ ମାତ୍ର ଦିନକ ମଧ୍ୟରେ ଲଣ୍ଡନ ଫେରିଥିଲେ।

କେଟ୍ ଗତ ୧୫ ତାରିଖରେ ନିଜ ଅଫିସରେ କାମ କରୁଥିବା ବେଳେ ହଠାତ୍ ପକେଟ କଫି ଚକୋଲେଟ ଖାଇବାକୁ ତାଙ୍କୁ ଇଚ୍ଛା ହୋଇଥିଲା। ତେବେ ଉକ୍ତ ଚକୋଲେଟ୍ କେବଳ ରୋମାନିଆରେ







ଉପଲବ୍ଧ ବୋଲି କେଟ୍ କହିଛନ୍ତି। ତେଣୁ ନିଜ ପସନ୍ଦର ଚକୋଲେଟ୍ ଖାଇବାକୁ ସେ ତତ୍‌କ୍ଷଣାତ୍ ରୋମାନିଆ ଯିବା ପାଇଁ ବିମାନ ଟିକେଟ ବୁକିଂ କରିଥିଲେ। ସେ ୧୫ ତାରିଖ ରାତି ୧୦ଟାରେ ଲଣ୍ଡନରୁ ଉଡ଼ାଣ କରିଥିଲେ ଏବଂ ପରଦିନ ଭୋର୍ ୩ଟା ୧୫ରେ କ୍ଲୁଜ-ନାପୋକାରେ ପହଞ୍ଚିଥିଲେ, ଯେଉଁଠାରେ ସେ ଜନ୍ମ ହୋଇଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନିଜ ମନ ପସନ୍ଦର ଚକୋଲେଟ୍ କିଣିବା ସହ ବିଭିନ୍ନ ଶପିଂ କରିଥିଲେ ଓ କ୍ଲୁଜ୍-ନାପୋକା ସହରର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ଭ୍ରମଣ କରିଥିଲେ। ୧୬ ତାରିଖ ସନ୍ଧ୍ୟାରେ ସେ କ୍ଲୁଜ୍-ନାପୋକାର ଏୟାରପୋର୍ଟରେ ପହଞ୍ଚି ବିମାନରେ ବସିଥିଲେ ଏବଂ ରାତି ୧୧ଟାରେ ଲଣ୍ଡନରେ ପହଞ୍ଚିଥିଲେ। ମଧ୍ୟରାତ୍ରି ୧୨ଟା ସୁଦ୍ଧା ସେ ନିଜ ଘରେ ପହଞ୍ଚି ଯାଇଥିଲେ। ବିମାନ ଏବଂ ଶପିଂ ସମେତ ସମଗ୍ର ଯାତ୍ରା ପାଇଁ ତାଙ୍କୁ ମାତ୍ର ୧୫୦ ଡଲାର (ପ୍ରାୟ ୧୨,୫୦୦ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥିଲା ବୋଲି କେଟ୍ କହିଛନ୍ତି। ତେବେ କେବଳ ନିଜର ପ୍ରିୟ ଚକୋଲେଟ୍‌କୁ କିଣିବା ପାଇଁ ବ୍ରିଟେନ୍‌ରୁ ରୋମାନିଆ ଯାତ୍ରା କରିବା ନେଇ ସୋସିଆଲ ମିଡିଆରେ କେଟ୍ ସୂଚନା ଦେବା ପରେ ଏଥିରେ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହା ତାଙ୍କର ପାଗଳାମି ବୋଲି ତାଙ୍କୁ ଅନେକ ବନ୍ଧୁ କହିଥିବା ନେଇ କେଟ୍ ସୂଚନା ଦେଇଛନ୍ତି।

ସାଧାରଣତଃ ହଠାତ୍ ଯୋଜନା ପ୍ରସ୍ତୁତ କରି ଅନ୍ୟ ଏକ ଦେଶକୁ ବିମାନ ଯାତ୍ରା କରିବା ଏବଂ ଦିନକ ମଧ୍ୟରେ ସେଠାରେ ଉପଭୋଗ କରି ପୁଣି ବିମାନରେ ନିଜ ଦେଶକୁ ଫେରି ଆସିବାକୁ 'ଏକ୍ସଟ୍ରିମ୍ ଡେ ଟ୍ରିପ୍ସ' କୁହାଯାଇଥାଏ। କେଟ୍ କହିଛନ୍ତି, ସେ ପ୍ରଥମ ଥର ପାଇଁ ଏପରି ଏକ୍ସଟ୍ରିମ୍ ଡେ ଟ୍ରିପ୍ସ କରିନାହାନ୍ତି। ପୂର୍ବରୁ ସେ ଏହିପରି ୧୭ ଥର ଯାତ୍ରା କରିଛନ୍ତି, ଯେଉଁଥିରେ ସେ ହଠାତ୍ ଯୋଜନା ପ୍ରସ୍ତୁତ କରି ଦିନକ ମଧ୍ୟରେ କୌଣସି ଏକ ଦେଶ ଭ୍ରମଣ କରି ଲଣ୍ଡନ ଫେରି ଆସିଥାନ୍ତି।



ଅମୃତା ରାଓ

## 'ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି'

ମୁମ୍ବାଇ

ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅମୃତା ରାଓ ଅନ୍ୟତମ। ୨୦୦୩ରେ ରିଲିଜ୍ ହୋଇଥିବା 'ଇଶ୍କ୍ ୱିଶ୍କ୍' ଚଳଚ୍ଚିତ୍ର ମାଧ୍ୟମରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ଅମ୍ରିତା ରାତାରାତି ଷ୍ଟାର୍ ପାଲଟିଥିଲେ। ତେବେ ଏହାପରେ ତାଙ୍କୁ ବଲିଉଡ୍‌ରେ ବହୁବାର ରାଜନୀତିର ଶିକାର ହେବାକୁ ପଡ଼ିଥିବା ନେଇ ବୁଧବାର ଅମୃତା ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ପୋଡ୍‌କାଷ୍ଟ 'ଦି ରଣବୀର ଶୋ'ରେ କହିଛନ୍ତି। ଅମୃତା କହିଛନ୍ତି, ଅନ୍ୟ କ୍ଷେତ୍ର ପରି ବଲିଉଡ୍‌ରେ ମଧ୍ୟ ରାଜନୀତି ରହିଛି। 'ଇଶ୍କ୍ ୱିଶ୍କ୍' ଫିଲ୍ମର ସଫଳତା ପରେ ବଲିଉଡ୍‌ର କେତେଜଣ ବରିଷ୍ଠ ଅଭିନେତ୍ରୀ ଓ ଅଭିନେତା ତାଙ୍କୁ ଈର୍ଷା କରିବା ଆରମ୍ଭ କରିଥିଲେ। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଥିଲା ବୋଲି ପରେ ସେ ଜାଣିବାକୁ ପାଇଥିଲେ। ସେତେବେଳେ ଏହା ତାଙ୍କୁ ଖରାପ ଲାଗିଥିଲା। ତାଙ୍କ ସହ ଏପରି କାହିଁକି ଘଟୁଛି ବୋଲି ସେ ସବୁବେଳେ ଭାବୁଥିଲେ। ତେବେ ଧୀରେ ଧୀରେ ତାଙ୍କ ବିରୋଧରେ ହେଉଥିବା ରାଜନୀତିକୁ ସେ ଦୃଢ଼ତାର ସହ ମୁକାବିଲା କରିବା ଶିଖିଥିଲେ ଏବଂ ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ। କାର୍ଯ୍ୟଦକ୍ଷତା ଦେଖାଇ ସଫଳତା ହାସଲ କଲେ ରାଜନୀତିର ଶିକାର ହେବାକୁ ପଡ଼ିଥାଏ ବୋଲି ଅମୃତା କହିଛନ୍ତି। ପ୍ରକାଶ ଯେ, ନିକଟରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ଶିଙ୍କ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମରେ ଅମୃତାଙ୍କୁ ଦେଖିବାକୁ ମିଳିଥିଲା।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: କଂଗ୍ରେସ



ଲୋୟର ପିଏମ୍‌ଜିରେ ମହିଳା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ।

## ବିଧାନସଭା ଭିତରେ ଓ ବାହାରେ ନାରୀ ନିଆଁ

### ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ

ଭୁବନେଶ୍ୱର,୨୪।୯
(ରବିନାରାୟଣ ଜେନା)

ବିଧାନସଭାର ମୌସୁମୀକାଳୀନ ଅଧିବେଶନରେ ବୁଧବାର ଗୃହ ଭିତରେ ଓ ବାହାରେ ନାରୀ ନିଆଁ ଦେଖିବାକୁ ମିଳିଥିଲା। ଗୃହ ଭିତରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ସମସ୍ତ ସଦସ୍ୟମାନେ ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିବାବେଳେ ବିଧାନସଭା ବାହାରେ ମହିଳା କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ବିଶାଳ ବିକ୍ଷୋଭ କରାଯାଇଥିଲା।

ଗୃହର ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ କାଡାମ କହିଥିଲେ, ରାଜ୍ୟରେ ଦିନକୁ ଦିନ ମହିଳା ହିଂସା ବଢ଼ିବାରେ ଲାଗିଛି। ବାଲେଶ୍ୱର ଛାତ୍ରୀ ଆତ୍ମାହୁତିଠାରୁ ଆରମ୍ଭକରି ପୁରୀ ବଲଙ୍ଗା ପର୍ଯ୍ୟନ୍ତ ସବୁଠୁ ଛାତ୍ରୀ ନିର୍ଯାତିତା। ରାଜଧାନୀରେ ପୋଲିସ କନ୍‌ଷ୍ଟେବଲଙ୍କୁ ହତ୍ୟା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ପୋତାଯାଉଛି। ୪୪ ହଜାର ମହିଳା ରାଜ୍ୟରୁ ନିଖୋଜ ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ଗୃହ କମିଟି ଗଠନ କରାଯାଉ। ଆମେ ଗତ ଅଧିବେଶନରେ ଗୃହରେ ମହିଳାଙ୍କ ସୁରକ୍ଷା ଲାଗି ସ୍ୱର ଉଠାଇଥିଲୁ। କିନ୍ତୁ ଅଗଣତାନ୍ତ୍ରିକ ଭାବରେ ଆମର ସମସ୍ତ ୧୪ ସଦସ୍ୟଙ୍କୁ ନିଲମ୍ବନ କରିଦିଆଗଲା, ଯାହାର ପ୍ରତିବାଦରେ ଆମେ ଗୃହରେ ଧାରଣାଦେଲୁ। ମାତ୍ର ଆମକୁ ବାହାର ଗୁଣ୍ଡା ଲଗାଇ ଅକଥନୀୟ ନିର୍ଯାତନା ଦିଆଗଲା। ଏ ଗୃହ ବିଧାୟକଙ୍କୁ ସୁରକ୍ଷା ଦେବା ପାଇଁ, କିନ୍ତୁ ଆମକୁ ଏଠି ମାଡ଼ ମରାଗଲା।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସୋଫିଆ ଫିର୍ଦୋସ ସମାନ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କଠାରୁ ନ୍ୟାୟ ମାଗିଥିଲେ। ବାଚସ୍ପତି ଏହି ଘଟଣାର ତଦନ୍ତ କରି ଜିନିଷ ଫେରାଇବା ସହ ନ୍ୟାୟ ଦିଅନ୍ତୁ। ତାରା କହିଥିଲେ, ଏନେଇ ସଂସଦୀୟ ମନ୍ତ୍ରୀଙ୍କଠାରୁ ନେଇ ଗୃହ ସଚିବ ଓ ପୋଲିସ ଡିଜିଙ୍କୁ ଅବଗତ କଲି, ହେଲେ କେହି ଶୁଣୁ ନାହାନ୍ତି। ଇତିହାସ କେବେ ବି ଭୁଲିବ ନାହିଁ। ବାଚସ୍ପତିଙ୍କର ଏଭଳି ନିଷ୍ପତ୍ତିକୁ ନେଇ ସୋଫିଆ କହିଥିଲେ, ଭୁବନେଶ୍ୱରରୁ ଜଣେ ମହିଳା କନ୍‌ଷ୍ଟେବଲଙ୍କୁ ଉଠାଇନେଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ମାରି ଦେଉଛନ୍ତି। ଏଥିରୁ ଜଣାପଡୁଛି ରାଜ୍ୟରେ ମହିଳା କେତେ ସୁରକ୍ଷିତ। ଆମେ ମହିଳାଙ୍କ ପାଇଁ ସୁରକ୍ଷା ମାଗିଲୁ କିନ୍ତୁ ଆମକୁ ନିଲମ୍ବନ କରାଗଲା। ଏହା କି ଗଣତନ୍ତ୍ର ବୋଲି ସେ ପ୍ରଶ୍ନ କରିଥିଲେ। ବାଚସ୍ପତି କଂଗ୍ରେସ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ କିଛି ନ କହିବାରୁ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ।

ଅନ୍ୟପକ୍ଷରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟରେ ମହିଳା ଅତ୍ୟାଚାର, ବଳାତ୍କାର ଓ ହତ୍ୟା ପ୍ରତିବାଦରେ ବିଧାନସଭା ଘେରାଉ କରାଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ୍‌କ୍ରମେ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ବେଳେ ଲୋୟର ପିଏମ୍‌ଜିଠାରେ ପୋଲିସ ଅଟକାଇଥିଲା। ଫଳରେ ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ପୋଲିସ ବିକ୍ଷୋଭସ୍ଥଳରୁ ମହିଳା କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା। ହଜାର ହଜାର ମହିଳା କଂଗ୍ରେସ କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ କହିଛନ୍ତି, ବିଧାନସଭା ଘେରାଉ ମାଧ୍ୟମରେ ମହିଳା କଂଗ୍ରେସ ଓଡ଼ିଶାରେ ଉପେକ୍ଷିତା, ଅତ୍ୟାଚାରିତ, ନିର୍ଯାତିତ ମହିଳାଙ୍କର ସ୍ୱରକୁ ବ୍ୟକ୍ତ କରିଛି। ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦିନକୁ ୧୫ ମହିଳା ଗଣବଳାତ୍କାରର ଶିକାର ହେଉଥିବା ବେଳେ ମୋହନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ, ହଷ୍ଟେଲରେ ଏପରିକି ମହିଳା ଆଶ୍ରମରେ ଛାତ୍ରୀମାନେ ମଧ୍ୟ ସୁରକ୍ଷିତ ନାହାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହିତ ବିଧାୟକ ତାରାପ୍ରସାଦ ବାହିନୀପତି, ଦାଶରଥି ଗମାଙ୍ଗୋ, ରାଜନ ଏକ୍କା, ମଙ୍ଗୁ ଖିଲ, ପବିତ୍ର ସାଉଁତା, ଅଶୋକ ଦାସ, ସୋଫିଆ ଫିର୍ଦୋସ ପ୍ରମୁଖ ସାମିଲ ଥିଲେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଦୁଗ୍ଧ ଚାଷୀ ଓ ଯାଦବମାନଙ୍କ ବିକ୍ଷୋଭ, ସ୍ଥାନ: ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋକସେବା କନ୍‌ଭେନ୍‌ଶନ୍ ସେଣ୍ଟର , ସମୟ: ଅପରାହ୍ନ ୧ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ରାଷ୍ଟ୍ରବାଦୀ ଜନନାୟକ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ତୃତୀୟ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ଚୌଦ୍ୱାର ରୂପଯାତ୍ରା ପଡ଼ିଆ, ସମୟ: ସକାଳ ୭ଟା ୩୦।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ଚତୁର୍ଥ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଫାର୍ମାସୀ ଅଫିସର୍ସ ସର୍ଭିସ ଆସୋସିଏଶନ କଟକ ଶାଖା ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ନବମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ଇଂ. ସରୋଜ କୁମାର ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କାସିମପୁର ଆଦିବାସୀ ସାହି, ଫୁଲାଡ଼ି, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଗବେଷଣା ଓ ପ୍ରକାଶନ ନୀତି–୨୦୨୫ ସମ୍ପର୍କିତ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଗୋଷ୍ଠୀ ସହାୟିକାଙ୍କ ୩ୟ ଦିନ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ,ସ୍ଥାନ:କୁଆଁସ, ଭଦ୍ରକ, ସମୟ:ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି,ସ୍ଥାନ: କୁଆଁସ,ସମୟ:ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଶୀର୍ଷା,ସମୟ:ପୂର୍ବାହ୍ନ ୧୦ଟା।
- ସୀମାନ୍ତ ଫାର୍ମାସୀ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ: କଲେଜ ପରିସର, ଝାରପୋଖରିଆ,ସମୟ:ପୂର୍ବାହ୍ନ ୧୦ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ ଦୁର୍ଗାପୂଜା ମଣ୍ଡପ, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- 'ସ୍ୱଚ୍ଛତା ହିଁ ସେବା'ରେ ସଫେଇ ଅଭିଯାନ, ସ୍ଥାନ: ବସଷ୍ଟାଣ୍ଡ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ, ବାଲିଗୁଡ଼ା, ସମୟ: ସକାଳ ୮ ଟା ୩୦।

## ଢେଙ୍କାନାଳ
- ସିଟି ଓ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ମେରିଟାଇମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଜଜାଙ୍ଗ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ବିମଳାଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ସତ୍ୟ ସାଇ ବାବାଙ୍କର ବିଦ୍ୟାପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ପିମ୍ପଲ, ଯଦୁପୁର ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା ।
- ନାରାୟଣୀଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ନବମ ଦିବସ, ସ୍ଥାନ:ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ଅପରାହ୍ନ ୫ଟା ।

## ରାୟଗଡ଼ା
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସର, ସମୟ: ସକାଳ ୯ ଟା ।
- ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ଗ୍ରହଣ, ସ୍ଥାନ: ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ମୁନିଗୁଡା ପୋଲିସ ଷ୍ଟେଶନ ପରିସର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର
- ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ସାଇକେଲ ଶୋଭାଯାତ୍ରା, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପଡ଼ିଆ, ସମୟ: ସକାଳ ୭ଟା।
- କୋରାପୁଟ ଜିଲାର ଥିବା ୫ ଆଇଟିଆଇର ଗଭର୍ଣ୍ଣିଂ ବଡି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- କୋରାପୁଟ ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- . ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୭ଟା।
- ଦଲେଇପଡା ରାବଣ ପୋଡି କମିଟିର ବୈଠକ, ସ୍ଥାନ : ଦଲେଇପଡା, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- . ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଡିଆବାହାଲ ମଣ୍ଡଳ ଆୟୋଜନରେ ଶ୍ରୀବିଜୟା ଦଶମୀ ଉତ୍ସବ, ସ୍ଥାନ : ପଡିଆବାହାଲ ସାପ୍ତାହିକ ପରିସର, ସମୟ ଅପରାହ୍ନ ୩ଟା ।
- . ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଲା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ରାତି ୭ଟା ।

## ବରଗଡ଼
- ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ୩୦ ।
- ରକ୍ତଦାନ ଶିବିର, ସ୍ଥାନ: ଜମଲା ଡିଗ୍ରୀ କଲେଜ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା
- ସୁପ୍ରିୟା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା ।

## କଳାହାଣ୍ଡି
- ଭାଜପାର ବୃକ୍ଷରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା ।

## ବୌଦ୍ଧ
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୌଦ୍ଧ, ସମୟ: ସକାଳ ୮ଟା ।
- ସେବାପକ୍ଷ ଅବସରରେ ପ୍ରଦର୍ଶନୀ, ସ୍ଥାନ: ମାଉସୀ ମା' ମନ୍ଦିର ବୌଦ୍ଧ, ସମୟ: ସକାଳ ୯ଟା ।

## ଦେବଗଡ଼
- ନବରାତ୍ର ପୂଜା ଚତୁର୍ଥ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୮ଟା ।
- ମା' ସୁରେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ, ସ୍ଥାନ:ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦ ।
- ନବାହ୍ନ ପାରାୟଣର ଅଷ୍ଟମ ଦିବସ,ସ୍ଥାନ: କର୍ଡାପାଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା ।
- ନବରାତ୍ରର ଚତୁର୍ଥ ଦିବସ ପୂଜାର୍ଚ୍ଚନା,ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନବମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା ।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମା' ବିଶ୍ରାମା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ଖୁସିରେ ବିତାଇବେ। ଜମିଜମା, ଗାଡିମୋଟର, କରଜ ଟଙ୍କାପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇ ଯିବେ।

**ବୃଷ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ସମ୍ପର୍କୀୟଙ୍କ ସହାନୁଭୂତି ଲାଭକରି ଆଶ୍ୱସ୍ତି ଅନୁଭବ କରିବେ। ହିତୈଷୀମାନଙ୍କ ସହଯୋଗରେ ପୂର୍ବପରିକଳ୍ପିତ ନୂତନଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। କୃତ୍ତିକା ନକ୍ଷତ୍ର ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** – ପାରିବାରିକ ଭୁଲ୍ ବୁଝାମଣାରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟରେ ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ। ମୃଗଶିରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ** – ମାନସିକ ଶିଥିଳତାଜନିତ କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜଭୁତ ରହିବ। ପୁନର୍ବସୁ ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ** – ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଆପଣଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରାଇପାରନ୍ତି। ମଘା ନକ୍ଷତ୍ର କିଛି କହିବା ଓ କରିବା କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବାର ପରିବେଶ ସୃଷ୍ଟି ହେବ।

**କନ୍ୟା** – ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ର ଅର୍ଥ ସାଙ୍ଗକୁ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାଲାଭ କରିବେ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇପାରିବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାରରେ ପିଲାଙ୍କ କାର୍ଯ୍ୟକଳାପରୁ ମନସ୍ତାପ କରିପାରନ୍ତି।

**ତୁଳା** – ଆଶା ଓ ଅଭିଳାଷ ପୂରଣ କରିବାରେ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ଚିତ୍ରା ନକ୍ଷତ୍ର ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** – ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ଆଜି ଦୂରଯାତ୍ରା କରିବାକୁ ପଡ଼ିପାରେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟ, ପରିବହନ, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରୁ ସନ୍ତୋଷଜନକ ଫଳ ପାଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହେବ।

**ଧନୁ** – ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ଉତ୍ତରାଷାଢ଼ା ନକ୍ଷତ୍ର ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ର କିଛିଟା ସ୍ୱାର୍ଥତ୍ୟାଗ କରିବା ଦ୍ୱାରା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟାଇପାରିବେ।

**କୁମ୍ଭ** – ଆଜି ଶତଭିଷା ନକ୍ଷତ୍ର କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଲାଗି ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ମୀନ** – ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁ ସମସ୍ୟା ସମାଧାନ ବଦଳରେ ବଢ଼ାଇଦେବେ। ରେବତୀ ନକ୍ଷତ୍ର ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ସେପ୍ଟେମ୍ବର ୨୫ ତାରିଖ, ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫.୩୯ ଗତେ ଘ. ୦୭.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୩୭ ମଧ୍ୟେ ରାହୁ କାଳ।

# ହାଇୱା ମାଡ଼ିଯାଇ ୩ ମୃତ

ଦିଗପହଣ୍ଡି,୨୪।୯(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି–ଆସିକା ୩୨୬ ନଂ.ଜାତୀୟ ରାଜପଥର ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ହାଇୱା (ନଂ.ଓଡି ୦୫ ଏଫ – ୯୦୦୧) ମାଡ଼ିଯିବାରୁ ୩ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଅଞ୍ଚଳ କଲୋନୀର ଅଶ୍ୱିନୀ କୁମାର ଦୋରା (୨୮),ବାଲକୃଷ୍ଣ ରେଡ୍ଡୀ(୪୨) ଓ ପନ୍ଦରା ସାହିର କାଳିଆ ବେହେରା(୩୨)। ଖବରରୁ ଜଣାପଡିଛି, ଏହି ୩ଜଣ ବାଇକ୍ ଯୋଗେ ପାଟପୁରରୁ ଦିଗପହଣ୍ଡି ଅଭିମୁଖେ ଯାଉଥିଲେ। ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ପଛରୁ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ୩ଜଣ ରାସ୍ତାକଡକୁ ଛିଟିକି ପଡିଥିଲେ। ଖବରପାଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ୩ ବ୍ୟକ୍ତିଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ହାଇୱା ଚାଳକ ଘଟଣା ସ୍ଥଳରୁ କିଛି ଦୂରରେ ରାସ୍ତା କଡର ଏକ ଜମିରେ ଗାଡ଼ି ରଖି ଫେରାର ହୋଇଯାଇଛନ୍ତି। ହାଇୱାଟି ୩୨୬ ନଂ. ଜାତୀୟ ରାଜପଥ ଆସିକା–ଢଉଗାଁଠାରୁ ପୋଡାମାରି ଯାଏ ୪୦ କି.ମି. ରାସ୍ତା ଦୋହରୀକରଣ କାର୍ଯ୍ୟରେ ନିୟୋଜିତ ଥିବା କଟକର ଏକ ଠିକାସଂସ୍ଥାର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲଙ୍କା ମରିଚ**
**ମତେ ଦେଖିକରି ଜଳି ଯାଉଛ।**
ସାଧାରଣତଃ ଲଙ୍କା ଖାଇଲେ ପାଟି ରାଗରେ ଜଳିଯାଇଥାଏ। ସେହିପରି କିଛି ବ୍ୟକ୍ତି ଅନ୍ୟକୁ ଦେଖିଲା ମାତ୍ରେ ବିନା କାରଣରେ ରାଗରେ ଜଳିଯାଇଥାନ୍ତି। ଲଙ୍କା ଓ କ୍ରୋଧି ବ୍ୟକ୍ତିଙ୍କ ପ୍ରକୃତି ସମାନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲାଜ ନାହିଁ ନିର୍ଲଜକୁ**
**ଶୁଖିଲା ମାଟିରେ କଠଉ ମଡ଼ାଏ**
**ଠକ ଠକ ଶୁଭିବାକୁ।**
ଶୁଖିଲା ଭୂମି ଉପରେ କଠଉ ମାଡ଼ିଲେ ଠକ ଠକ ଶବ୍ଦ ହେବା ସ୍ୱାଭାବିକ। ପରୋକ୍ଷରେ କିଛି ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ଦେଖେଇ ହେବାକୁ ଏପରି ଆଚରଣ କରିଥାନ୍ତି। ଲୋକଙ୍କର ଦେଖାଣିଆ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦିନକ ଆଗରୁ ସରିଲା ବିଧାନସଭା

- ୨ ବିଲ୍, ଗୋଟିଏ ସଂକଳ୍ପ ପାରିତ
- ୭ କାର୍ଯ୍ୟଦିବସରୁ ୬ ଦିନ ଚାଲିଲା
- ହୋହଲ୍ଲାରେ ଧୋଇଗଲା ୪ଦିନ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ବିଧାନସଭା ମୌସୁମୀ ଅଧିବେଶନକୁ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା। ହେଲେ ଗୃହର ଆଉ କୌଣସି ବିଜ୍‌ନେସ୍ ନ ଥିବା ଯୋଗୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏକ ମୋଶନ ଆଣିଥିଲେ। ପାର୍ବଣ ପାଇଁ ଗୃହକୁ ଦିନକ ପୂର୍ବରୁ ବନ୍ଦ କରାଇବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ମୋଶନ ପାସ୍ କରାଇବାରେ ଅଧିକ ସଦସ୍ୟଙ୍କ ସମର୍ଥନ ରହିବା ଯୋଗୁ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରାଯାଇଛି।

ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଥିଲା। ୫ ଦିନ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିପାରି ନ ଥିଲା। ପ୍ରଥମ ୩ ଦିନ ଯାଏ ଗୃହ ଚଲାଇବା ସମ୍ଭବପର ହୋଇପାରି ନ ଥିଲା। ୪ର୍ଥ ଦିନର ପୂର୍ବାହ୍ନରେ ମଧ୍ୟ ପାରିତ ହୋଇଥିଲା। ଏହି ସମୟରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ନ ଥିବା ସତ୍ତ୍ୱେ ସରକାରୀ ଦଳ ପକ୍ଷରୁ ଏହାକୁ ପାରିତ କରାଯାଇଥିଲା। ସେହିପରି ଷଷ୍ଠ ଦିନ କିନ୍ତୁ କିଛି ସମୟ କଂଗ୍ରେସ ସଦସ୍ୟଙ୍କ ନାରାବାଜିରେ ଗୃହ ଅଚଳ ହୋଇଥିବାବେଳେ ବାକି ସମ୍ପୂର୍ଣ୍ଣ ସମୟ ଗୃହ କାର୍ଯ୍ୟ ବିନା ବିରୋଧ ଭିତରେ ଚାଲିଥିଲା। ପୂର୍ବାହ୍ନରେ ପ୍ରଶ୍ନକାଳ, ଶୂନ୍ୟକାଳ ଆଦି ସବୁ ଠିକ୍‌ଠାକ୍ ଚାଲିଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଉପରେ ଗୃହରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାପରେ ଏହି ବିଲ୍ ଗୃହରେ ପାରିତ ହେବାସହ ରାତି ୯.୧୯ ମିନିଟ୍‌ରେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବି ଘୋଷଣା ହୋଇଥିଲା। ଏହି ୬ ଦିନିଆ କାର୍ଯ୍ୟଦିବସ ଭିତରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି।

ଗୃହ ସ୍ୱାଭାବିକ ହୋଇପାରି ନ ଥିବା ବେଳେ ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ପରେ ଦୁଇଟି ବିଲ୍ ଏବଂ ଗୋଟିଏ ସଂକଳ୍ପ ଆଗତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ୨୦୨୫ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଆଗତ କରାଯାଇଥିଲା। ଏହାସହ ଜିଏସ୍‌ଟିରେ ସଂସ୍କାର ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ଆଗତ କରାଯାଇଥିଲା। ୫ମ ଦିନ ପୂର୍ବାହ୍ନରେ ବିରୋଧୀ ଗୃହ କାର୍ଯ୍ୟ ଚଳାଇଦେଇ ନ ଥିଲେ। ଅପରାହ୍ନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ପାରିତ ହୋଇଥିଲା। ଏହାସହ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ

## ପ୍ରଥମ ପୃଷ୍ଠାରୁ...

### ଲେହ୍‌ରେ ...
ଅନଶନ ଭାଙ୍ଗିବା ସହ ଲଦାଖର ଯୁବପିଢ଼ିଙ୍କୁ ହିଂସା ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ପୋଲିସ ପ୍ରଥମେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। କିନ୍ତୁ ସ୍ଥିତି ସଙ୍ଗିନ ହେବା ଆଶଙ୍କାରେ ପରେ ଗୁଳିମାଡ଼ କରିଥିଲା। ତେବେ ବିକ୍ଷୋଭକାରୀମାନେ ଶାନ୍ତ ରୁହନ୍ତୁ ବୋଲି ୱାଙ୍ଗ୍‌ଚୁକ ନିଜ X ହ୍ୟାଣ୍ଡଲରେ କହିଛନ୍ତି।

ସମ୍ବିଧାନର ଷଷ୍ଠ ପରିଚ୍ଛେଦ ୪ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମର ଆଦିବାସୀ ଜନସଂଖ୍ୟା ପାଇଁ ଉଦ୍ଦିଷ୍ଟ। ତଦନୁଯାୟୀ ଏହି ରାଜ୍ୟଗୁଡ଼ିକ ଅଟୋନମସ୍ କାଉନ୍‌ସିଲ ଜରିଆରେ ପ୍ରଶାସନିକ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ କ୍ଷମତା, ସ୍ୱାୟତ୍ତ ଶାସନ, ବିକଳ୍ପ ନ୍ୟାୟିକ ବ୍ୟବସ୍ଥା ଓ ଆର୍ଥିକ କ୍ଷମତାର ପ୍ରୟୋଗ କରି ସ୍ୱତନ୍ତ୍ର ସୁବିଧା ହାସଲ କରିଥାନ୍ତି। ଅକ୍ଟୋବର ୬ରେ ଏଲ୍‌ଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ (କେଡିଏ) ସଦସ୍ୟଙ୍କୁ ନେଇ ଲଦାଖର ଏକ ପ୍ରତିନିଧି ଦଳ ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଆଲୋଚନା ହେବାକୁ ଥିବାବେଳେ ଲଦାଖକୁ ଷଷ୍ଠ ପରିଚ୍ଛେଦରେ ସାମିଲ ପାଇଁ ଦାବି ଜୋର୍ ଧରିଛି।

### ଆଇଟିଡିଏରେ ୧୪୮.୭୫...
ଆଇଟିଡିଏରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଣଦେଖା କରାଯାଇଛି। ଆଇଟିଡିଏରେ ୩.୭୪ କୋଟି ଟଙ୍କାର ସାମଗ୍ରୀ କିଣାଯାଇଛି। ଏହି ଆଇଟିଡିଏ ପାଇଁ ମାତ୍ର ୭୩.୭୦ ଲକ୍ଷ ଟଙ୍କାର ଅନୁମୋଦନ ରହିଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନେ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଅଗୋଚରରେ କିଭଳି ୩.୭୪କୋଟି ଟଙ୍କାର ସାମଗ୍ରୀ ବିନା ଟେଣ୍ଡରରେ କିଣିଲେ, ତାହା ସନ୍ଦେହ ସୃଷ୍ଟି କରୁଛି। ଏପରି କି ଏହି ସାମଗ୍ରୀ କ୍ରୟବେଳେ ଗୋଟିଏ ସଂସ୍ଥାଠାରୁ ୨.୦୯ କୋଟି ଟଙ୍କାର ସାମଗ୍ରୀ ବେଆଇନ ଭାବେ କିଣାଯାଇଛି ବୋଲି ମହାଲେଖାକାର ସ୍ପଷ୍ଟ କରିଛନ୍ତି।

### ଡାକ୍ତରୀ ପଢ଼ିବେ ନାହିଁ...
ଆତ୍ମହତ୍ୟା କରିଛନ୍ତି। ଡାକ୍ତର ହେବାକୁ ନ ଚାହିଁ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି ଅନୁରାଗଙ୍କ ସୁଇସାଇଡ୍ ନୋଟ୍‌ରୁ ହସ୍ତଗତ ହୋଇଛି।

ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାର ନାୱରଗ୍ରାମ ନିବାସୀ ଅନୁରାଗ ଅନିଲ ବୋରକାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରୁଛନ୍ତି। ନିକଟରେ ସେ ୯୯.୯୯ ପର୍ସେଣ୍ଟାଇଲ ସହ ଏନ୍‌ଇଇଟି ୟୁଜି ୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ଏବଂ ଓବିସି ବର୍ଗରେ ତାଙ୍କ ଅଲ୍ ଇଣ୍ଡିଆ ର୍ୟାଙ୍କ୍ ୧୪୭୫ ଥିଲା। ଫଳରେ ଏମ୍ସ ଗୋରଖପୁରରେ ନାମ ଲେଖାଇବା ପାଇଁ ତାଙ୍କୁ ସିଟ୍ ମିଳିଥିଲା। ବୁଧବାର ନାମଲେଖା ପାଇଁ ପରିବାର ସହ ଅନୁରାଗଙ୍କୁ ଉତ୍ତରପ୍ରଦେଶର ଗୋରଖପୁର ଯିବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଅନୁରାଗଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରିବାରଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁରାଗଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି। ସୁଇସାଇଡ୍ ନୋଟ୍‌ରେ ଅନୁରାଗ ଲେଖିଛନ୍ତି, ଡାକ୍ତର ହେବାକୁ ଇଚ୍ଛା ନ ଥିଲା। ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୫ ବର୍ଷ ଧରି ପଢ଼ିବାକୁ ଚାହୁଁ ନ ଥିଲି। ଜଣେ ବ୍ୟବସାୟୀ ମଧ୍ୟ ଡାକ୍ତରଙ୍କ ଅନୁରୂପ ଭାବେ ଭଲ ରୋଜଗାର କରିପାରିବେ ବୋଲି ଅନୁରାଗ ଏହି ସୁଇସାଇଡ୍ ନୋଟ୍‌ରେ ଦର୍ଶାଇଛନ୍ତି। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଆତ୍ମହତ୍ୟାକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

ସମ୍ପ୍ରତି ଅନେକ ଛାତ୍ରୀଛାତ୍ର ନିଜ ଏକାଡେମିକ୍ କ୍ୟାରିୟରକୁ ନେଇ ଚାପରେ ରହୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ମାନସିକ ରୋଗ ବିଶେଷଜ୍ଞ କହିଛନ୍ତି। ମାନସିକ ଚାପ କମାଇବା ପାଇଁ ଛାତ୍ରୀଛାତ୍ର ନିଜ ପରିବାର ଓ ବନ୍ଧୁଙ୍କ ସହ ଅଧିକରୁ ଅଧିକ ଖୋଲାଖୋଲି କଥା ହେବା ଉଚିତ। ନିଜ ଭାବନା ବାଣ୍ଟିବା ଦ୍ୱାରା ଏକଲାପଣ କମ୍ ହୋଇଥାଏ ବୋଲି ବିଶେଷଜ୍ଞ କହିଛନ୍ତି।

### ଫେବୃଆରୀ ୧୭ରୁ ...
ହୋଇ ମାର୍ଚ୍ଚ ୯ ଯାଏ ଚାଲିବ। ସେହିପରି ସିବିଏସ୍‌ଇ ସିନିୟର ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ଦ୍ୱାଦଶ) ଏପ୍ରିଲ ୯ରେ ଶେଷ ହେବ। ପରୀକ୍ଷା ଶେଷ ହେବାର ୧୦ଦିନ ପରେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଏହା ୧୨ଦିନ ଭିତରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ପରୀକ୍ଷା ନିୟନ୍ତ୍ରକ ଡ. ଭରଦ୍ୱାଜ ସୂଚନା ଦେଇଛନ୍ତି।

### ଆମେରିକା ଟାରିଫ୍ ...
୨୨ହଜାର ୩୬୬ ଟନ୍ ହୋଇଥିଲା। କାନାଡାକୁ ୨୦୨୦ ଟନ୍ ରପ୍ତାନି ହୋଇଥିବାବେଳେ ଅନ୍ୟାନ୍ୟ ୧୫ଟି ଦେଶକୁ ମାଛ ରପ୍ତାନି କରାଯାଉଛି। ତେବେ ଏହି ମାଛ ରପ୍ତାନି ବାବଦକୁ ସର୍ବାଧିକ ୧୬୯.୮୩ ମିଲିଅନ ଡଲାର ଅର୍ଥାତ୍ ୧୪୨୦.୪୧ କୋଟି ଟଙ୍କା ଆମେରିକାରୁ ମିଳିଥିବା ବେଳେ ଚାଇନା ୧୧୪.୩୫ ମିଲିଅନ ଡଲାର ଅର୍ଥାତ୍ ୯୫୩.୮୯ କୋଟି ଟଙ୍କା ରପ୍ତାନି ବାବଦକୁ ଦେଇଥିବା ଜଣାପଡ଼ିଛି।

# ଏମ୍‌ସିଏଲ୍‌ର ଜମି ଅଧିଗ୍ରହଣ ସମସ୍ୟା ସମାଧାନ

ତାଲଚେର,୨୪।୯ (ମନୋଜ ନନ୍ଦ)

ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଯୋଗୁ ଦୀର୍ଘବର୍ଷ ଧରି ପଡ଼ିରହିଥିବା ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇଥିବା ଏମ୍‌ସିଏଲ୍ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି, ରିଟ୍ ଅପିଲ ନଂ. ୩୪/୨୦୧୫ (ଗଦାଧର ବିଶ୍ୱାଳ ଓ ଅନ୍ୟ ବନାମ ଏମ୍‌ସିଏଲ୍)ର ବିଚାର କରି ହାଇକୋର୍ଟ ଏମ୍‌ସିଏଲ୍ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମିକୁ ଅଧିକାର କରିବା ପାଇଁ ଏକ ଆଦେଶ ପାରିତ କରିଛନ୍ତି। ଏଥିସହ ଏକ ମାସ ମଧ୍ୟରେ ୨୫ ଜଣ କ୍ଷତିଗ୍ରସ୍ତଙ୍କୁ ସାମୂହିକ ଆବାସ ପ୍ରଦାନ କରିବା ଏବଂ ପୁନର୍ବାସସ୍ଥଳର ବଳକା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏମ୍‌ସିଏଲ୍‌କୁ ପରାମର୍ଶ ଦେଇଛନ୍ତି। ଏକମାସ ମଧ୍ୟରେ ଅଧିଗ୍ରହଣ କରାଯାଇଥିବା ଜମିକୁ ଏମ୍‌ସିଏଲ୍‌କୁ ହସ୍ତାନ୍ତର କରିବାକୁ ହାଇକୋର୍ଟ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଁସମୂଳ ଗ୍ରାମ ଅଧୀନରେ ଥିବା ତଳସାହିର ଏହି ବିଚାରାଧୀନ ପ୍ରସଙ୍ଗ ଯୋଗୁ ୨୦୧୫ ମସିହାରୁ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଓପନକାଷ୍ଟ ପ୍ରକଳ୍ପର ସମ୍ପ୍ରସାରଣ ପ୍ରଭାବିତ ହୋଇଥିଲା। ୨୦୧୪ରେ ହେଁସମୂଳ ତଳସାହିର ୧୦୨ ଜଣ ବାସିନ୍ଦା ଅତିରିକ୍ତ ସୁବିଧା ଦାବି କରି ଆଇନର ଆଶ୍ରୟ ନେଇଥିଲେ। ଏମ୍‌ସିଏଲ୍ ଦ୍ୱାରା ଓଡ଼ିଶା ସରକାରଙ୍କ ଆର୍ ଆଣ୍ଡ ଆର୍ ବ୍ୟବସ୍ଥା ଅନୁଯାୟୀ ସମସ୍ତ ଯୋଗ୍ୟ ଜମି ହରାଇଥିବା ଲୋକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ, ନିଯୁକ୍ତି ଏବଂ ପୁନର୍ବାସ ପ୍ଲଟ ପ୍ରଦାନ କରାଯାଇଥିଲ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଖଣି ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହାର କୋଇଲା ଉତ୍ପାଦନ ବୃଦ୍ଧି କରିପାରିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।




# ସବୁ ଉପଖଣ୍ଡରେ ହେବ ଶୀତଳଭଣ୍ଡାର: କୃଷିମନ୍ତ୍ରୀ

ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)

## ପ୍ରଶ୍ନକାଳରେ ରଣେନ୍ଦ୍ର-କେ.ଭି. ମୁହାଁମୁହିଁ

ରାଜ୍ୟର ସମସ୍ତ ଉପଖଣ୍ଡରେ ଶୀତଳଭଣ୍ଡାର ସରକାରୀ ଘରୋଇ ସହଭାଗିତା(ପିପିପି)ରେ ନିର୍ମାଣ ହେବ। ଯଦି ଉପଖଣ୍ଡରୁ ଏକାଧିକ ଆବେଦନ ଆସିବ ତାହାକୁ ମଧ୍ୟ ବିଭାଗ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ବୁଧବାର ବିଧାନସଭାର ପ୍ରଶ୍ନକାଳ ସମୟରେ ମୂଳ ପ୍ରଶ୍ନକର୍ତ୍ତା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସୁଦ୍ଧା ୧୨ ଉପଖଣ୍ଡରେ ନୂତନ ଶୀତଳଭଣ୍ଡାର ସ୍ଥାପନ ଏବଂ ଗୋଟିଏ ପୁରୁଣା ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ସେଥିମଧ୍ୟରେ ଆଠଗଡ଼ ସମେତ ବାଲେଶ୍ୱର, ବରଗଡ଼, ବାରିପଦା, ବୌଦ୍ଧ, ଯାଜପୁର, ଜୟପୁର, ଖୋର୍ଦ୍ଧା, ପାନପୋଷ, ପୁରୀ, ରାୟଗଡ଼ା, ସୁବର୍ଣ୍ଣପୁରରେ ନୂତନ ଶୀତଳଭଣ୍ଡାର ହେବାକୁ ଥିବାବେଳେ ଚମ୍ପୁଆରେ ଥିବା ପୁରୁଣା ଶୀତଳଭଣ୍ଡାର ପୁନରୁଦ୍ଧାର ହେବାକୁ ରହିଛି।

ବିଧାୟକ ରଣେନ୍ଦ୍ର ପାଲଟା ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ଚାଷୀମାନେ ସାର ପାଇଁ ହାଉ ହାଉ ହେଉଛନ୍ତି। ମାତ୍ର ସରକାର ଚାଷୀଙ୍କୁ ତାହା ଯୋଗାଇପାରୁ ନାହାନ୍ତି। କିନ୍ତୁ ସବୁ ଉପଖଣ୍ଡରେ ଶୀତଳଭଣ୍ଡାର କରିବେ ବୋଲି କହୁଛନ୍ତି କହି କଟାକ୍ଷ କରିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାର ୨୪ ବର୍ଷ ରହିଥିଲା, କେତେ ଶୀତଳଭଣ୍ଡାର କରିଛି ତାହା ସମସ୍ତେ ଜାଣିଛନ୍ତି। ଏପରିକି ନିଜେ ରଣେନ୍ଦ୍ର ଭାଇ ମନ୍ତ୍ରୀ ଥିବାବେଳେ କିଛି କଲେନାହିଁ। ଏବେ ଆମ ବେଳକୁ ଯେଉଁ କଥା କହୁଛନ୍ତି, ଆମେ କିନ୍ତୁ ନିଶ୍ଚିତ କରିବୁ। କୃଷିକ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ଯାହା ଆବଶ୍ୟକ ତାହା କରିବୁ ବୋଲି ମନ୍ତ୍ରୀ କହିଥିଲେ। ଏପରିକି କେ.ଭି. କହିଥିଲେ ଯେ, ଯଦି କୌଣସି ଉପଖଣ୍ଡରୁ ଏକାଧିକ ଆବେଦନ ଆସେ ତାହାକୁ ମଧ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦେବେ।

ଏହି ସମୟରେ ରଣେନ୍ଦ୍ର ପୁଣି ପ୍ରଶ୍ନ କରିଥିଲେ। ସେ କହିଥିଲେ, ଯଦି କୌଣସି ଉପଖଣ୍ଡରୁ ନୂତନ ଶୀତଳଭଣ୍ଡାର ଲାଗି ପ୍ରସ୍ତାବ ନ ଆସେ ତେବେ ସେକ୍ଷେତ୍ରରେ ସରକାର ନିଜଆଡୁ ଶୀତଳଭଣ୍ଡାର କରିବେ କି? ମନ୍ତ୍ରୀ କହିଥିଲେ, ସରକାର ନିଶ୍ଚିତ ଭାବେ ଏଥିପ୍ରତି ଧ୍ୟାନଦେବେ। ତେବେ ରଣେନ୍ଦ୍ର ଭାଇ ରାଜ୍ୟରେ ସାର ଅଭାବ କଥା କହୁଛନ୍ତି। ବାସ୍ତବ କଥା ହେଲା ଏହା ବିରୋଧୀଙ୍କ ଦ୍ୱାରା ପ୍ରାୟୋଜିତ କୃତ୍ରିମ ଅଭାବ। ଏହାର ପ୍ରଭାବ ଧାନ ସଂଗ୍ରହ ବେଳେ ଦେଖିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଆଲୋଚନାରେ ଭାଜପା ବିଧାୟକ ସନାତନ ବିଜୁଳି ଓ ଦୁଷ୍ମନ୍ତ ସ୍ୱାଇଁ ଭାଗନେଇ ନିଜ ଅଞ୍ଚଳର ଶୀତଳଭଣ୍ଡାର କଥା ରଖିଥିଲେ।

# ଟ୍ରେନ୍ ଧକ୍କାରେ ୨ ଭାଇଙ୍କ ଜୀବନ ଗଲା

ରାଉରକେଲା,୨୪।୯ (ସଙ୍ଗୀତା ଜେନା)

## ମୋବାଇଲ ମରାମତି କରି ଘରକୁ ଫେରୁଥିଲେ

ମୋବାଇଲ ଫୋନ୍ ମରାମତି କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ଏକ ଯାତ୍ରୀବାହୀ ଟ୍ରେନ୍ ଧକ୍କା ଦେବାରୁ ମଙ୍ଗଳବାର ରାତିରେ ୨ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ହରିପୁର ବସ୍ତିର ରଞ୍ଜନ ପାତ୍ର (୧୮) ଏବଂ ସାନ ଭାଇ ଜଗନ ପାତ୍ର(୧୫)। ରଞ୍ଜନ ତାଙ୍କ ମା'ଙ୍କ ସହ ଏକ ହୋଟେଲରେ କାମ କରୁଥିବା ବେଳେ ଜଗନ ଉଦିତନଗର ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଥିଲେ। ରାଉରକେଲା ଜିଆର୍‌ପି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ବୁଧବାର ଅପରାହ୍ନ ୧ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୨ଟି ପୃଥକ୍ ମାମଲା (ନଂ.୭୯/୨୫ ଓ ନଂ.୮୦/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରଞ୍ଜନ ଓ ଜଗନ ତାଙ୍କ ଭଉଣୀଙ୍କ ସହ ଟ୍ରେନ ଲାଇନ୍ ପାର୍ଶ୍ୱ ହରିପୁର ବସ୍ତିରେ ରୁହନ୍ତି। ସେମାନଙ୍କ ବାପା ବାଲେଶ୍ୱରରେ ରହୁଛନ୍ତି। ଭଉଣୀ ଏକ ମୋବାଇଲ ଦୋକାନରେ କାମ କରନ୍ତି। ମଙ୍ଗଳବାର ରାତି ୯ଟାରେ ରଞ୍ଜନ ଓ ଜଗନ ଭଉଣୀଙ୍କୁ ଆଣି ଘରେ ଛାଡ଼ିବା ପରେ ମୋବାଇଲ ଫୋନ୍ ମରାମତି କରିବାକୁ ଉଦିତନଗର ଯାଇଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଉଭୟ ବାସନ୍ତୀ ଓଭରବ୍ରିଜ୍ ତଳ ଟ୍ରେନ ଲାଇନ ଅତିକ୍ରମ କରି ଘରକୁ ଫେରୁଥିବା ବେଳେ ବରସୁଆଁ-ବିରମିତ୍ରପୁର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଟ୍ରେନ୍ ଚାଳକ ରାଉରକେଲା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ସୂଚନା ଦେଇଥିଲେ। ଷ୍ଟେଶନ ମ୍ୟାନେଜରଙ୍କ ଏତଲା କ୍ରମେ ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଦର୍ଶକଙ୍କ ସହ 'ହୀର୍ ଏକ୍ସପ୍ରେସ୍' ଦେଖିଲେ ଦିଭିତା



ଦର୍ଶକଙ୍କ ଗହଣରେ ଅଭିନେତ୍ରୀ ଦିଭିତା ଜୁନେଜା।

ଭୁବନେଶ୍ୱର,୨୪।୯ (ଅନୁରାଧା ମହାରଣା)

ଚଣ୍ଡିଗଡ଼ର ଏକ ଥିଏଟରରେ ଅଭିନେତ୍ରୀ ଦିଭିତା ଜୁନେଜା ଦର୍ଶକଙ୍କ ସହ ନିଜ ଅଭିନୀତ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍' ଦେଖିଛନ୍ତି। ଦିଭିତାଙ୍କ ଉପସ୍ଥିତି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ତେବେ ତାଙ୍କ ସାଦାସିଧା ଆଚରଣ ଯୁବକ, ଶିଶୁ ଓ ବୟସ୍କ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଦର୍ଶକମାନେ କହିଛନ୍ତି, ତାଙ୍କର ହସ, କଥାବାର୍ତ୍ତା ଓ ଚାଲିଚଳଣ ଫିଲ୍ମ ଦେଖା ଅନୁଭୂତିକୁ ସ୍ମରଣୀୟ କରିଛି। ଦିଭିତା ମଧ୍ୟ ଦର୍ଶକଙ୍କ ସହ ସମୟ ବିତାଇ ଖୁସି ଥିବା କହିଛନ୍ତି। 'ହୀର୍ ଏକ୍ସପ୍ରେସ୍'ର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଦିଭିତା ଦର୍ଶକଙ୍କ ମନ କିଣୁଥିବାବେଳେ ବାସ୍ତବ ଜୀବନରେ ମଧ୍ୟ ଲୋକଙ୍କର ନିକଟତର ହୋଇପାରିଛନ୍ତି।

# ୭୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୪।୯ (ଦୁର୍ଯ୍ୟୋଧନ ପାତ୍ର)

## ଭୁଶୁଡୁଛି ମାଓବାଦୀ ସଙ୍ଗଠନ

ଦିନକୁ ଦିନ ମାଓବାଦୀ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ପୋଲିସ ନିକଟରେ ବୁଧବାର ୨୧ ମହିଳାଙ୍କ ସମେତ ୭୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ପୁରୁଷ ମାଓବାଦୀଙ୍କ ମଧ୍ୟରେ ୩୦ ଜଣ ହାର୍ଡକୋର ଥିବାବେଳେ ସେମାନଙ୍କ ନାମରେ ୬୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି, ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିଥିବାବେଳେ ଅନେକେ ଆତ୍ମସମର୍ପଣ କରିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଛତିଶଗଡ଼ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରି ମାଓବାଦୀ ସଙ୍ଗଠନକୁ ଧ୍ୱଂସକରିବାରେ ଲାଗିଛନ୍ତି। ତେଣୁ ନିଜ ଜୀବନ ପ୍ରତି ବିପଦ ଥିବା ଓ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ଆମେ ମୁଖ୍ୟସ୍ରୋତରେ ସାମିଲହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼ର ନାରାୟଣପୁର, ବିଜାପୁର, ଦନ୍ତେୱାଡା ଅଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଦନ୍ତେୱାଡା ପୋଲିସ ସୂତ୍ରରୁ ପ୍ରକାଶ।

# ସାପ କାମୁଡ଼ାରେ ମା' ପୁଅ ମୃତ

ଲହୁଣୀପଡ଼ା, ୨୪।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ତଥା ମହୁଲପଦା ଥାନା ଅନ୍ତର୍ଗତ ଡଲେଇସରା ପଞ୍ଚାୟତ ବଡ଼ଚୁଆଁ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗ୍ରାମର ତୁଳସୀ କୋହ୍ଲ (୨୯) ଓ ପୁଅ ଅବିନାଶ (୪)। ରାତିରେ ଖାଇସାରି ତୁଳସୀ, ଅବିନାଶ ଓ ଅନ୍ୟ ୨ପିଲା ଏକାଠି ତଳେ ଶୋଇଥିଲେ। ତୁଳସୀଙ୍କ ସ୍ୱାମୀ ରଥ ଖଟ ଉପରେ ଏକୁଟିଆ ଶୋଇଥିଲେ। ରାତି ପ୍ରାୟ ୨ଟାରେ ରଥ ଉଠି ବାହାରକୁ ଯାଇଥିଲେ। ବାହାରୁ ଆସି ଦେଖିଲେ ଏକ ସାପ ଖଟ ଉପରକୁ ଉଠିବା ପାଇଁ ଉଦ୍ୟତ ହେଉଛି। ସେ ସାପକୁ ଦେଖି ତୁରନ୍ତ ମାରି ଦେଇ ପୁନର୍ବାର ଶୋଇ ପଡ଼ିଥିଲେ। କିଛି ସମୟ ପରେ ଉଠି ଦେଖିଲା ବେଳକୁ ତୁଳସୀ ଓ ଅବିନାଶ ଶୋଇଥିଲେ ମଧ୍ୟ ପାଟିରୁ ଫେଣ ବାହାରୁଥିଲା। ତୁରନ୍ତ ଚିକିତ୍ସା ପାଇଁ ସେମାନଙ୍କୁ ପଡ଼ୋଶୀଙ୍କ ସହଯୋଗରେ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବିନାଶକୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ତୁଳସୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।




# 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'

## ଆଜି 'ବିଶ୍ୱ ସାମୁଦ୍ରିକ ଦିବସ'



ବିଶ୍ୱ ବାଣିଜ୍ୟ, ଜଳବାୟୁ ଏବଂ ଜୈବ ବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଧ୍ୟାନ କେନ୍ଦ୍ରିତ କରିବା ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ମାସର ଶେଷ ଗୁରୁବାରରେ ପାଳନ ହୋଇଆସୁଛି 'ବିଶ୍ୱ ସାମୁଦ୍ରିକ ଦିବସ'। ଅନ୍ତର୍ଜାତୀୟ ସାମୁଦ୍ରିକ ସଙ୍ଗଠନ(ଆଇଏମ୍‌ଓ) ସମ୍ମିଳନୀ କାର୍ଯ୍ୟକାରୀ ହେବାର ୨୦ତମ ବାର୍ଷିକୀ ଉପଲକ୍ଷେ ୧୯୭୮ ମସିହାରେ ପ୍ରଥମ ବିଶ୍ୱ ସାମୁଦ୍ରିକ ଦିବସ ପାଳନ ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୨୫ରେ ପାଳନ ହେଉଥିବା ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'। ଏହା ବିଶ୍ୱ ଅର୍ଥନୀତି, ଜୀବିକା ଏବଂ ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିଥାଏ। ଏଥିସହ ଏହା ଜାହାଜର ଦାୟିତ୍ୱ, ସାମୁଦ୍ରିକ ପରିବେଶକୁ ସୁରକ୍ଷା ଦେବା ଏବଂ ସମୁଦ୍ର ସମ୍ପଦଗୁଡ଼ିକୁ ସ୍ଥାୟୀ ଭାବେ ପରିଚାଳନା କରିବାର ସୁଯୋଗ ଉପରେ ଗୁରୁତ୍ୱ ଦେଇଥାଏ। ସୂଚନାଯୋଗ୍ୟ, ସମୁଦ୍ର ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ, ୮୦ ପ୍ରତିଶତରୁ ଅଧିକ ବାଣିଜ୍ୟିକ ପରିବହନ ସମୁଦ୍ର ଦ୍ୱାରା କରାଯାଏ। ସମୁଦ୍ର ଅନେକ ଲୋକଙ୍କ ପାଇଁ ଖାଦ୍ୟ, ଚାକିରି ଏବଂ ଆର୍ଥିକ ସୁଯୋଗର ଏକ ଉତ୍ସ ଭାବେ ବିବେଚିତ ହୋଇଥାଏ। ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

# ଜବାବ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

## ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ନ ହେବା ମାମଲା

କଟକ,୨୪।୯(କାର୍ତ୍ତିକ ସାହୁ)

ସରକାରୀ ତଥା ବେସରକାରୀ ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରାଯିବାକୁ ନେଇ ରୁଜୁ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରିବା ଦିଗରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ରୋଗୀ ଅଧିକାର ଓ ସୁରକ୍ଷା ପ୍ରଦାନ ସମ୍ପର୍କିତ ଏକ ନିୟମାବଳୀ ସବୁ ସରକାରୀ ଓ ବେସରକାରୀ ମେଡିକାଲରେ ପ୍ରଦର୍ଶିତ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ କରି ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ରୋଗୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଣୀତ ରୋଗୀ ଅଧିକାର ଚାର୍ଟର ଲାଗୁ କରିବା ପାଇଁ ଦାବି କରିଆସୁଛି। ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ ଏହା ଉଭୟ ସରକାରୀ ଓ ବେସରକାରୀ ମେଡିକାଲରେ ଲାଗୁ ନ ହେବାରୁ ମଞ୍ଚ ପ୍ରତିଷ୍ଠାତା ସଭାପତି ଡ. ଅମିୟ ଭୂଷଣ ବିଶ୍ୱାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରୋଗୀ ଶୋଷଣକୁ ରୋକିବା ପାଇଁ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ତଦାରଖ ବ୍ୟବସ୍ଥା ପ୍ରଣୟନ ପାଇଁ ସେ ହାଇକୋର୍ଟଙ୍କୁ ଆବେଦନରେ ପ୍ରାର୍ଥନା କରିଛନ୍ତି। ମଞ୍ଚ ପକ୍ଷରୁ ଆଇନଜୀବୀ କମଳାକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ୫୦୦ ଫୁଟ୍‌ର ଜାହାଜ ଲଙ୍ଗର ଚେନ୍ ଉଦ୍ଧାର

ଚାନ୍ଦବାଲି,୨୪।୯(କିଷାନ ପାତ୍ର)

## ଜବରଦଖଲ ଉଚ୍ଛେଦ ବେଳେ ମାଟି ତଳୁ ମିଳିଲା




ମାଟିତଳୁ ମିଳିଥିବା ଚେନ୍।

ଭଦ୍ରକ ଜିଲା ଚାନ୍ଦବାଲିସ୍ଥିତ ପୁରାତନ ବନ୍ଦର ନଗରୀର ମୁଖ୍ୟ ରାସ୍ତାର ପାର୍ଶ୍ୱବର୍ତ୍ତୀ ଦୋକାନ ଗୃହ ଉଚ୍ଛେଦ ବେଳେ ମାଟିତଳୁ ବୃହତ୍‌କାୟ ଜାହାଜ ଲଙ୍ଗର ଚେନ୍ ଉଦ୍ଧାର କରାଯାଇଛି। ବୁଧବାର ସ୍ଥାନୀୟ ତହସିଲଦାର ଭବତୋଷ ମଲ୍ଲିକ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲୁ ରହିଥିଲା। ଅପରାହ୍ନରେ ପୁରୁଣା ରାଜ୍ୟ ବନ୍ଦର କାର୍ଯ୍ୟାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜେସିବି ମେଶିନ ଦ୍ୱାରା ଭଙ୍ଗାଯିବା ବେଳେ ପ୍ରାୟ ୫୦୦ ଫୁଟ୍ ଲମ୍ବର ବୃହତ୍‌କାୟ ଜାହାଜ ଲଙ୍ଗର ଚେନ୍ ମାଟି ତଳୁ ଉଦ୍ଧାରହୋଇ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏହାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ମାଟି ତଳେ ଆହୁରି ଅନେକ ଜାହାଜର ଯନ୍ତ୍ରାଂଶ, ବଇଆଁ, ଲଙ୍ଗର ଇତ୍ୟାଦି ପୋତିହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଇତିହାସପ୍ରେମୀ ଓ ବୟସ୍କ ବ୍ୟକ୍ତିମାନେ କହିଛନ୍ତି, ଏହି ଅଞ୍ଚଳ ପୂର୍ବରୁ ଏକ ବାଣିଜ୍ୟ ବନ୍ଦର ଥିଲା। ଏହି ଚେନ୍ କୌଣସି ବୃହତ୍ ବୈପାରିକ ଜାହାଜର ହୋଇଥାଇପାରେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଏକ ଆର୍କିଓଲୋଜିକାଲ ତଦନ୍ତ କରିବା ପାଇଁ ଚିନ୍ତା କରୁଛି। ଏହି ଉଦ୍ଧାର ଚାନ୍ଦବାଲି ଏବଂ ଓଡ଼ିଶାର ବାଣିଜ୍ୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠାକୁ ପୁନଃ ଉଜାଗର କରିଛି।

# ସଡ଼କ ଦୁର୍ଘଟଣାରେ ମା'ଝିଅ ମୃତ, ବାପା ଗୁରୁତର

ଘଟଗାଁ,୨୪।୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥ କୋଲିମାଟି କୁମ୍ଭଡ଼ ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଦେଢ଼ବର୍ଷର ଶିଶୁ କନ୍ୟା ସହ ମାଆଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ବାପା ଗୁରୁତର ହୋଇଛନ୍ତି। ମୃତକ ହେଲେ ଘଷିପୁରା ଥାନା ଅନ୍ତର୍ଗତ ନନ୍ଦୁଆ ନିକଟ ଚମୁଇଁ ଗ୍ରାମ କଲୋନି ସାହିର ସୁକୁଟି ମୁଣ୍ଡା ଓ ତାଙ୍କ ଝିଅ। ଗୁରୁତର ହେଲେ ସୁକୁଟିଙ୍କ ସ୍ୱାମୀ ରେଡୁ ମୁଣ୍ଡା। ସୂଚନା ଅନୁଯାୟୀ, ରେଡୁ ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକ୍ ଯୋଗେ ଘଟଗାଁ ବ୍ଲକ୍ ଉପରଡ଼ିହା ପଞ୍ଚାୟତ ଦୁଖାବହାଳି ଶ୍ୱଶୁରଘର ଆସି ଉଭୟେ ନିଜ ଘରକୁ ଫେରୁଥିଲେ। ସେ ସମୟରେ ଘସିପୁରାରୁ ଘଟଗାଁ ଆଡକୁ ଆସୁଥିବା ଏକ ବୋଲେରୋ ସହିତ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ବାଇକ୍‌ରେ ଥିବା ଦେଢ଼ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲା। ତେବେ ସଙ୍କଟାପନ୍ନ ଅବସ୍ଥାରେ ବାପା ରିଡୁ ମୁଣ୍ଡା ଓ ମା' ସୁକୁଟି ମୁଣ୍ଡାଙ୍କୁ ଘଟଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ସୁକୁଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିଡୁଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଛି। ଘସିପୁରା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଧିକ ତଦନ୍ତ କରୁଛି।



ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ। –ଶ୍ରୀମା

# ଭାବନାର ବାସ୍ତବତା



ଦେବଦତ୍ତ ପଟ୍ଟନାୟକ

ନାରଦ କହିଲେ, ଯିଏ ପୃଥିବୀ ଚାରିପାଖରେ ବୁଲି ଆସିବ ତା'ପାଇଁ ମୁଁ ଗୋଟିଏ ଆମ୍ବ ରଖିଛି। କାର୍ତ୍ତିକେୟ ତତ୍‌କ୍ଷଣାତ ଡେଇଁପଡ଼ି ମୟୂର ଉପରେ ବସିପଡ଼ିଲେ ଏବଂ ପୃଥିବୀ ଚାରିପାଖରେ ଉଡ଼ିବୁଲିଲେ। ଗଣେଶ ତାଙ୍କ ମାତାପିତାଙ୍କ ଚାରିପାଖରେ ଚାଲିକରି ବୁଲି ଆସି ନିଜକୁ ବିଜୟୀ ଘୋଷଣା କଲେ। ଗଣେଶ ଯୁକ୍ତି କଲେ ଯେ ତାଙ୍କ ମାତାପିତା ହେଉଛନ୍ତି ତାଙ୍କ ପାଇଁ ପୃଥିବୀ। ଏଣୁ ସେ 'ତାଙ୍କ' ପୃଥିବୀ ଚାରିପାଖରେ ବୁଲି ଆସିଲେ, 'ଜାଗତିକ' ପୃଥିବୀ ଚାରିପାଖରେ ନୁହେଁ। ନାରଦ କେଉଁ ପୃଥିବୀ ସମ୍ପର୍କରେ କହିଥିଲେ, ତାହା ସ୍ପଷ୍ଟ କରି ନ ଥିଲେ। ମନ ବାହାରେ ଥିବା ବାହ୍ୟ ବା ପାର୍ଥିବ ପୃଥିବୀ (ଆମେ ସମସ୍ତେ ଯେଉଁ ପୃଥିବୀରେ ରହୁଛୁ) କିମ୍ବା ଆମ ମନସିକ ସ୍ତରରେ ଥିବା ଅନ୍ତର୍ନିହିତ ପୃଥିବୀ ବିଷୟରେ ନାରଦ ଦର୍ଶାଇ ନ ଥିଲେ। ପୃଥିବୀ ତୁଳନାରେ ଆମେ ମାତାପିତାଙ୍କୁ କେତେ ବେଶି ଭଲ ପାଉଛୁ, ଏହି କାହାଣୀ ସେ ସମ୍ପର୍କରେ ନୁହେଁ। ଏହା ହେଉଛି ଏକ କାହାଣୀ ଯାହା ଆକଳନୀୟ ପାର୍ଥିବ ପୃଥିବୀ ଏବଂ ଅମାପ ମାନସିକ ପୃଥିବୀ ମଧ୍ୟରେ ଥିବା ପ୍ରଭେଦକୁ ସୂଚିତ କରୁଛି।

ହିନ୍ଦୁ ଆତ୍ମତତ୍ତ୍ୱ ସିଦ୍ଧାନ୍ତରେ କୁହାଯାଇଛି ଯେ ଭାବନାଠାରୁ ପ୍ରକୃତି ଭିନ୍ନ। ପ୍ରକୃତି ହେଉଛି ମଣିଷ ମନ ବାହାରେ ଥିବା ବସ୍ତୁବାଦୀ ବାହ୍ୟ ସତ୍ତାର ବାସ୍ତବତା। ମଣିଷର ଭାବନା ହେଉଛି ପୁରୁଷ। ଏହା ପ୍ରତ୍ୟେକ ମଣିଷ ମନରେ ଥିବା ଅନ୍ତର୍ନିହିତ ଜ୍ଞାନ ସିଦ୍ଧାନ୍ତର ବାସ୍ତବତା। ଲୋକେ ବହୁ ସମୟରେ ଭାବନା ପାଇଁ ଚେତନା ଓ ଆତ୍ମା ଭଳି ଜଟିଳ ଶବ୍ଦ ବ୍ୟବହାର କରିଥାନ୍ତି। ଭାବନା ରହିଛି, କିନ୍ତୁ ତାହାକୁ ମାପି ହେବ ନାହିଁ କି ନିୟନ୍ତ୍ରଣ କରିହେବ ନାହିଁ କିମ୍ବା ତା' ବିଷୟରେ ଆକଳନ ମଧ୍ୟ କରିହେବ ନାହିଁ। ଏହା ହେଉଛି ସେହି ଭାବନା, ଯାହା ମଣିଷକୁ ପ୍ରାଣୀ ଓ ଉଦ୍ଭିଦଠାରୁ ପୃଥକ୍ କରିଛି।

ମାନବୀୟ ଜିଜ୍ଞାସରୁ ସୃଷ୍ଟି ହୁଏ ମୂଲ୍ୟାଙ୍କନ, ପରୀକ୍ଷଣ ଏବଂ ଗାଣିତିକ ସମୀକରଣ, ଯାହା ପ୍ରକୃତିକୁ ଜୟ କରିବାକୁ ମଣିଷକୁ ଶକ୍ତି ଦେଇଥାଏ। ମଣିଷର ଡେଣା, ଲାଞ୍ଜ କିମ୍ବା ପଞ୍ଝା ନ ଥିଲେ ବି ଏହିସବୁ ବିଷୟ ତାହାକୁ ସୃଷ୍ଟିରେ ଭିନ୍ନ କରିଛି। ଫଳରେ ପୃଥିବୀରେ ପ୍ରାଧାନ୍ୟ ବଢ଼ାଇବାକୁ ଆମେ ସକ୍ଷମ ହୋଇଛୁ। ସେଥିପାଇଁ ଆମେ ବିଭିନ୍ନ ଯାନ୍ତ୍ରିକ ଉପକରଣ ଓ ପ୍ରଯୁକ୍ତି ସୃଷ୍ଟି କରୁଛୁ, ଯାହା ଗୃହସ୍ଥ ମଣିଷ ମନକୁ ନିୟନ୍ତ୍ରଣ ଓ ପ୍ରଭାବିତ କରିପାରୁଛି।



ମୂଳତଃ ମଣିଷ ହେଉଛି ସାମାଜିକ ପ୍ରାଣୀ। ତାହାର ଭୋକ, ଭୟ ଅଛି। ଆମେ ଖାଦ୍ୟ, ସୁରକ୍ଷା ଓ ସାଥୀ ଚାହୁଁ। ଆମେ ପ୍ରାଣୀମାନଙ୍କ ଭଳି ପ୍ରତିଯୋଗିତା କରୁ, ସହଯୋଗ କରୁ, ବଂଶବୃଦ୍ଧି କରିପାରୁ। ଆମେ ମିତ୍ର ଚାହୁଁ ଏବଂ ଶତ୍ରୁଠାରୁ ଦୂରେଇ ରହୁ। ଆମେ ମରଣଶୀଳ ବୋଲି ସ୍ପଷ୍ଟ ଭାବେ ସଚେତନ। ତେବେ ଆମେ ପୃଥିବୀକୁ ଯେଉଁଭଳି ଦେଖୁ ସେହି ଅନୁସାରେ ଆମ ଭାବନାରେ ପରିବର୍ତ୍ତନ ଆସିଥାଏ। ଆମର ଦୁଇ ପ୍ରକାର କ୍ଷୁଧା ବା କାମନା ଅଛି। ପ୍ରଥମଟି ଶାରୀରିକ କ୍ଷୁଧା, ଯାହା ଦ୍ୱାରା ଆମେ ବଞ୍ଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ସୁରକ୍ଷା ଏବଂ ଆରାମ ଆବଶ୍ୟକ କରୁ। ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବାକୁ ଚାହୁଁ। ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ଏହା ଅଛି। ଅନ୍ୟଟି ହେଉଛି ମାନସିକ କ୍ଷୁଧା; ଯେଉଁଥିରେ ଆମେ ମନୋରଞ୍ଜନ, ଆକର୍ଷଣ, ପ୍ରଭାବ, ସଫଳତା, ସ୍ୱାଧୀନତା ଚାହିଁଥାଉ, ଯାହା ପ୍ରାଣୀଙ୍କଠାରେ ନାହିଁ। ଭାବନା ଆମ କ୍ଷୁଧା ଓ ଭୟକୁ ବଢ଼ାଇଦେଇଥାଏ, ଏପରିକି ଆମେ ଅସୀମ କ୍ଷୁଧା ଓ ଭୟର ଏକ ବିଶ୍ୱ କଳ୍ପନା କରିପାରୁ।

ଏହାସହ ଅସୀମ ଖାଦ୍ୟ ଓ ଅସୀମ ସୁରକ୍ଷାର ବିଶ୍ୱ କଥା ମଧ୍ୟ ଭାବିପାରୁ। ଗ୍ରୀକ୍ ପୁରାଣ ବର୍ଣ୍ଣିତ ସ୍ୱର୍ଗରେ ଅସୀମ ଖାଦ୍ୟ ଓ ସୁରକ୍ଷାର ପ୍ରତୀକ ହେଉଛି ଶିଙ୍ଗ ଆକୃତିର ଅକ୍ଷୟ ପାତ୍ର, ଯେଉଁଥିରୁ ସବୁବେଳେ ଖାଦ୍ୟ ବାହାରିଥାଏ। ଏହା ହେଉଛି ଐଶ୍ୱରୀୟ ତଥା ଆନନ୍ଦଦାୟକ ଖାଦ୍ୟ, ଯାହା ଗ୍ରୀକ୍ ଦେବଗଣଙ୍କୁ ସବୁ ସମୟରେ ସୁସ୍ଥ, ଶକ୍ତିଶାଳୀ ଓ ଯୁବାସ୍ଥାରେ ରଖିଥାଏ।

ପ୍ରାଣୀମାନେ ଖାଦ୍ୟ ଶିକାର ଓ ନିଜକୁ ସୁରକ୍ଷିତ ରଖିବା ପାଇଁ ସରଳ ଉପକରଣ ଗଢ଼ିଥାନ୍ତି କିମ୍ବା ଉପାୟ ଆପଣାଇଥାନ୍ତି। କିନ୍ତୁ ମଣିଷ ତାହାର ଭାବନା ବା ଜିଜ୍ଞାସା ବଳରେ ଜଟିଳ ଉପକରଣ ସବୁ ତିଆରି କରିଥାଏ। ଏହାକୁ ଆମେ ବ୍ୟବହାର କରି ଭଲ ଶିକାରୀ, କୃଷକ କିମ୍ବା ପଶୁପାଳକ ହୋଇପାରିଛୁ। ଘର, ଖାଦ୍ୟ ଭଣ୍ଡାର, ପୋଷାକ ଆଦି ତିଆରି କରିବା ପାଇଁ ଏହାକୁ ଆମେ ବ୍ୟବହାର କରୁଛୁ। ଏଣୁ ମଣିଷ ପାହାଡ଼ ଉପରେ, ସମୁଦ୍ର ଉପକୂଳରେ, ଜଙ୍ଗଲ ଓ ମରୁଭୂମିରେ, ଥଣ୍ଡା ଏବଂ ଉତ୍ତପ୍ତ ଅଞ୍ଚଳ ଭଳି ସବୁପ୍ରକାର ପରିବେଶରେ ବଞ୍ଚିବାକୁ ସକ୍ଷମ ହେଉଛି। ଆମେ ପଥର, ଧାତବ, କାଠ, ଅସ୍ଥିର ବୃହତ, କ୍ଷୁଦ୍ର ତଥା ସୂକ୍ଷ୍ମ ଜିନିଷ ତିଆରି କରିଥିଲୁ। ପାଣି, ତାପ ଓ ପବନରୁ କିଭଳି ମଧ୍ୟ ଶକ୍ତି ବାହାରିବ ସେଥିରେ ଆମେ ସଫଳ ହୋଇପାରିଲୁ। ଆମେ ନିଆଁ, ପାଣି ଓ ପବନକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବା ସହ ଗଛ କେମିତି ବଢ଼ିବ, ଗୃହପାଳିତ ପ୍ରାଣୀଙ୍କୁ କିଭଳି ପାଳନ କରାଯିବ ସେଥିରେ ଜ୍ଞାନ ହାସଲ କରି ସଫଳତା ପାଇଲୁ। ଏଥିପାଇଁ ଏକ ସଂସ୍କୃତି ସାମ୍ନାକୁ ଆସିଲା। ଭାବନା ସହିତ ଜିଜ୍ଞାସାର ପରିପ୍ରକାଶ ଘଟିଲା। ଏହା ସହ ଆମେ ଯାହା ଭାବିଲୁ ତାହାକୁ ଅନୁଭବ କରିବାକୁ ସକ୍ଷମ ହୋଇପାରିଲୁ।

ଆମେ ସଂଘବଦ୍ଧ ଶିକାରୀ ପ୍ରବୃତ୍ତିରୁ ବାହାରି କୃଷକ ଓ ପଶୁପାଳକର ଜୀବନ ଧାରାକୁ ବୁଝିଲୁ ଓ ଆପଣାଇଲୁ। ପ୍ରକୃତି ଓ ଗୃହପାଳିତ ପ୍ରାଣୀଙ୍କୁ ନିୟନ୍ତ୍ରଣ କରିପାରିଲୁ। ଚାଷଜମି ଓ ବଗିଚା ସୃଷ୍ଟି କରି ଅଧିକ ଖାଦ୍ୟ ଉତ୍ପାଦନ କରିବାକୁ ସକ୍ଷମ ହେଲୁ। ଅନ୍ୟମାନଙ୍କ କ୍ଷୁଧା ସମ୍ପର୍କରେ ଭାବିଲୁ ଏବଂ ବଜାରର ପରିକଳ୍ପନା କରିବାକୁ ସକ୍ଷମ ହେଲୁ, ଯେଉଁଠାରେ ଜିନିଷଗୁଡ଼ିକ ବିକ୍ରି ଖର୍ଦ୍ଦି ହେବା ସହ ସେବା ଓ ବିଚାରର ଆଦାନ ପ୍ରଦାନ ହୋଇପାରିଲା। ଏକ ନୂଆ ବିଶ୍ୱ ପରିକଳ୍ପନା, ଶବ୍ଦର ଆଦାନ ପ୍ରଦାନ, ଭାଷା ଆବିଷ୍କାର ଏବଂ ଲେଖା ମାଧ୍ୟମରେ ଯୋଗାଯୋଗ କ୍ଷମତା ମଣିଷକୁ ସ୍ୱତନ୍ତ୍ର କରିଛି।

ଯଦିଓ ଆମ ମାନସିକ ସ୍ତରରେ ଏକ ବିଶ୍ୱ କଥା ଭାବିବାରୁ ଆମ ଜୀବନର ମୂଲ୍ୟ ଓ ଉଦ୍ଦେଶ୍ୟକୁ ସ୍ୱୀକାର କରୁଥିବା କଥାଗୁଡ଼ିକ ଉପରେ ଗଭୀର ବିଚାରକଲୁ। ଆମେ ମୃତ୍ୟୁ ପରେ କ'ଣ ଘଟେ ସେ ସମ୍ପର୍କରେ ଚିନ୍ତାକଲୁ, ଯାହା ଆମକୁ ସମାଧି ଓ ସ୍ମାରକସବୁ ନିର୍ମାଣ କରିବାକୁ ପ୍ରେରିତ କଲା। ଏହିପରି ଭାବରେ ଆମ ଭାବନା ମଧ୍ୟ କୃଷି, ଶିଳ୍ପ ଓ ଡିଜିଟାଲ ବିପ୍ଳବ ଆଣିବାରେ ସକ୍ଷମ ହେଲା। ଆମେ ଯେଉଁ ଦୁନିଆ ନିର୍ମାଣ କରୁଛୁ ସେଥିରେ ଆମର ସ୍ଥିତିକୁ ବ୍ୟାଖ୍ୟା କରିବା ପାଇଁ ସେହି ସମାନ ଭାବନା ମଧ୍ୟ ମଣିଷକୁ ସାହିତ୍ୟ, ସଙ୍ଗୀତ, ନାଟକ ରଚନା କରିବା ସକାଶେ ସକ୍ଷମ କରାଇଛି।

–devduttofficial@gmail.com

# ସଂହତି ଚିନ୍ତା



ଈପ୍ସିତା ମହାନ୍ତି

ନିକଟରେ ଉତ୍ତରପ୍ରଦେଶ ସମ୍ଭଲର ଶାହି ଜାମା ମସ୍‌ଜିଦ ଏବଂ ରାଜସ୍ଥାନର ଅଜମେର ଶରିଫ ଭଳି ଉପାସନା ପୀଠ ସହ ଜଡିତ ବିବାଦପୂର୍ଣ୍ଣ ବିଷୟକୁ ସମ୍ବୋଧିତ କରି (ଆର୍‌ଏସ୍‌ଏସ୍)ର ମୁଖ୍ୟ ମୋହନ ଭାଗବତ କହିଥିଲେ ଯେ ଧାର୍ମିକ ସ୍ଥାନରେ ବିବାଦ ସୃଷ୍ଟି ହେବା ଭାରତର ଏକତା ପ୍ରତି ବିପଦ। ସେ ମଧ୍ୟ କହିଥିଲେ ଯେ ବିଭିନ୍ନ ଧର୍ମାବଲମ୍ବୀ ଏବଂ ବିଚାରଧାରା କିପରି ଏକାଠି ଅବସ୍ଥାନ କରିପାରିବେ ଭାରତକୁ ତାହାର ଏକ ଉଦାହରଣ ସୃଷ୍ଟି କରିବାକୁ ପଡ଼ିବ। ଦେଖିବାକୁ ଗଲେ ଏକଦା ଶିକ୍ଷା ଗ୍ରହଣ ପାଇଁ ପୃଥିବୀର କୋଣଅନୁକୋଣରୁ ଭାରତକୁ ଶିକ୍ଷାର୍ଥୀଙ୍କ ସୁଅ ଛୁଟୁଥିଲା। ଭାରତୀୟଙ୍କ ମଧ୍ୟରେ ଏକତା ନଷ୍ଟ ହେତୁ ସମୟକ୍ରମେ ମୋଗଲ, ଫରାସୀ, ଡଚ୍, ଇଂରେଜ ଆଦି ଜାତି ଆମକୁ କେବଳ ବହୁବର୍ଷ ଧରି ଶାସନ କଲେ ନାହିଁ ବରଂ ଆମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିଚାଲିଲେ।

ବହୁ ସମୟରେ ସମ୍ପ୍ରଦାୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ନୂତନ ବିବାଦ ସୃଷ୍ଟି କରାଯାଉଛି। ଏହା ଏକ ଚିନ୍ତାଜନକ ବିଷୟ। ଏହି ପ୍ରସଙ୍ଗଗୁଡ଼ିକ ଦ୍ରୁତ ଗତିରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରି ବିଶ୍ୱ ସ୍ତରରେ ଭାରତର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀସମୂହ ଧାର୍ମିକ ମତଭେଦରୁ ଲାଭ ଉଠେଇବାକୁ ଆଗ୍ରହ ରଖୁଛନ୍ତି, ଯେଉଁଥିରୁ ଦୂରେଇ ରହିବା ଉଚିତ। କାରଣ ଏଭଳି କାର୍ଯ୍ୟ ରାଷ୍ଟ୍ରୀୟ ସଂହତିକୁ ଦୁର୍ବଳ କରିଦିଏ। ସାମାଜିକ ଉତ୍ତେଜନା ଓ ବିଭାଜନତା ହ୍ରାସ ପାଇଁ ପ୍ରାଚୀନ ଭାରତୀୟ ସଂସ୍କୃତି, ପରମ୍ପରା, ଆସ୍ଥା ଓ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ ଅନ୍ତର୍ଭୁକ୍ତତା ଜରୁରୀ।

ଭାରତର ପାରମ୍ପରିକ ଅତୀତ ଉଗ୍ରବାଦ, ଆକ୍ରମକତା, ବହୁସଂଖ୍ୟକବାଦ ଏବଂ ଅନ୍ୟମାନଙ୍କ ପ୍ରତି ଅପମାନଜନକ ଦୃଷ୍ଟିକୋଣର ଅଭିବ୍ୟକ୍ତିକୁ ନିଜ ଅଧୀନ କରିଛି। ଆମକୁ ଭାରତର ସହନଶୀଳ ଅତୀତରୁ ନିଷ୍କର୍ଷ ବାହାର କରିବାକୁ ହେବ। ଉଭୟ ସଂଖ୍ୟାଗରିଷ୍ଠ ଏବଂ ସଂଖ୍ୟାଲଘୁଙ୍କ ଏକତାର ଆଧାର ଉପରେ ଭାରତର ପରିଚୟ ଦଣ୍ଡାୟମାନ। ସଭିଏ ଭାରତର ଏକତାର ଶକ୍ତିକୁ ଅନୁଭବ କଲେ ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ରୂପକ ଦ୍ୱିମତ ଆପେ ଆପେ ବିଲୁପ୍ତ ହୋଇଯିବ ଏବଂ 'ସମସ୍ତେ ଏକ' ଧାରଣାଟି ସଶକ୍ତ ହେବ। ବିନା ଭୟ ଏବଂ ପକ୍ଷପାତିତାରେ ନିଜ ପସନ୍ଦର ଆସ୍ଥା ଓ ବିଶ୍ୱାସ ପାଳନ କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାଧୀନତା ରହିବା ଆବଶ୍ୟକ। ବୃଦ୍ଧି ପାଉଥିବା ବିଭାଜନକାରୀ ଆହ୍ୱାନକୁ ଦମନ କରିବା, ହିନ୍ଦୁ-ମୁସଲମାନ ଏକତା ଏବଂ ସାମାଜିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସ ଜରୁରୀ। ଏହି ଆଭିମୁଖ୍ୟ ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଆଲୋଚନା ତଥା ପାରସ୍ପରିକ ସମ୍ମାନର ଗୁରୁତ୍ୱକୁ ରେଖାଙ୍କିତ କରିଥାଏ। ଉଭୟ ସମ୍ପ୍ରଦାୟକୁ ମତଭେଦ ବଦଳରେ ସମାନତାକୁ ପ୍ରାଥମିକତା ଦେବାକୁ ହେବ। ଭାରତର ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ନୀତିକୁ ବଜାୟ ରଖିବା ପାଇଁ ଏକାଠି କାମ କରିବାକୁ ପଡ଼ିବ। ଆଜି ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ବିଭାଜନକାରୀ କଥାକୁ ବହୁଳ ମାତ୍ରାରେ ପ୍ରୋତ୍ସାହିତ କରିଚାଲିଛି। ବିଭିନ୍ନତା ପାଇଁ ବୈଶ୍ୱିକ ସ୍ତରରେ ଭାରତର ସ୍ୱତନ୍ତ୍ର ପରିଚୟ ରହିଛି। ଯାହା ସମ୍ମିଳିତ ପ୍ରୟାସରେ ଚିରସ୍ଥାୟୀ ହୋଇପାରିବ। ଏଥିପାଇଁ ଆବଶ୍ୟକ ସଂଯମତା ଏବଂ ସତର୍କତା। ଉତ୍ତେଜନାପୂର୍ଣ୍ଣ ଭାଷଣକୁ ପ୍ରତ୍ୟାଖ୍ୟାନ କରିବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରତି ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବାକୁ ପଡ଼ିବ। ଆଭ୍ୟନ୍ତରରେ ଏକାଧିକ ବିବିଧତା ସତ୍ତ୍ୱେ ଏକତାକୁ ପ୍ରୋତ୍ସାହିତ କରିବାରେ ଭାରତ ବିଶ୍ୱଗୁରୁ ଭାବରେ ଉଭା ହୋଇପାରିବ। ସହିଷ୍ଣୁତା ଏବଂ ବିବିଧତାର ମୂଲ୍ୟବୋଧକୁ ବଜାୟ ରଖି ଧାର୍ମିକ ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ବିନା ସଂଘର୍ଷରେ କିପରି ସହାବସ୍ଥାନ ସମ୍ଭବ ଭାରତ ତାହା ପ୍ରଦର୍ଶିତ କରିପାରିବ। ତେବେ ଅନେକ ସମୟରେ ଧାର୍ମିକ ନେତୃତ୍ୱ ଏବଂ ବିଭିନ୍ନ ସମ୍ପ୍ରଦାୟର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ମଧ୍ୟ ବିଭେଦ ଦୂର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦେଖାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ଶିଶୁ ଏବଂ ଯୁବକଙ୍କ ମନରେ ସହନଶୀଳତା ଏବଂ ସହାନୁଭୂତିର ମୂଲ୍ୟବୋଧ ଉଦ୍ରେକ କରି ଏ କ୍ଷେତ୍ରରେ ଯୋଗଦାନ ଦେଇପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକ ସଶକ୍ତ, କର୍ମଠ, ଐକ୍ୟସମ୍ପନ୍ନ ତଥା ଶାନ୍ତିପୂର୍ଣ୍ଣ ଭାରତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି, ସମ୍ପ୍ରଦାୟ ଏବଂ ଅନୁଷ୍ଠାନର ପ୍ରୟାସ ଆବଶ୍ୟକ।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ବ୍ୟକ୍ତିଗତ ଆନ୍ତରିକ ପ୍ରଚେଷ୍ଟାର ସଫଳତା ସୁଦୂରପ୍ରସାରୀ ବୋଲି ପ୍ରମାଣ କରିଛନ୍ତି ରାଜସ୍ଥାନ ବିଳାସପୁରର ଚା'ଦୋକାନୀ କନରାମ ମେଓ୍ୱାରା। କନରାମଙ୍କୁ ଏବେ ବୟସ ୨୫। ସେ ଜାଓ୍ୱାଇ କଲରାପତରିଆ ବାଘ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ଚା'ଦୋକାନ କରିଛନ୍ତି ଓ ଆଖପାଖ ଅଞ୍ଚଳରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ପରେ ତାହାକୁ ରସାଇକେଲିଂ କରି ଚେୟାର, ବେଞ୍ଚ୍ ଆଦି ତିଆରି କରୁଛନ୍ତି। ସରକାରୀ ଅର୍ଡର ମୁତାବକ ସେଗୁଡ଼ିକୁ ସାର୍ବଜନୀନ ସ୍ଥଳକୁ ଯୋଗାଉଛନ୍ତି। କନରାମ ଭାରତରେ ବଢୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ସମ୍ପର୍କରେ ଖବରକାଗଜରୁ ପଢ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ ତାଙ୍କ ଗାଁରୁ ଏହା ଆରମ୍ଭ କରିଥିଲେ। ଦୋକାନ ସାମ୍ନାରେ ଏକ ନୋଟିସ୍ ଲଟକାଇଛନ୍ତି, ଯେଉଁଥିରେ ଲେଖାଅଛି–ଯେଉଁମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣିବେ ସେମାନଙ୍କୁ ଉପହାର ଦିଆଯିବ। ଉପହାର ସ୍ୱରୂପ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣୁଥିବା ଲୋକଙ୍କୁ ସେ ସ୍ନାକ୍ସ ଦେଉଛନ୍ତି। ପ୍ରଥମେ ଏହି ଉପାୟରେ ସେ ଦିନକୁ ୫୦କେ.ଜି. ବର୍ଜ୍ୟ ସଂଗ୍ରହ କରିପାରୁଥିଲେ। ଏବେ ମୁମ୍ବାଇର ଏକ ଏନ୍‌ଜିଓ ତାଙ୍କୁ ସହଯୋଗ କରିବାରୁ ସେ ଅଧିକରୁ ଅଧିକ ବର୍ଜ୍ୟ ସଂଗ୍ରହ କରିପାରୁଛନ୍ତି। ସ୍କୁଲ, କଲେଜ ଓ ଗାଁଗୁଡ଼ିକରେ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏବେ ସେ ୧୫ଟି ଗାଁରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ସେ ସେସବୁକୁ ନିକଟବର୍ତ୍ତୀ ସହରକୁ ରିସାଇକେଲିଂ ପାଇଁ ପଠାଇବାରେ ଲାଗିଲେ। ଡିଜେଇଡି ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ୧୦ ଲକ୍ଷ ଟଙ୍କାର ରିସାଇକେଲିଂ ମେଶିନ ଦିଆଯିବା ପରେ ସେ ଏବେ ତାହା ମାଧ୍ୟମରେ ୧୦ ଟନ୍‌ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲିଂ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୭୬

- ବ୍ରିଟିଶ ସରକାରଙ୍କ ଦରିଆପାରି ଉନ୍ନୟନ ଶାସନ ଅଧୀନସ୍ଥ ବୈଦେଶିକ ଓ କମନଓ୍ୱେଲ୍‌ଥ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଇନ ବିଭାଗ ଅଫିସରଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ଭାରତର ୩ ଜଣ ଆଇନଜ୍ଞଙ୍କୁ କଲମ୍ବୋ ଯୋଜନା ପୁରସ୍କାର ପ୍ରଦାନ।
- ବିହାରର ବନ୍ୟାପ୍ଲାବିତ ଅଞ୍ଚଳରେ ବିମାନ ବାହିନୀର ବିମାନ ଯୋଗେ ଔଷଧ ବିତରଣ କାର୍ଯ୍ୟ ଆରମ୍ଭ।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 4 | | | |
| 8 | | | | | | | 5 | |
| | | | | 6 | | | | |
| 9 | | | 7 | | 2 | | 1 | |
| | 8 | | | | | 2 | 9 | 3 |
| 4 | | | | | | | 7 | |
| 3 | | | | 1 | | 5 | 4 | |
| 7 | | 5 | | | | | 3 | |
| | | 2 | 5 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 6 | 5 | 4 | 7 | 2 | 8 |
| 4 | 2 | 8 | 1 | 7 | 3 | 6 | 5 | 9 |
| 6 | 7 | 5 | 8 | 9 | 2 | 3 | 1 | 4 |
| 2 | 5 | 1 | 7 | 3 | 8 | 4 | 9 | 6 |
| 3 | 9 | 7 | 4 | 1 | 6 | 5 | 8 | 2 |
| 8 | 6 | 4 | 9 | 2 | 5 | 1 | 3 | 7 |
| 5 | 8 | 2 | 3 | 4 | 7 | 9 | 6 | 1 |
| 1 | 4 | 6 | 5 | 8 | 9 | 2 | 7 | 3 |
| 7 | 3 | 9 | 2 | 6 | 1 | 8 | 4 | 5 |

ଗତକାଲିର ଉତ୍ତର

# ଚାକିରିମୁହାଁ ଯୁବଶକ୍ତି



ପ୍ରମୋଦ କୁମାର ପଣ୍ଡା

ଭୌଗୋଳିକ କ୍ଷେତ୍ରଫଳରେ ଓଡ଼ିଶା ଭାରତର ଅଷ୍ଟମ ବୃହତ୍ତମ ରାଜ୍ୟ। ସମଗ୍ର ଦେଶର ହାରାହାରି ବୃଷ୍ଟିପାତ ୧୨୦୦ ମିଲିମିଟର ଥିବାବେଳେ ଓଡ଼ିଶାର ଏହା ୧୫୦୦ ମିଲିମିଟର। ଆମ ପାଖରେ ସବୁ ପ୍ରକାର ମୃତ୍ତିକା ଏବଂ ୪୮୫ କିଲୋମିଟରର ଦୀର୍ଘ ସମୁଦ୍ରକୂଳ ଅଛି। ବିଭିନ୍ନ ପ୍ରକାର କୃଷିଜାତ, ପ୍ରାଣୀ ଓ ମତ୍ସ୍ୟ ସମ୍ବନ୍ଧିତ ଉତ୍ପାଦନ ଓ ରପ୍ତାନି ପାଇଁ ପ୍ରକୃତି ପର୍ଯ୍ୟାପ୍ତ ସୁଯୋଗ ଦେଇଛି। ଦେଶର ଶତକଡ଼ା ୨୩ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୭୬ ଭାଗ ଆଲୁମିନିୟମ ଏବଂ ଶତକଡ଼ା ୯୮ ଭାଗ କ୍ରୋମାଇଟ୍ ମହଜୁଦ ଅଛି। ତା' ଛଡା ପାଞ୍ଚ କୋଟି ଖାଉଟି ମଧ୍ୟ ଅଛନ୍ତି। ଏତେ ସବୁ ସୁବିଧା ସୁଯୋଗ ଥାଇ ଓଡ଼ିଶା ମୁଣ୍ଡପିଛା ଆୟରେ ଦେଶର ୨୨ ତମ ରାଜ୍ୟ ଭାବେ ଉଭାହେବା ଗ୍ରହଣୀୟ ନୁହେଁ। ଓଡ଼ିଶା ସେଦିନ ସମୃଦ୍ଧ ହେବ, ଯେଉଁଦିନ ଏହାର ସମୁଦାୟ ରପ୍ତାନି ମୋଟ ଆମଦାନୀକୁ ଟପିବ। କିନ୍ତୁ ଦୁଃଖ ଲାଗେ ଆଜିର ଅବସ୍ଥା ଦେଖି। ରାଜ୍ୟର ଯୁବଗୋଷ୍ଠୀ ସାତ ଦରିଆ ପାର ତ ଦୂରର କଥା ପଡୋଶୀ ରାଜ୍ୟରେ ବି ବେପାର କରିବାକୁ ସାହସ ଯୁଟାଇ ପାରୁନାହିଁ। ଜନତା ଓ ସରକାରଙ୍କୁ କେବଳ ଚାକିରିରେ ଓଡ଼ିଶାର ଭବିଷ୍ୟତ ଦେଖାଯାଉଛି। ତା'ର ସଦ୍ୟତମ ଉଦାହରଣ ହେଉଛି ସରକାରୀ ଚାକିରିରେ ନ୍ୟୂନତମ ପ୍ରବେଶ ବର୍ଷ ସାଧାରଣ ବର୍ଗ ପାଇଁ ୪୨ବର୍ଷକୁ ବୃଦ୍ଧି କରାଯିବା। ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ୪୭ ବର୍ଷ, ଦିବ୍ୟାଙ୍ଗଙ୍କ ପାଇଁ ୫୨ ବର୍ଷ ହୋଇଛି। ତଫସିଲଭୁକ୍ତ ଜାତି, ଉପଜାତି ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଦିବ୍ୟାଙ୍ଗଙ୍କ ପାଇଁ ଏହା ୫୭ ବର୍ଷକୁ ବୃଦ୍ଧି ପାଇଛି। ସମାଜରେ ସରକାରୀ ପିଅନର ଗୁରୁତ୍ୱ ରହିଛି ମାତ୍ର ଜଣେ ଉଦ୍ୟୋଗୀ କିମ୍ବା ବ୍ୟବସାୟୀର ଗୁରୁତ୍ୱ ନାହିଁ। ସେଥିପାଇଁ ଆମ ରାଜ୍ୟର ସ୍ଥିତି ଅତି ଦୁର୍ବଳ।

ଦେଶର ବିକଶିତ ରାଜ୍ୟ ଯଥା ପଞ୍ଜାବ, ହରିୟାଣା, ଗୁଜରାଟ, ଆନ୍ଧ୍ର, ତାମିଲନାଡୁ ଆଦି ଉଦ୍ୟୋଗ, ବ୍ୟାପାର ଓ କୃଷିରେ ଉତ୍କର୍ଷ ଲାଭ କରିଛନ୍ତି। ସେ ସବୁ ରାଜ୍ୟରେ ଉଦ୍ୟୋଗ, ବ୍ୟାପାର ଓ କୃଷକଙ୍କୁ ସମାଜରେ ଉଚ୍ଚ ସମ୍ମାନ ମିଳେ ଏବଂ ବାହାଘର ପାଇଁ ଉପଯୁକ୍ତ କନ୍ୟାପାତ୍ର ମିଳେ। ମାତ୍ର ଓଡ଼ିଶାରେ ଉପଯୁକ୍ତ କନ୍ୟା ପାତ୍ରର ପ୍ରଥମ ପସନ୍ଦ ସରକାରୀ ଚାକିରି। ପ୍ରକୃତ ପକ୍ଷେ ସରକାରୀ ଚାକିରିଆ ପାଖରେ ପରିବାର ଆର୍ଥିକ ସମୃଦ୍ଧି ପାଇଁ ପର୍ଯ୍ୟାପ୍ତ ଧନ ନ ଥାଏ। କାରଣ ସରକାରୀ ଦରମା ସ୍ୱଳ୍ପ ଓ ସେଥିରେ ଆୟକର ଦେବାକୁ ପଡ଼ିଥାଏ। ମାତ୍ର ବ୍ୟାପାରରେ ସସୀମିତ ଆୟ ଥାଏ।

ପ୍ରାଚୀନ ଓ ମଧ୍ୟଯୁଗରେ କଳିଙ୍ଗ ଏବଂ ଉତ୍କଳ ଭାରତର ଅନ୍ୟାନ୍ୟ ପ୍ରାନ୍ତଠୁ ପ୍ରଗତିରେ ଆଗୁଆ ଥିଲା। ଆମେ ମୁଖ୍ୟତଃ ଦେଶ ଭିତରେ ଓ ବାହାରେ ବେପାର କରି ପ୍ରଚୁର ରପ୍ତାନି କରୁଥିଲୁ। ସାଧୀନତା ପରବର୍ତ୍ତୀ ସମୟରେ ଆମକୁ ସରକାରୀ ଚାକିରିରେ ଭବିଷ୍ୟତ ଦେଖାଗଲା। ଫଳରେ ଏବେକାର ପିଢି ସରକାରୀ ଚାକିରି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। କୌଣସି ଦେଶ ବା ରାଜ୍ୟର ଯୁବ ପିଢି ଯଦି କେବଳ ସରକାରୀ ଚାକିରି ସନ୍ଧାନରେ ରହିବେ, ତା' ହେଲେ ପ୍ରଗତି ଅସମ୍ଭବ। କାରଣ ସରକାରୀ ଚାକିରି ସବୁବେଳେ ସୀମିତ। ସମସ୍ତଙ୍କୁ ମିଳିବା ସମ୍ଭବ ନୁହେଁ। ସମସ୍ତେ ଚେଷ୍ଟା କରନ୍ତୁ, ଯାହାକୁ ମିଳିଲା ମିଳିଲା, ଯାହାକୁ ନ ମିଳିଲା ସେ ସମୟ ନଷ୍ଟ ନ କରି ଅନ୍ୟ ଉପାୟରେ ଟଙ୍କା ରୋଜଗାର କରିବା କଥା। କିନ୍ତୁ ଦୁଃଖର କଥା ସରକାର ସରକାରୀ ଚାକିରିର ସମୟ ସୀମା ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି, ଅର୍ଥାତ୍ କୌଣସି ଯୁବତୀଯୁବକ ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି ପାଇଁ ଚେଷ୍ଟା କରି ଚାଲିବ। ପାଇଲେ ଭଲ ନ ପାଇଲେ ସେ ଆଉ କିଛି କରିପାରିବ ନାହିଁ। କାରଣ ସେତେବେଳକୁ ୫୦ ବର୍ଷ ପାଖାପାଖି ହୋଇଯାଇଥିବ। ଚାକିରିଟେ ପାଇଲେ ବି ବର୍ଷ କମ୍ ଥିବାରୁ ପେନ୍‌ସନ ଗ୍ରାଚ୍ୟୁଇଟିରୁ ବଞ୍ଚିତ ହେବ। ଅଳ୍ପ ବର୍ଷ ଚାକିରି ଥିବାରୁ ପରିବାରର ଆର୍ଥିକ ସ୍ୱଚ୍ଛଳତା ବଢାଇବା ପାଇଁ ଭ୍ରଷ୍ଟାଚାରର ସାହାରା ନେବେ। ଯାହାଦ୍ୱାରା ରାଜ୍ୟର ଉତ୍ପାଦକତା ହ୍ରାସ ପାଇବ। ମାତ୍ର କମ୍ ବୟସର ଯୁବକ ଯୁବତୀ ଚାକିରି ପାଇଲେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ଘଟିବ। ଯେଉଁମାନେ ଚାକିରି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାରେ ବିଫଳ ହେବେ, ସେମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେବେ ଯେ ଚାକିରି କରିବା ବୟସ ଆମର ଚାଲିଗଲା। ଆମକୁ ଅନ୍ୟାନ୍ୟ ଧନ୍ଦା ଦ୍ୱାରା ରୋଜଗାର କରିବାକୁ ପଡିବ। ତେଣୁ କିଏ ଉଦ୍ୟୋଗ କରିବ ତ କିଏ ବେପାର ତ ଆଉ କିଏ କୃଷି କାର୍ଯ୍ୟ କରିବ। ଯେହେତୁ ସେମାନେ କମ ବୟସରୁ ସେ ସବୁ କାର୍ଯ୍ୟ କରିବେ, ତେଣୁ ସେଥିରେ ପାରଦର୍ଶିତା ଲାଭ କରିବେ ଓ ଆଗକୁ ବଢିବେ। ରାଜ୍ୟର ଉତ୍ପାଦକତା ବଢିବ ଓ ରାଜ୍ୟର ପ୍ରଗତି ହେବ।



ରାଜ୍ୟର ଶାସନ କାର୍ଯ୍ୟ ପାଇଁ କର୍ମଚାରୀ ଆବଶ୍ୟକ। ମାତ୍ର ଆବଶ୍ୟକତାଠୁ ଅଧିକ କର୍ମଚାରୀ ନିୟୋଜିତ କଲେ ବିତ୍ତୀୟ ନିଅଣ୍ଟ ହୁଏ ଏବଂ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସରକାର ବେରୋଜଗାର ଯୁବତୀଯୁବକଙ୍କ ପାଇଁ ସରକାରୀ ଚାକିରି ବିକଳ୍ପ ସ୍ୱରୂପ ଉଦ୍ୟୋଗ ଓ ବ୍ୟବସାୟ ମାଧ୍ୟମରେ ରୋଜଗାର ସୃଷ୍ଟି ପାଇଁ ଉଦ୍ୟମ କରିବା ଆବଶ୍ୟକ। ସରକାରୀ କାର୍ଯ୍ୟକୁ ସ୍ୱଳ୍ପ ସମୟରେ ସୁଚାରରୂପେ ସମ୍ପାଦନ ପାଇଁ ଦକ୍ଷ ଯୁବତୀଯୁବକଙ୍କର ଆବଶ୍ୟକତା ରହିଛି, ଯାହାକୁ ୪୮ ବର୍ଷ ବୟସ୍କ କରିପାରିବେ ନାହିଁ। ସେଥିପାଇଁ ୩୦/୩୨ ବର୍ଷ ଭିତର ଯୁବତୀଯୁବକ ଆବଶ୍ୟକ। ଅନେକ ବର୍ଷ ଧରି ଚାକିରି ବାହାରୁ ନ ଥିବାରୁ କିଛି ଛାତ୍ରୀଛାତ୍ର ଚାକିରି ପରୀକ୍ଷା ଦେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆମକୁ ସରକାରୀ ଚାକିରିରେ ପ୍ରବେଶ ବୟସ ବଢାଇବାକୁ ପଡୁଛି। ଭବିଷ୍ୟତରେ ଆଉ କେଉଁ ସରକାର ଆସିବ, ହୁଏତ ଏହାକୁ ଆହୁରି ବଢାଇଦେବେ। ପଚାଶ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ନେଇ କ'ଣ ଆମେ ବିଭାଗର କାର୍ଯ୍ୟଦକ୍ଷତା ବଢାଇପାରିବା ? ପ୍ରତିବର୍ଷ କର୍ମଚାରୀ ଅବସର ନେଉଛନ୍ତି। ପ୍ରତିବର୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ପଡିବ। ଯାହାଦ୍ୱାରା ପ୍ରତିବର୍ଷ ପାସ୍ କରୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ବିକାଶରେ ବିନିଯୋଗ କରାଯାଇପାରିବ। ରାଜ୍ୟର ଯୁବତୀଯୁବକଙ୍କୁ ସରକାରୀ ଚାକିରି ମନସ୍କ କରାଇବା କିମ୍ବା ସେମାନଙ୍କୁ ରୋଜଗାରକ୍ଷମ ନ କରାଇ ୪୮ କିମ୍ବା ୫୦ ବର୍ଷ ପର୍ଯ୍ୟନ୍ତ ଚାକିରି ପରୀକ୍ଷା ପାଇଁ ପ୍ରସ୍ତୁତ କରାଇବା ଆଦୌ ବିଜ୍ଞତା ଓ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ଯୁବା ଗୋଷ୍ଠୀ ପାଖରେ ବିକାଶର ପର୍ଯ୍ୟାପ୍ତ ଶକ୍ତି ଅଛି। କୌଣସିମତେ ଯଦି ଆମେ ତାକୁ ଓଡ଼ିଶାରେ ପ୍ରସ୍ଫୁଟିତ କରାଇପାରିବା, ପର ପିଢି ପାଇଁ ବିକାଶର ରାସ୍ତା ସବୁଦିନ ପାଇଁ ଖୋଲିଯିବ, ଯାହାକି ଦେଶର ବିକଶିତ ରାଜ୍ୟମାନଙ୍କରେ ଦେଖିବାକୁ ମିଳେ। ତେଣୁ ଆମକୁ ବ୍ୟାପକ ସାମାଜିକ ପରିବର୍ତ୍ତନ ଉପରେ ଜୋର ଦେବାକୁ ପଡିବ। ୨୮ରୁ ୩୫ ବର୍ଷରେ ଚାକିରି ରାସ୍ତା ବନ୍ଦ ହେଲେ, ଯୁବାଗୋଷ୍ଠୀ ଅନ୍ୟାନ୍ୟ କ୍ଷେତ୍ର ପ୍ରତି ଆକୃଷ୍ଟ ହେବେ ଓ ସେଥିରେ ନିଜର ପାରଦର୍ଶିତା ଦେଖାଇବେ ଏବଂ ଓଡ଼ିଶାକୁ ସମୃଦ୍ଧ କରି ଗଢିତୋଳିବେ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଓକିଲଙ୍କୁ ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତ କରାଯାଉ

ମହାଶୟ,

ଭାରତର ଉଚ୍ଚତମ, ରାଜ୍ୟଗୁଡ଼ିକର ଉଚ୍ଚ ଏବଂ ଜିଲା ତଥା ନିମ୍ନ ଅଦାଲତଗୁଡ଼ିକରେ ଶାସକ ଦଳ ସମର୍ଥିତ ଆଇନଜୀବୀମାନେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇ ଅଦାଲତରେ ସରକାରଙ୍କ ପକ୍ଷ ରଖିଥାନ୍ତି। ଯଦି ଶାସକ ଦଳ କାର୍ଯ୍ୟକାଳ ସରିଯାଏ ବା କୌଣସି କାରଣରୁ ସରକାର ଭାଙ୍ଗିଯାଏ, ତେବେ ସେମାନେ ମଧ୍ୟ ଇସ୍ତଫା ଦେଇଥାନ୍ତି। ପୁଣି ନୂଆ ସରକାର ସେମାନଙ୍କ ଦଳର ସମର୍ଥିତ ଆଇନଜୀବୀଙ୍କୁ ଏହି ପଦବୀରେ ନିଯୁକ୍ତ ପ୍ରଦାନ କରିଥାନ୍ତି। ପ୍ରାୟତଃ ଦେଖିଯାଉଛି, ଇସ୍ତଫା ଦେଇଥିବା ପୂର୍ବ ସରକାର ଅମଳର ଆଇନଜୀବୀମାନେ ଯେଉଁ ସରକାରୀ ମକଦ୍ଦମାରେ ସରକାରୀ ପକ୍ଷ ରଖିଥିଲେ, ସେହି ମକଦ୍ଦମାରେ ବିରୋଧୀ ପକ୍ଷ ବା ଅପରପକ୍ଷଙ୍କ ଆଇନଜୀବୀ ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଯୁକ୍ତ ହୋଇ ଏହି ବିରୋଧୀଙ୍କ ପକ୍ଷ ରଖୁଛନ୍ତି। ଏହା କି ପ୍ରକାର ସମ୍ବିଧାନ ? ଏହା ଏକ ପ୍ରକାର ଦଳବଦଳ ହେଲା ନାହିଁ କି ? ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଉକ୍ତ ପଦବୀଗୁଡିକ ପାଇଁ କେନ୍ଦ୍ର/ ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ପ୍ରତିଭାବାନ୍ ପ୍ରାର୍ଥୀଙ୍କୁ ଲିଖିତ, ମୌଖିକ ପରୀକ୍ଷା ଦ୍ୱାରା ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଉ। ଏହାଦ୍ୱାରା ନ୍ୟାୟ ମିଳିବାରେ ସ୍ୱଚ୍ଛତା ଆସିପାରିବ।

– ଅନନ୍ତରାମ ସିଂ, କେନାଲ ରୋଡ୍, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା ।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ !

–(ଯୁଗଳ ପ୍ରୟାଣେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଛୁରିରେ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

ନବରଙ୍ଗପୁର,୨୪।୯ (ସଦାଶିବ ପ୍ରହରାଜ): ନବରଙ୍ଗପୁର ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ବୁଧବାର ଛୁରିରେ ଆକ୍ରମଣ ମାମଲାର ବିଚାରକରି ପାପଡ଼ାହାଣ୍ଡି ଥାନା ଅଧୀନ ଠାକୁରାଣୀ ସାହି ବାସିନ୍ଦା ଚୈତନ୍ୟ ଅମାନତ୍ୟଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟେରେ ଆହୁରି ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। ୨୨ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ସେ ଏହି ରାୟ ଶୁଣାଇଛନ୍ତି।

ସୂଚନାନୁଯାୟୀ ଗତ ଡିସେମ୍ବର ୫ରେ ସନ୍ଧ୍ୟା ୫ ଟାରେ ପାପଡ଼ାହାଣ୍ଡିସ୍ଥିତ ଠାକୁରାଣୀ ମନ୍ଦିରରେ ବିନି ପୂଜାରୀ ତାଙ୍କ ସ୍ୱାମୀ ମଧୁସୂଦନଙ୍କ ସହିତ ଥିବାବେଳେ ଅଭିଯୁକ୍ତ ଆସି ବିନିଙ୍କୁ ଗାଳିଗୁଲଜ କରିଥିଲେ। ସେ ଧରିଥିବା ଛୁରିରେ ବିନିଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ଛୁରି ଛଡ଼ାଇବା ସହ ବିନିଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୦ ତାରିଖରେ ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ଘଟଣାର ୨୫ ଦିନ ପରେ ବାପଘର ପୂଜାରୀଗୁଡ଼ାରେ ବିନିଙ୍କର ମୃତ୍ୟୁ ହୋଇଛି। ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ମନୋଜ ଏକ୍କା ପରିଚାଳନା କରିଥିଲେ।

### ନୂତନ ଏବିଇଓଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା

ତେନ୍ତୁଳିଖୁଣ୍ଟି, ୨୪।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ନୂତନ ଏବିଇଓ କୁଳ ରଞ୍ଜନ ସୁନା ଓ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ଥାନୀୟ ପରଜାବାରଙ୍ଗପଦର ପଞ୍ଚାୟତର ଗୋଟିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପି. ବାରଙ୍ଗପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମିଳିତଭାବେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କର୍କରା ଓ ସଞ୍ଜୟ ସୁନା ସଭା ଆୟୋଜନ କରାଇଥିଲେ। ପି. ବାରଙ୍ଗପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ମୋହନ ମଧୁସୂଦନ ବାଗ, ଆଞ୍ଚଳିକ ସାଧନ ସଂଯୋଜକ ପ୍ରୋମଦା ସାମଲ ମଞ୍ଚାସୀନ ଥିଲେ। ଉଭୟ ଏବିଇଓଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରା ଯାଇଥିଲା। ପରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଇଓ ମୋହନ ମଧୁସୂଦନ ବାଗ ନିଜ ସରକାରୀ କାର୍ଯ୍ୟ ସମୟର ଅନ୍ତିମ ସମୟରେ ଏଭଳି ଏକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରାଯାଇଥିବାରୁ ଧନ୍ୟବାଦ୍ ଦେଇଥିଲେ। ବିଦ୍ୟାଳୟ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ଓ ଖେଳ ପଡିଆ ପାଇଁ ଉଦ୍ୟମ ଓ ବ୍ୟବସ୍ଥା କରିବା ପାଇଁ ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଡ଼ିବନ୍ଧ ସ୍ଥିତି ନିରୀକ୍ଷଣ

ନବରଙ୍ଗପୁର,୨୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ବୁଧବାର କୋଷାଗୁମୁଡ଼ା ବ୍ଲକର ଘାଟବସୁଲି ଓ ଉକିଆପାଲି ଗାଁ ପରିଦର୍ଶନ କରି ଇନ୍ଦ୍ରାବତୀ ନଦୀର ସ୍ଥିତି ବିଷୟରେ ସମୀକ୍ଷା କରିଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଡ଼ିବନ୍ଧ ଗୁଡିକ କିଭଳି ରହିଛି ତାହା ନିରୀକ୍ଷଣ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅସମ୍ପୂର୍ଣ୍ଣ ଘରଗୁଡ଼ିକ ଦେଖିଥିଲେ। ହିତାଧିକାରୀଙ୍କୁ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଓ ପିଡିଏସ୍ ଚାଉଳ ବଣ୍ଟନ ସମ୍ପର୍କରେ ଆଲୋଚନା କରିଥିଲେ। ଘଟ ବାସୁଲି ଓ



ଗାଁରେ ଜିଲାପାଳ, ଅନ୍ୟ ଅଧିକାରୀ ଓ ଗ୍ରାମବାସୀ।

**ନବରଙ୍ଗପୁର ଜିଲାପାଳଙ୍କ ଘାଟ ବସୁଲି ଓ ଉକିଆପାଲି ଗାଁ ପରିଦର୍ଶନ**

ଚିର୍ମା ପଞ୍ଚାୟତରେ ବନ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ପାଇଁ ହେଉଥିବା ଦାବିକୁ ଉପଲବ୍ଧି କରିଥିଲେ। ବରଗାଁ ଜଳ ଶୋଧନ କେନ୍ଦ୍ର ପାଣି ପରୀକ୍ଷା କରି ଇଞ୍ଜିନିୟର ମାନଙ୍କ ସହିତ ଭେଟି ଆଲୋଚନା କରିଥିଲେ। କେରାଗାଁ-ସତରଙ୍ଗା ଅଧାପନ୍ତରିଆ ପୋଲ କାମ ଦେଖି ନବରଙ୍ଗପୁର ଫେରିଥିଲେ। ଗସ୍ତ ସମୟରେ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ଅସିତ୍ ତ୍ରିପାଠୀଙ୍କ ସମେତ ଗ୍ରାମବାସୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ନବରଙ୍ଗପୁର,୨୪।୯(ସଦାଶିବ ପ୍ରହରାଜ)

ଭାରତୀୟ ପାଣିପାଗର ସୂଚନାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲାପାଳ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛନ୍ତି। ନବରଙ୍ଗପୁର ୨୭ ତାରିଖ ଦିନ ଚାରିପାଖାରେ ଏକ ଲଘୁଚାପ ଅବପାତରେ ପରିଣତ ହୋଇ ଦକ୍ଷିଣ ଓଡିଶା-ଉତ୍ତର ଆନ୍ଧ୍ରପ୍ରଦେଶ କୂଳରେ ପ୍ରବେଶ କରିବ। ଏହାର ପ୍ରଭାବରେ ନବରଙ୍ଗପୁର ଜିଲାରେ ଅତ୍ୟଧିକ ବର୍ଷା ସହିତ ବଜ୍ରପାତ ଓ ବାତ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ନେଇ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ୨୫ ତାରିଖ ଗୁରୁବାରରୁ ସ୍ଥାନୀୟ ମୁଖ୍ୟାଳୟରେ ରହିବାକୁ ପଡିବ। ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ କୌଣସି କର୍ମଚାରୀ ମୁଖ୍ୟାଳୟ ଛାଡିବେ ନାହିଁ। ନିର୍ଦ୍ଦେଶକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି।

# ସ୍ୱାବଲମ୍ବୀ ହେବା ନେଇ ଆଗ୍ରହ ଜାଗ୍ରତ ଲକ୍ଷ୍ୟ

ନବରଙ୍ଗପୁର,୨୪।୯(ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ୍ରମେ ଅନ୍ତଃଜିଲା ଅନୁଭୂତି ସକାଶେ ପରିଦର୍ଶନ ଯିବାର ବ୍ୟବସ୍ଥା ରହିଛି। ଏହି କ୍ରମରେ ନବରଙ୍ଗପୁର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଅଦ୍ୱିକା ଯୋଜନା ଅଧୀନରେ ନବରଙ୍ଗପୁର ଜିଲାର କୋଷାଗୁମୁଡ଼ା, ପାପଡ଼ାହାଣ୍ଡି, ଡାବୁଗାଁ, ଉମରକୋଟ ବ୍ଲକ୍‌ର ୧୪ ବର୍ଷରୁ ୧୮ ବର୍ଷିଆ ୩୩ ଜଣ କିଶୋରୀ ୨୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଗସ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର, କଳିଙ୍ଗ ଷ୍ଟାଡିୟମ, ଆଇଟିଆଇ ପରିଦର୍ଶନ କରିବେ। କିଶୋରୀଙ୍କ ମଧ୍ୟରେ ସ୍ୱାବଲମ୍ବୀ ହେବାର ଆଗ୍ରହ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏହି ଗସ୍ତର ଆୟୋଜନ କରାଯାଇଥିବା ସୂଚନା ମିଳିଛି। ରାଜଧାନୀକୁ ଗସ୍ତ ସମୟରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ଦେବଦାସ ମହାକୁଡ଼, ଜିଲା ଶ୍ରମ ବିଭାଗ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଡିଆଇପିଆର୍‌ଓ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ। କିଶୋରୀଙ୍କ ସୁରକ୍ଷା ଦାୟିତ୍ୱରେ ରମା ପଟ୍ଟନାୟକ, ସସ୍ମିତା ପାତ୍ର, ପ୍ରୀତିକୁମାରୀ ବାଘ, ସୁମିତରାଜ ମିଶନ ଗ୍ରାହାମ ଏବଂ ୪ ବ୍ଲକ୍‌ର ୪ଜଣ ଅଙ୍ଗନୱାଡି କର୍ମୀ ଯାଇଛନ୍ତି।

# ପରିବାର ମଧ୍ୟରେ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ମୂଳଲକ୍ଷ୍ୟ



ଏକ ଖାଦ୍ୟ ଷ୍ଟଲ୍‌ରେ ଅତିଥିମାନେ।

ଉମରକୋଟ, ୨୪।୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ବୁଧବାର କେନ୍ଦ୍ର ସରକାରଙ୍କ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଶିବିର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ନିରୀକ୍ଷକ ଡା. ଶରତ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପଣ୍ଡା, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ପୌରାଧ୍ୟକ୍ଷା ରାଧା ଭତ୍ରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ପରିବାର ମଧ୍ୟରେ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ମୂଳଲକ୍ଷ୍ୟ ବୋଲି ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପଣ୍ଡା ମତ ରଖିଥିଲେ। ଏହି ଅବସରରେ ସମନ୍ୱିତ ଶିଶୁ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା ବାର୍ତ୍ତା ବହନ କରୁଥିବା ଷ୍ଟଲ୍ ସ୍ଥାପନ କରାଯାଇଥିଲା। ସେହିପରି ପୋଷଣ ସମ୍ବନ୍ଧୀୟ ତଥ୍ୟ ଓ ପ୍ରାଥମିକ ତଥ୍ୟ ପ୍ରଦାନ କରାଯାଇଥିଲା। ଶିବିରରେ ସମସ୍ତ ବୟସ୍କଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ ସହ ନାରୀ ଓ କିଶୋରୀଙ୍କ ରକ୍ତଚାପ, ମଧୁମେହ, ରକ୍ତହୀନତା ଓ ବିଭିନ୍ନ ମହିଳା ରୋଗ ଯାଞ୍ଚ କରାଯାଇଥିଲା। ଶିବିରରେ

**ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ**

**୫୫୫ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ମୋଟ ୫୫୫ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମାଗଣା ରକ୍ତ ପରୀକ୍ଷା ଓ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପ୍ରମୋଦ କୁମାର ନାୟକ ଓ ଡା. ସାଗରିକା ସ୍ୱାଇଁ, ଚକ୍ଷୁରୋଗ ବିଶେଷଜ୍ଞ କାନ୍ତନା ଏସ୍. ପ୍ରଧାନ ଓ ଇଏନ୍‌ଟି ବିଶେଷଜ୍ଞ ବିଭୂକଲ୍ୟାଣ ତ୍ରିପାଠୀ, ଦନ୍ତ ବିଶେଷଜ୍ଞ ଅନୁରାଗ ମଲ୍ଲିକ, ଶିଶୁରୋଗ ବିଶେଷଜ୍ଞ ଡା. ଦେବୀ ପ୍ରସାଦ ଦାସ, ଡା. ସବ୍ୟସାଚୀ ଦାସ, ହସ୍ପିଟାଲ ପରିଚାଳକ ଶୁଭ୍ରାଂଶୁ ପାଲଟାସିଂ, ଆକାଉଣ୍ଟସ୍ ମ୍ୟାନେଜର ବିଶ୍ୱଜିତ୍ ସୁନା ଓ ବରିଷ୍ଠ ଯକ୍ଷ୍ମା ରୋଗ ସୁପରଭାଇଜର ବିପିନ କୁମାର ମାଝୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହସ୍ପିଟାଲର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଲକାନଗିରି,୨୪।୯(ଗୌରିଶଙ୍କର ପଣ୍ଡା): ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ବାହିନୀ ତରଫରୁ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ତଥା ସଂଯୋଜକ ଗୌତମ ନାୟକ ଓ ଦୀପ୍ତିରେଖା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ସତ୍ୟନାରାୟଣ କଲେଜ ଅଫ ନର୍ସିଂର ଛାତ୍ରୀ ଦୀପା ମଣ୍ଡଳ, କବିତା ସିଲ, ବିପାଶା ରାୟ ଓ ଏସ୍ ପ୍ରିୟା ସହଯୋଗ କରିଥିଲେ। ମାଲକାନଗିରି ରକ୍ତଭଣ୍ଡାରର ଡାକ୍ତର ସାଗର ବାଲା ଓ କର୍ମଚାରୀ ଭବାନୀଶଙ୍କର ଜେନା, ବିକାଶ କୁମାର ପଣ୍ଡା, ବିଷ୍ଣୁ ପ୍ରିୟା ବାଘ, ଲିପି ପ୍ରଭା ମହାନ୍ତି, ସାଗର ମିଶ୍ର, ସଞ୍ଜୟ ସାଗର, ସୁଜଳ କୁମାର ରାୟ, ଗୁଣ ସାଗର ଖମାରୀ ପ୍ରମୁଖ ଶିବିରରେ ଉପସ୍ଥିତ ରହି ପରିଚାଳନା କରିଥିଲେ। ରକ୍ତଦାନ ନିମନ୍ତେ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସହ ପୁରାତନ ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଆସି ପରୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ତଥା ମହାବିଦ୍ୟାଳୟ ସଭାପତି ସୋମନାଥ ପ୍ରଧାନ ଆସି ରକ୍ତଦାନ ଶିବିରରେ ପିଲାଙ୍କ ଖାଇବା ବ୍ୟବସ୍ଥା ସବୁ ଦେଖିବା ସହ ଅଧ୍ୟକ୍ଷଙ୍କ ସହ ସମସ୍ତ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୭୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କୋଡ଼ିଙ୍ଗା, ୨୪।୯(ସମରେନ୍ଦ୍ର ପଟ୍ଟନାୟକ): ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ମୋତିଗାଁରେ ଗଞ୍ଜାଇ ଚାଲାଣ ହେଉଥିବା ନେଇ ବୁଧବାର ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ କୋଡ଼ିଙ୍ଗା ଅବକାରୀ ଥାନା ଏବଂ ପାପଡାହାଣ୍ଡି ଅବକାରୀ ଥାନା କର୍ମଚାରୀ ମିଳିତଭାବେ ଚଢ଼ାଉ କରିଥିଲେ। ଧନିରାମ କଳାର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨.୫କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ କୋଡ଼ିଙ୍ଗା ଅବକାରୀ ଥାନାରେ କେଶ ନଂ ୭୩/୨୫ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉବେଳେ କୋଡ଼ିଙ୍ଗା ଅବକାରୀ ଥାନାଧିକାରୀ ଦେଶରାଜ ସୁନା, ସହ ଉପନିରୀକ୍ଷକ ହଳଧର ଜାନି, ରେସମା ସୁନା, ସୁଧାଂଶୁ ଶେଖର ବାଘ, ପ୍ରମୋଦ ବାଘ, ଆକ୍ରମ ଖାଁ, ରମେଶ ଚନ୍ଦ୍ର ପ୍ରଧାନ ସାମିଲ ଥିଲେ।

# ଗଛ ଉପୁଡ଼ି ଭାଙ୍ଗିଲା ଘର



ଅଗ୍ନିଶମ ବାହିନୀ କର୍ମଚାରୀ ଗଛ କାଟି ସଫା କରୁଛନ୍ତି।

ନନ୍ଦପୁର, ୨୪।୯(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ରାଇସିଂ ପଞ୍ଚାୟତର ମୂଳଡ଼ା ଗ୍ରାମରେ ଏକ ଗଛ ଉପୁଡ଼ି ଚନ୍ଦ୍ରସେନ ବଡ଼ନାୟକଙ୍କ ଘର ଭାଙ୍ଗିଯାଇଛି। ଗଛ ପଡ଼ି ଆଜ୍‌ବେଷ୍ଟସ୍ ସହ କାନ୍ଥ ମଧ୍ୟ ଭାଙ୍ଗିଯାଇଛି। ସରପଞ୍ଚ ଜଗବନ୍ଧୁ ଚେଟୀ ଓ ଅଗ୍ନିଶମ ଓଆଇସି ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ନନ୍ଦପୁର ଅଗ୍ନିଶମ ବାହିନୀର କର୍ମକର୍ତ୍ତା ପହଞ୍ଚି ଘର ଉପରୁ ଗଛଟିକୁ କାଟି ହଟାଇଥିଲେ। ଘର ଭାଙ୍ଗିଯାଇଥିବାର ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଓ ସରପଞ୍ଚ ପ୍ରଶାସନକୁ ଅନୁରୋଧ କରିଛନ୍ତି। ତହସିଲ ପକ୍ଷରୁ ତ୍ୱରିତ ସହାୟତା ସ୍ୱରୂପ ପଲିଥିନ ପ୍ରଦାନ କରାଯାଇଛି।

# ଫେରାର ଗଞ୍ଜେଇ ମାଫିଆ ଗିରଫ

ଜୟପୁର,୨୪।୯(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ବାରିଣୀପୁଟ ନିକଟରୁ ପୋଲିସକୁ ଚକମା ଦେଇ ଫେରାର ଥିବା ଗଞ୍ଜେଇ ମାଫିଆ କାର୍ତ୍ତିକ ଲାମ୍ବାଙ୍କୁ ବୁଧବାର ଜୟପୁର ଟାଉନ ପୋଲିସ ଗିରଫ ସହ କୋର୍ଟ ଚାଲାଣ କରିଛି। ଗତ ମେ ୨୯ରେ ଜୟପୁର ଟାଉନ ପୋଲିସ ୧୩ କୁଇଣ୍ଟାଲ ୧୮ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏହି ମମଲାରେ ଟାଉନ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ କାର୍ତ୍ତିକ ଲାମ୍ବା ଫେରାର ହୋଇଯାଇଥିଲେ। ତେବେ ବୁଧବାର ବାରିଣୀପୁଟ ଅଞ୍ଚଳରେ କାର୍ତ୍ତିକ ଲାମ୍ବା ବୁଲୁଥିବା ସମୟରେ ଟାଉନ ପୋଲିସ ତାଙ୍କୁ ଗିରଫ କରିଥିବା ଟାଉନଥାନାଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

ପୋଲିସ ସୂଚନାନୁଯାୟୀ ଗତ ଜୁନ୍ ୨୯ରେ ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ ପାଟ୍ରୋଲିଂ କରୁଥିବା ସମୟରେ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ଏକ ପୁରୁଣା ଗୋଦାମ ଭିତରୁ ୨ ଜଣ ଯୁବକ ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ଦୌଡ଼ିଥିଲେ। ପାଟ୍ରୋଲିଂ ଦଳକୁ ସନ୍ଦେହ ହେବାରୁ ସେମାନେ ଭିତରକୁ ଯାଇଥିଲେ। ଏହି ସମୟରେ ୪୦୭ ମିନି ଟ୍ରକ୍‌ରୁ ଅନ୍ୟ ଏକ ୬ ଚକିଆ ଟ୍ରକ୍‌କୁ ବସ୍ତାରେ ଥିବା କିଛି ସାମଗ୍ରୀ ଲୋଡିଂ ଚାଲିଥିଲା। ପୋଲିସକୁ ଦେଖି ପାଖରେ ଥିବା ୧୨ ଜଣ ବ୍ୟକ୍ତି ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ ଗୋଡ଼ାଇ ଧରିବା ସହ କୋର୍ଟ ଚାଲାଣ କରିଥିଲା। ସେତେବେଳେ ଲମତାପୁଟରୁ ହରିଆଣାକୁ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ଦେଇଛି।

# କଲେଜରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ବୋରିଗୁମ୍ମା, ୨୪।୯(ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ସ୍ୱଦେଶୀ ଜାଗରଣ ମଞ୍ଚ ଯୁବ ପ୍ରମୁଖ ତନ୍ମୟ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମସ୍ତେ ଚାକିରୀ ପରିବର୍ତ୍ତେ ଚାକିରିଦାତା ହେବାପାଇଁ ତନ୍ମୟ ପ୍ରଧାନ ଆହ୍ୱାନ ଦେଇଥିଲେ। ବୋରିଗୁମ୍ମା ସହରର ସଫଳ ଯୁବ ଉଦ୍ୟୋଗୀ ଇଞ୍ଜିନିଅର ଜି. କ୍ରିଷ୍ଣା ରାଓଙ୍କୁ ଉପଢୌକନ ଦେଇ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା। କ୍ରିଷ୍ଣା ରାଓ ମୋଟା ଅଙ୍କର ଦରମା ପାଇ ବିଦେଶରେ ଚାକିରୀ କରୁଥିଲେ। ପରେ ନିଜ ସ୍ଥାନକୁ ଫେରିଆସି କାଜୁ ବାଦାମ ପ୍ରକ୍ରିୟାକରଣ ସଂସ୍ଥା ଗଢି ନିଜେ ଲାଭବାନ ହେବା ସହ ପ୍ରାୟ ୩୦ରୁ ଅଧିକ ପରିବାରକୁ ରୋଜଗାର ଯୋଗେଇ ଦେଉଛନ୍ତି। ଶହେ ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଅଧ୍ୟାପକ ଡ଼ ସୁଧାଂଶୁ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖେଳ ସୁପରିଚାଳନା ନେଇ ଜିଲା କିନ୍ନର ସଂଘର ଆର୍ଥିକ ସହାୟତା

ନବରଙ୍ଗପୁର,୨୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କିନ୍ନର ସଂଘ ପକ୍ଷରୁ ନବରଙ୍ଗପୁର ଜିଲା ସଦର ମହକୁମାରେ ଚାଲିଥିବା ଦଶହରା କପ୍ ଫୁଟବଲ ଟୁର୍ନାମେଣ୍ଟର ସୁପରିଚାଳନା ନିମନ୍ତେ ଆର୍ଥିକ ସହାୟତା ପ୍ରଦରନ କରାଯାଇଛି। ଟୁର୍ନାମେଣ୍ଟର ଉଦ୍ୟକ୍ତା ଅଶୋକ ପାତ୍ରଙ୍କୁ କିନ୍ନର ସଙ୍ଘ ସମ୍ପାଦକ ଚୁମୁକୀ କିନ୍ନର ସହାୟତା ପ୍ରଦାନ କରିଛନ୍ତି। କ୍ରୀଡ଼ାର ବିକାଶ ନିମନ୍ତେ କିନ୍ନରମାନଙ୍କ ଆର୍ଥିକ ଅନୁଦାନ ନିଶ୍ଚିତ ଭାବରେ ପ୍ରେରଣାଦାୟୀ ବୋଲି କିନ୍ନର ସଙ୍ଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ କହିଛନ୍ତି। ଚାନ୍ଦା କିମ୍ବା ଦାନ ସ୍ୱରୂପ ପାଉଥିବା ଆର୍ଥିକ ସହାୟତାରୁ କିଛି ବଳକା କରି ଏହିପରି ସାମାଜିକ କାର୍ଯ୍ୟ କରାଯାଉଛି ବୋଲି ସଙ୍ଘ ପ୍ରୋଜେକ୍ଟ ଲିଡର ଏମ. ବାଲାକୃଷ୍ଣ ରାଓ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, କିନ୍ନର ସଙ୍ଘ ପାପଡ଼ାହାଣ୍ଡି ବ୍ଲକ ଉପଦେଷ୍ଟା ତଥା ବ୍ଲକ ଉପସଭାପତି ସୁଶାନ୍ତ କୁମାର ବେହେରା, ନବରଙ୍ଗପୁର ପୌର ପରିଷଦ ଉପଦେଷ୍ଟା ନିନୀବାବୁ ତ୍ରିପାଠୀ, ସଂଘର କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଜିଲା କିନ୍ନର ସଙ୍ଘର ରକ୍ତଦାନ ଭଳି ମହାନ୍ କାର୍ଯ୍ୟ କରାଯିବା ସହ ଅସହାୟଙ୍କୁ ସାହାଯ୍ୟ ସହଯୋଗ ଏବଂ ବିଭିନ୍ନ ସମୟରେ ଗରିବ ମାନଙ୍କୁ ଛତା, କମ୍ବଳ ଆଦି ବଣ୍ଟନ କରାଯାଉଛି। କିନ୍ନର ସଙ୍ଘର ଏପରି ସାମାଜିକ କାର୍ଯ୍ୟକଳାପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।



କିନ୍ନର ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

# କର୍ଣ୍ଣାମାଲକୁ ହରାଇ ଉମରି ଦଳ ଚାମ୍ପିୟନ

**ଦଶହରା କପ୍ ରାତ୍ରିକାଳୀନ ଫୁଟ୍‌ବଲ୍ ଟୁର୍ନାମେଣ୍ଟ**

ନବରଙ୍ଗପୁର,୨୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଟାଉନ ଫୁଟ୍‌ବଲ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟ୍‌ବଲ ପଡ଼ିଆରେ ନବରଙ୍ଗପୁର ଜିଲାରେ ପ୍ରଥମଥର ପାଇଁ ରାତ୍ରିକାଳୀନ ଫୁଟ୍‌ବଲ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍.ବାଲାକୃଷ୍ଣ ରାଓ, ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ ନବରଙ୍ଗପୁର ସହର ମହିଳା ଫୁଟ୍‌ବଲ ଖେଳାଳି ବନାମ ମାଝିଗୁଡ଼ା ବଳାଶ୍ରମ ମହିଳା ଫୁଟ୍‌ବଲ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ କରାଯାଇଥିଲା। ମହିଳା ଫୁଟ୍‌ବଲ ପ୍ରତି ଝିଅମାନଙ୍କୁ ଆକୃଷ୍ଟ କରିବା ଏହାର ଲକ୍ଷ୍ୟ ଥିଲା। ଯେଉଁଥିରେ ସହର ଦଳ ୩-୦ ଗୋଲରେ ବଳାଶ୍ରମ ଦଳକୁ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ



ମହିଳା ଖେଳାଳିଙ୍କ ସହ ଅତିଥିମାନେ।

ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ବରିଷ୍ଠ ଫୁଟ୍‌ବଲ କ୍ରୀଡ଼ାବିତ୍ ଏବଂ ଟାଉନ ଫୁଟ୍‌ବଲ ଏକାଡେମୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଟାଉନ ଫୁଟ୍‌ବଲ ଏକାଡେମୀ ଦଳ ୨-୦ ଗୋଲରେ ବରିଷ୍ଠ ଦଳକୁ ପରାସ୍ତ କରିଥିଲା। ଏହାପରେ ଦଶହରା କପ୍ ଫୁଟ୍‌ବଲ ଫାଇନାଲ ଖେଳାଯାଇଥିଲା। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ କୋରାପୁଟ ଜିଲାର ଉମରି ଦଳ କର୍ଣ୍ଣାମାଲ୍ ଦଳକୁ ୨-୦ ଗୋଲରେ ପରାସ୍ତ କରି ଦଶହରା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ଟ୍ରଫି ହାସଲ କରିଥିଲେ। କୋରାପୁଟ ଜିଲାର ବରିଷ୍ଠ ରେଫରି ସଞ୍ଜୟ ଜେନାଙ୍କ ସମେତ ବିଜୟ ନାୟକ, ଲାଛୁ ଭୂମିଆ ଏବଂ ରଇଲା ଭତରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ବ୍ଲକ୍ ଉପସଭାପତି ସୁଶାନ୍ତ କୁମାର ବେହେରା, ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲା କିନ୍ନର ସଂଘ ସମ୍ପାଦକ ଚୁମୁକି କିନ୍ନର, ବରିଷ୍ଠ କ୍ରୀଡ଼ାବିତ୍ ଦିଲୀପ ବେହେରା, ମାରାଥନ ଧାବକ ଚିତ୍ତରଞ୍ଜନ ପାତ୍ର, ପରିବର୍ତ୍ତନ ଫାଉଣ୍ଡେଶନ ସଭାପତି ନିନିବାବୁ ତ୍ରିପାଠୀ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ସଂଘ ଆଥେଲେଟିକ ସମ୍ପାଦକ ଜ୍ୟୋତି ପରିଛା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏପରି ଏକ ଫୁଟ୍‌ବଲ ଟୁର୍ନାମେଣ୍ଟର ସଫଳ ଆୟୋଜନ କରିଥିବାରୁ ଜିଲାବାସୀ ଫୁଟ୍‌ବଲ ଏକାଡେମୀ ମୁଖ୍ୟ ଅଶୋକ ପାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲାର ମୋଟ ୧୬ ଦଳ ଭାଗ ନେଇଥିଲେ। ପ୍ରଥମ ଥର ପାଇଁ ରାତ୍ରରେ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବାରୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ଅସଂଖ୍ୟ ଦର୍ଶକ ଉପସ୍ଥିତ ଥିଲେ।

# ଡମ୍ବସରା ପରେ ଜଗନ୍ନାଥପୁରକୁ ବ୍ଲକ୍ ଗଠନ ଦାବି

ଗୁଣପୁର,୨୪।୯(ପ୍ରଦୀପ କୁମାର ପାଢ଼ୀ)



ବୈଠକରେ ଜନପ୍ରତିନିଧି ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ପୁଟାସିଂକୁ ବ୍ଲକ୍ ମାନ୍ୟତା ପରେ ଡମ୍ବସରା, ଏବେ ଜଗନ୍ନାଥପୁରକୁ ବ୍ଲକ୍ ଗଠନ ନେଇ ଦାବି ମୁଣ୍ଡ ଟେକିଛି। ଗୁଣପୁର ବ୍ଲକର ଶିରିଝୋଲି, ଜଗନ୍ନାଥପୁର, ମରମା ଏବଂ ଗୋଠଲପଦର ୪ଟି ପଞ୍ଚାୟତକୁ ନେଇ ଜଗନ୍ନାଥପୁର ବ୍ଲକ ଗଠନ ଦାବି ହୋଇଛି। ଏ ନେଇ ଜଗନ୍ନାଥପୁର ପଞ୍ଚାୟତର ବାସନାଗୁଡାଠାରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ଜନ ପ୍ରତିନିଧିଙ୍କ ସହ ପୂର୍ବତନ ଜନପ୍ରତିନିଧି ଏବଂ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଯୋଗଦେଇ ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ପରିଷଦ ସଭ୍ୟା କୁନି ନିମାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସରପଞ୍ଚ ବାସାନ୍ତ ଆରକା, ବିଦ୍ୟା ଶବର, ପୂର୍ବତନ ସରପଞ୍ଚ ଗୌରି ଗମାଙ୍ଗ, ଦାରାସିଂ ଶବର, କେଶବ ଅଧିକାରୀ, ସୁବାସ ଶୁଣ୍ଡି ,ଭାଗୀରଥି ପଣ୍ଡା, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବି ଉପରେ ଆଲୋଚନା କରି ନିଜ ନିଜର ମତ ରଖିଥିଲେ। ଭୌଗୋଳିକ ଦୃଷ୍ଟିକୋଣରୁ ଜଗନ୍ନାଥପୁର ବ୍ଲକ ନିମନ୍ତେ ଯାହା ସବୁ ମାନଦଣ୍ଡ ଆବଶ୍ୟକ ରହିବା କଥା ତାହା ରହିଛି ବୋଲି କହିଥିଲେ। ଓକିଲ ଗୌରି ଶଙ୍କର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅନ୍ୟପକ୍ଷେ ଗୁଣପୁର ବ୍ଲକ୍‌ର ଡମ୍ବସରା ଗ୍ରାମପଞ୍ଚାୟତକୁ ବ୍ଲକ ମାନ୍ୟତା କରିବା ନିମନ୍ତେ ଦାବି ଉଠିଛି। ଗୁଣପୁର ବ୍ଲକର ୬ଟି ପଞ୍ଚାୟତ ଯଥା ଡମ୍ବସରା, ବାଗଶଳା, ଘନାନ୍ତି, ଭୀମପୁର, ଟିଟିମିରି, ଓ ଚାଲକମା ପଞ୍ଚାୟତକୁ ନେଇ ଡମ୍ବସରା ବ୍ଲକ ଗଠନ ପାଇଁ ସେମାନେ ଦାବି କରିଛନ୍ତି।

# ରକ୍ତଦାନକୁ ପ୍ରୋତ୍ସାହିତ କରି ବି.ରାଜେଶ ସମ୍ବର୍ଦ୍ଧିତ

ରାୟଗଡା, ୨୪।୯
(ଆଶିଷ ରଞ୍ଜନ ପଣ୍ଡା)


ବୋଗିଲି ରାଜେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରକ୍ତଦାନ ଅଭିଯାନକୁ ପ୍ରୋତ୍ସାହିତ କରିବା ଏବଂ ଜୀବନ ରକ୍ଷା କରିବା ପାଇଁ ତାଙ୍କର ସମର୍ପଣ ଏବଂ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ରାୟଗଡା ସାମାଜିକ କର୍ମୀ ତଥା ଡ. ଏପିଜେ ଅବଦୁଲ କଲାମ ଫାଉଣ୍ଡେଶନର ପ୍ରତିଷ୍ଠାତା ବୋଗିଲି ରାଜେଶ କୁମାରଙ୍କୁ ଜାତୀୟ ଯୁବ ସମ୍ପ୍ରଦାୟ ଚାମ୍ପିୟନ ମାନ୍ୟତା ପୁରସ୍କାରରେ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଗତ ରବିବାର ଆୟୋଜିତ ବିଶ୍ୱ ଉତ୍କର୍ଷ ରେକର୍ଡ ଇଂଲଣ୍ଡ ତରଫରୁ ଜାତୀୟ ସମନ୍ୱିତ କଳାକାର ଏବଂ କର୍ମୀ ମଞ୍ଚ (ଏନ୍‌ଆଇଏଫ୍‌ଏଏ)ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସମାଜସେବା,ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତା ଏବଂ ରାଷ୍ଟ୍ରର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ରାଜେଶ କୁମାରଙ୍କୁ ପ୍ରଶଂସା ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପୁରସ୍କାର ପାଇଁ ରାଜେଶ ସମସ୍ତ ସ୍ୱେଚ୍ଛାସେବୀ,ରକ୍ତଦାତା, ସମର୍ଥଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରକ୍ତଦାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଅଧିକ ଲୋକଙ୍କୁ ଆଗକୁ ଆସି ରକ୍ତଦାନ କରିବାକୁ ଉତ୍ସାହିତ କରିବା ପାଇଁ ରାଜେଶ ଏହି ଅଭିଯାନ ଜାରି ରଖିଛନ୍ତି । ଯୁବଗୋଷ୍ଠୀଙ୍କ ମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବାର ଆବଶ୍ୟକ ରହିଛି ବୋଲି ରାଜେଶ ପ୍ରକାଶ କରିଛନ୍ତି ।

# ରକ୍ତଦାନ ଶିବିର, ୨୫ ୟୁନିଟ୍ ସଂଗ୍ରହ

ଗୁଣପୁର,୨୪।୯(ପ୍ରଦୀପ କୁମାର ପାଢ଼ୀ)

ଜାତୀୟ ସେବା ଯୋଜନା ଦିବସ ଅବସରରେ ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ନମ୍ବର ୧ ଓ ୨ ପକ୍ଷରୁ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରକ୍ତଭଣ୍ଡାରଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କଲେଜ ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକ ଉଦ୍‌ଘାଟନ କରିଥିବାବେଳେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ମହାନ୍ତି ପରିଚାଳନା କରିଥିଲେ। ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜୁମା ପ୍ରଧାନ ଓ ଲକ୍ଷଣ ଶବରଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଦେବୀପ୍ରସାଦ ରାଉତ, ଦଣ୍ଡପାଣି ଭୂୟାଁ ଓ ଲକ୍ଷଣ ଶବର ଉପସ୍ଥିତ ରହି ରକ୍ତଦାନ କରିଥିଲେ । ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସୁଶ୍ରୀ ସାରଳା ଦେବୀ ପ୍ରଧାନ, ଜସ୍ମିନ୍ ପ୍ରିୟା ଦର୍ଶନିସିୟା, କେ.ଗୌତମୀ, ସୁମିତ୍ରା ବେହେରା, ଶିବଭବାନୀ ଦାଶ, ମୁନା ପାଲକା, ତାରିଣୀ ବେହେରା, ଡି. ମଣିକଣ୍ଠା, ଭବାନୀ ଶଙ୍କର ବାଉରିଓ ଅନ୍ୟମାନେ ରକ୍ତଦାନ କରିଥିଲେ ।



ଅତିଥିଙ୍କ ସହ ରକ୍ତଦାନ କରିଥିବା ଛାତ୍ରୀଛାତ୍ର ।

# ଧନ୍ଦାମୂଳକ ଶିକ୍ଷକଙ୍କ ଦରମା ଦାବିରେ ଡିଇଓ ଅଫିସ ଘେରାଉ


ଧନ୍ଦାମୂଳକ ଶିକ୍ଷକମାନେ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରୁଛନ୍ତି ।

ରାୟଗଡ଼ା,୨୪।୯(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ ଦାବିକରି ରାୟଗଡ଼ା ଜିଲା ଧନ୍ଦାମୂଳକ ଶିକ୍ଷକ ମଙ୍ଗଳ ସଂଘ ପକ୍ଷରୁ ବୁଧବାର ଧାରଣା ଦିଆଯାଇଛି । ସଂଘର ଶତାଧିକ ସଦସ୍ୟ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ରାୟଗଡା ଜିଲାରେ ୨୦୧୬ ମସିହାରୁ ୪୯ଟି ବିଦ୍ୟାଳୟରେ ପ୍ରାୟ ୯୭ ଜଣଙ୍କୁ ଧନ୍ଦାମୂଳକ ଶିକ୍ଷକ ଭାବେ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଛି । ତେବେ ସେମାନେ ଚାକିରି କରିବାର ଦୀର୍ଘ ୯ ବର୍ଷ ପରେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଇନାହିଁ । ଅନ୍ୟପଟେ ନିଯୁକ୍ତିର ସ୍ଥାୟିତ୍ୱ ମଧ୍ୟ ସରକାର ଏଯାଏଁ ନିର୍ଦ୍ଧାରଣ କରିନାହାନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଏସବୁ ସମସ୍ୟାରେ ମାନସିକ ଭାରସାମ୍ୟ ହରାଇ ଗତ ୨ ଦିନ ପୂର୍ବେ ପଡୋଶୀ ଗଜପତି ଜିଲାର ଜଣେ ଧନ୍ଦାମୂଳକ ଶିକ୍ଷକ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେ । ତେବେ ରାୟଗଡା ଜିଲାରେ ମଧ୍ୟ ଏହାର ପୁନରାବୃତ୍ତି ନ ଘଟୁ ବୋଲି ସଂଘ ଦାବି କରିଛି ।

# ଆଇଟିଡିଏ ବିଭାଗ ପକ୍ଷରୁ ଯୁବକଙ୍କ ନାଁରେ ଏତଲା

ରାୟଗଡ଼ା,୨୪।୯(ଆଶିଷ ରଞ୍ଜନ ପଣ୍ଡା)

ସୂଚନା ଅଧିକାର ବଳରେ ଜଣେ ଯୁବକ ରାୟଗଡ଼ା ଆଇଟିଡିଏ ପ୍ରକଳ୍ପ କାର୍ଯ୍ୟାଳୟକୁ ଆସି କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ନେଇ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ଟାଉନ ଥାନାରେ ଏତଲା ଦେଇଛନ୍ତି । ଏ ନେଇ ସେ କଲ୍ୟାଣସିଂହପୁର ବ୍ଲକ ଖରଜୋଡ଼ା ଗ୍ରାମର ଗୁରୁଦେବ ଗାଣ୍ଡାଙ୍କ ବିରୋଧରେ ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଆଇଟିଡିଏ ପ୍ରକଳ୍ପ କାର୍ଯ୍ୟାଳୟରେ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ନେଇ ଗୁରୁଦେବ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି । ତେବେ ଗୁରୁଦେବଙ୍କ ସହ ବରୁଣ ନାମକ ଯୁବକ ଆସି ପାଟିତୁଣ୍ଡ କରିବା ସହିତ ଦୁର୍ବ୍ୟବହାର କରିଥିଲେ ବୋଲି କହିଛନ୍ତି ।

## ତଥ୍ୟ ମାଗିବାରୁ ଜାତିଆଣ ଆକ୍ଷେପ ଅଭିଯୋଗ

ଗୁରୁଦେବଙ୍କ ଅଭିଯୋଗ ଅନୁସାରେ, ସେ ଅଗଷ୍ଟ ୨୦ରେ ଆଇଟିଡିଏରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (ଏମ୍‌ଏମ୍‌ଜେଜେଏମ୍) ଯୋଜନାରେ ହୋଇଥିବା ବିଭିନ୍ନ ଆର୍ଥିକ ଖର୍ଚ୍ଚ ଓ କାର୍ଯ୍ୟର ବିବରଣୀ ମାଗିଥିଲେ । ତେବେ ଏ ବିଷୟରେ ଆଲୋଚନା ପାଇଁ ଗୁରୁଦେବଙ୍କୁ ଆଇଟିଡିଏ କାର୍ଯ୍ୟାଳୟ ଚିଠି ନଂ. ୧୬୮୭(୦୮.୦୯.୨୫) ନିର୍ଦ୍ଦେଶ ଦିଆଯାଇଥିଲା । ତେଣୁ ଗତ ୧୮ ତାରିଖରେ ଗୁରୁଦେବ ଓ ତାଙ୍କ ସମ୍ପର୍କୀୟ ଭାଇ ବରୁଣ ନାଏକଙ୍କ ଆଇଟିଡିଏ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଗୁରୁଦେବଙ୍କୁ ଆର୍‌ଟିଆଇ ଫର୍ମ ଫେରାଇନେବା ସହିତ ଲାଞ୍ଚ ନେବା ପାଇଁ ଅନୁରୋଧ କରିଥିଲେ। ସେ ଏଥିରେ ରାଜି ନ ହେବାରୁ ତାଙ୍କୁ ଓ ତାଙ୍କ ଭାଇ ବରୁଣଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିବା ଗୁରୁଦେବ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଆଇଆଇସି ପ୍ରସନ୍ନ ବେହେରାଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି ଏବଂ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପଦ୍ମପୁର,୨୪।୯
(ପ୍ରଶନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ କାଳୀପୂଜା ମଣ୍ଡପ ପଡ଼ିଆରେ ଶ୍ୟାମାକାଳୀ ପୂଜା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି ଗୋଦାବରୀ ରାଉତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୋହିତ ବ୍ରଜକିଶୋର ତ୍ରିପାଠୀ ଓ ପଞ୍ଚାନନ ରଥ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଟୁକୁନା ପଣ୍ଡା, କୁନା ସାହୁ, ଚେଲ ପତି, ନେତାଜୀ, ବିଷ୍ଣୁ ରଥ, ବିଦ୍ୟାଧର ଗୌଡ଼, କ୍ଷୁର ସାହୁ, ଧର୍ମା, ଚିତ୍ତ ରଣା, ଗୌର ଗୋବିନ୍ଦ ସାହୁ, ବ୍ରଜସୁନ୍ଦର ପାଣିଗ୍ରାହୀ, ବାବୁଲା, ସୁରୀ, ସତ୍ୟନାରାୟଣ ବାଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୂଜା ୫ ଦିନ ଧରି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।


ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

# ସ୍କୁଟି ଡିକି ଭାଙ୍ଗି ୩ ଲକ୍ଷ ଲୁଟ ଘଟଣା, ଜଣେ ଗିରଫ

## ୨ ଲକ୍ଷ ଟଙ୍କା ସହ ବାଇକ୍ ଜବତ

ଗୁଣପୁର,୨୪।୯(ପ୍ରଦୀପ କୁମାର ପାଢ଼ୀ)

ସ୍କୁଟି ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ ଘଟଣାରେ ରାୟଗଡା ଜିଲା ଗୁଣପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅଞ୍ଚଳର ଏ. ଆଜାନା ରାଓ (୩୩) । ପୋଲିସ ତାଙ୍କ ନିକଟରୁ ୨ ଲକ୍ଷ ଟଙ୍କା ଏବଂ ଗୋଟିଏ ବାଇକ ଜବତ କରିଛି। ଲୁଟ୍‌ର ଶିକାର ହୋଇଥିବା ରମାକାନ୍ତ ମହାପାତ୍ରଙ୍କୁ ଥାନାରେ ଉଦ୍ଧାର କରାଯାଇଥିବା ଟଙ୍କା ହସ୍ତାନ୍ତର କରାଯାଇଥିଲା । ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଗୁଣପୁର ଥାନା ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଗୁଣପୁରର ରମାକାନ୍ତ ମହାପାତ୍ର ଇଣ୍ଡିଆନ ବ୍ୟାଙ୍କରେ ସୁନା ବନ୍ଧକ ଦେଇ ୩ଲକ୍ଷ ଟଙ୍କା ଆଣି ସ୍କୁଟି ଡିକିରେ ରଖିଥିଲେ। ବାଟରେ କିଛି ଆବଶ୍ୟକ ଜିନିଷ କିଣିବା ପାଇଁ ବେବର୍ତ୍ତା ସାହି ଛକରେ ଓହ୍ଲାଇଥିଲେ। ଜିନିଷ କିଣି ଆସିବା ବେଳକୁ ସ୍କୁଟି ଡିକି ଭାଙ୍ଗି ୩ଲକ୍ଷ ଟଙ୍କା ଲୁଟ ହୋଇଥିବା ଜାଣି ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।


ଲୁଟ ସମ୍ପର୍କରେ ପୋଲିସ ପକ୍ଷରୁ ସୂଚନା ଦିଆଯାଉଛି।

ପୋଲିସ ସହରର ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ବିଭିନ୍ନ ଥାନାକୁ ଖବର ଦେଇଥିଲା। ଲୁଟ୍‌ର ୧୫ ଦିନ ପରେ ଜଣଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୨ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ପୂର୍ବରୁ ମଧ୍ୟ ସହରର ଅନେକ ଲୋକଙ୍କ ଡିକି ଭାଙ୍ଗି ଟଙ୍କା ଲୁଟ ହୋଇଥିବା ଅଭିଯୋଗ ରହିଛି । ପୋଲିସ ଅଭିଯୁକ୍ତଙ୍କୁ ରିମାଇଣ୍ଡରେ ଆଣି ପଚରାଉଚରା କଲେ ଅନେକ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ପୋଲିସ ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

# ଆୟୁର୍ବେଦ ବିକାଶ ପରିଷଦର ସଙ୍କଳ୍ପ ଦିବସ

ଜୟପୁର, ୨୪।୯(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଯାଦବ ଭବନରେ କୋରାପୁଟ ଜିଲା ଆୟୁର୍ବେଦ ବିକାଶ ପରିଷଦର ସଙ୍କଳ୍ପ ଦିବସ ବୁଧବାର ପାଳିତ ହୋଇଛି। ସମ୍ପାଦକ ପରମେଶ୍ୱର ପାତ୍ରଙ୍କ ଆହ୍ୱାନ ଓ କବିରାଜ କ୍ଷେତ୍ରବାସୀ ପଣ୍ଡାଙ୍କ ସଭାପିତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ମଦନ ମୋହନ ନାୟକ ଓ ହରିହର କରସୁଧା ପଟ୍ଟନାୟକ ଉପସ୍ଥିତ ଥିଲେ। ଆୟୁର୍ବେଦ ଚିକିତ୍ସା ଓ ସଙ୍ଗଠନର ବିକାଶ ମିନ୍ତେ ଡାକ୍ତର ଜିନିଆରାଣୀ ମହାକୁଡ, ଡାକ୍ତର ସିମରମ ସାହୁ, ହାକିମ ଉସମାନ, ଡାକ୍ତର ଶ୍ରୀକାନ୍ତ ପାତ୍ର, ଶିବକେଶବ ଦାସ, ସୁଧୀର ରାଉତ, ବୈଦ ଦୁର୍ଗାପ୍ରସାଦ ପାତ୍ର, ବୈଦ ତ୍ରିପତି ସାହୁ, ଶିବକେଶବ ଦାସ, ସୁଧୀର ରାଉତ, ଦୁର୍ଗା ପ୍ରସାଦ ପଣ୍ଡା, ସତ୍ୟନାରାୟଣ ସାହୁ, ସୌମ୍ୟରଞ୍ଜନ ବେହେରା, ଲିଲୁ ପାତ୍ର, ଜବାହାର ଲାଲ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସତ୍ୟ ନାରାୟଣ ପରିଥା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ଜେକେ ପୁର,୨୪।୯ (ରାଜେଶ ବିଶ୍ୱାଳ)

ରାୟଗଡ଼ା ବ୍ଲକ ଚାନ୍ଦିଲି ପଞ୍ଚାୟତର ଜେକେପୁରସ୍ଥିତ ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବୁଧବାର ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ୍ତ କୁମାର ସୁବୁଦ୍ଧି, ଡିପିଏମ୍ ଲକ୍ଷ୍ମୀଧର ମହାପାତ୍ର, ଡା. ସିଦ୍ଧାର୍ଥ ଦାସ ଓ ସିଡିପିଓ ମୀନାକ୍ଷୀ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ରାୟଗଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ସ୍ମିତାରାଣୀ, ମାନସିକ ରୋଗ ବିଶେଷଜ୍ଞ ଡା. ପ୍ରଦୀପ୍ତ କୁମାର ସୁବୁଦ୍ଧି, ଅସ୍ଥିଶଲ୍ୟ ରୋଗ ବିଶେଷଜ୍ଞ ଡା. ଲକ୍ଷ୍ମୀନାରାୟଣ ସ୍ୱାମୀ, ଶିଶୁରୋଗ ବିଶେଷଜ୍ଞ ଡା. ଏମ୍ . ସୁମନ, ଯକ୍ଷ୍ମା ରୋଗ ବିଶେଷଜ୍ଞ ଡା. ଡି.କେ. ଦେବ, ଦନ୍ତ ବିଶେଷଜ୍ଞ ଡା. ରୀତା ରିସିକା ଓ ଚକ୍ଷୁରୋଗ ବିଶେଷଜ୍ଞ ଡା. ସୁରଭି ପ୍ରିୟଦର୍ଶିନୀ ଉପସ୍ଥିତ ରହି ୩୫୨ଜଣ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଠାରେ ୫ ଗ୍ରାମପଞ୍ଚାୟତର ଲୋକଙ୍କୁ ନିଃଶୁଳ୍କ ଚିକିତ୍ସାସେବା ପ୍ରଦାନ କରାଯାଇଥିଲା। ଜେମାଦେଇ ପେଣ୍ଠ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ରର ଆୟୁଷ ଡାକ୍ତର ଉଗ୍ରତାରା ଉଚ୍ଚ ବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ କିଶୋର ପଟ୍ଟନାୟକ, ସଞ୍ଜୁକ୍ତା ବେହେରା, ପ୍ରଭାତ ବେହୁରା ଓ ଡାକ୍ତର ସୁନୀଲ ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ ।



ଶିବିରରେ ଡାକ୍ତର ରୋଗୀଙ୍କ ଚିକିତ୍ସା କରୁଛନ୍ତି।

# ‘ନାରୀ ପରିବାରର ଇଞ୍ଜିନ, ମହିଳାଙ୍କ ବିନା ପରିବାର ଚାଲିବା କଷ୍ଟ’

ପଦ୍ମପୁର, ୨୪।୯(ପ୍ରଶାନ୍ତ କୁମାର କର)

ଜଣେ ନାରୀ ପରିବାରର ରେଳ ଇଞ୍ଜିନ ସଦୃଶ। ସୁସ୍ଥ ନାରୀ ବିନା ପରିବାର ଠିକ୍ ଭାବେ ଚାଲିବା କଷ୍ଟକର ହୋଇପଡେ ବୋଲି ବୁଧବାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ବିଶେଷଜ୍ଞ ଚିକିତ୍ସକ ଶିବିରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିରରେ ଅତିଥି ଭାବେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚ୍‌ଓ ଡା.ମମତା ସାହୁ, ଡିପିଏଚ୍‌ଓ ଡା.ମମତା ଚୌଧୁରୀ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ରତ୍ନୁପର୍ଣ୍ଣା ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର ବିଡିଓ କୁରେଶୁ ଜାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ପ୍ରାୟ ୪୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରାଯାଇଥିଲା। ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ଉତ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ ପଣ୍ଡା, ଭେଷଜ ବିଶେଷଜ୍ଞ ଡାକ୍ତର ସଞ୍ଜୟ ଦାସ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଜି.ଭି ରାବଣା, ଚକ୍ଷୁ ବିଶେଷଜ୍ଞ ଡାକ୍ତର


ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

## ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର

ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ନାନାଜୀ ରାଓ, ରବିନାରାୟଣ ଆଚାର୍ଯ୍ୟ, ସୁନୀଲ ଚୌଧୁରୀ, ପ୍ରକାଶ ପାଣିଗ୍ରାହୀ, ହରେକୃଷ୍ଣ ପାଢ଼ୀ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ବିପିଓ ମନୋଜ କୁମାର ପଣ୍ଡା, ଫାର୍ମାସିଷ୍ଟ ଅଫିସର ମନୋଜ ସୁବୁଦ୍ଧି, ଉଦୟ ଚନ୍ଦ୍ର ଶବର, ସଫିରା ରାଇକାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପୋଷଣ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା।

# ଜମି ଜବରଦଖଲକରି ଚାଲିଥିବା ନିର୍ମାଣ ବନ୍ଦକଲା ତହସିଲ

ନନ୍ଦପୁର/ପାଡୁଆ, ୨୪।୯ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ୍ କୁଲାବିର ପଞ୍ଚାୟତରେ ସରକାରୀ ଜମି ଜବରଦଖଲକରି ତିଆରି ହେଉଥିବା ବେଆଇନ ନିର୍ମାଣକୁ ତହସିଲ ପକ୍ଷରୁ ବୁଧବାର ବନ୍ଦ କରାଯାଇଛି। ଏଥିସହ ଉକ୍ତ ସ୍ଥାନରୁ ସାମଗ୍ରୀ ହଟାଇବାକୁ ନିର୍ମାଣକାରୀଙ୍କୁ ୧୫ ଦିନର ମହଲତ ନୋଟିସ ଦିଆଯାଇଛି। ଏହାପରେ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇ ମକଦ୍ଦମା ରୁଜୁ ହେବ ବୋଲି ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, କୁଲାବିର ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମି ଜବରଦଖଲ କରି ଗୃହ


ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଆସିଥିବା ଅଧିକାରୀ।

ନିର୍ମାଣ ଚାଲିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତକରି ତତ୍କାଳୀନ ତହସିଲଦାର ଜବରଦଖଲକାରୀ ବଳଦେବ ବାଟଘରିଆଙ୍କୁ ବାରଣ କରିବା ସହ ୨ ଦଫା ନୋଟିସ ପ୍ରଦାନ କରିଥିଲେ। କିନ୍ତୁ ନୋଟିସକୁ ଭ୍ରୂକ୍ଷେପ କରି ସେ କାର୍ଯ୍ୟ ଜାରି ରଖିଥିଲେ। ବୁଧବାର ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ, ଏଆର୍ଆଇ ବ୍ରହ୍ମାନନ୍ଦ ସେଠୀ, ପାଡୁଆ ଥାନା ଏସ୍ଆଇ ଦୀପକ ବାରିକ, ଏଏସ୍ଆଇ ରାମଚନ୍ଦ୍ର ମାଡ଼କାମି ପ୍ରମୁଖ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ

## ନିର୍ମାଣ ସାମଗ୍ରୀ ହଟାଇବାକୁ ୧୫ ଦିନର ମହଲତ

କରିଥିଲେ। କାର୍ଯ୍ୟରେ ନିଯୁକ୍ତ ଶ୍ରମିକ ସାମ ହନ୍ତାଳ, ଜଗନାଥ ବୁରୁଡି, ଗିରି ଖେମୁଣ୍ଡୁ, ନରେନ୍ଦ୍ର ପାଙ୍ଗୀ, ଶୁକ୍ରା ହନ୍ତାଳ ପ୍ରମୁଖଙ୍କ ଆଗରେ ନିର୍ମାଣ ସାମଗ୍ରୀ ହଟାଇବାକୁ ୧୫ ଦିନର ମହଲତ ଥିବା ନୋଟିସ ମାରିଥିଲେ। ନିର୍ମାଣାକାରୀଙ୍କୁ ଦେବାକୁ ଅନ୍ୟ ଏକ ନୋଟିସ ଦିଆଯାଇଛି। ଖିଲାପ କଲେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ସହ ଏବଂ ବଳଦେବଙ୍କ ନାମରେ ମକଦ୍ଦମା ରୁଜୁ କରାଯିବ ବୋଲି ଅତିରିକ୍ତ ତହସିଲଦାର ପାଙ୍ଗୀ ସୂଚନା ଦେଇଛନ୍ତି। ଗୃହ ନିର୍ମାଣ କରୁଥିବା ବଳଦେବଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୨୮ ଯାଏ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

କୋରାପୁଟ,୨୪।୯(ଅମିତାଭ ବେହେରା)

## ଲଘୁଚାପ ପ୍ରଭାବାରେ କୋରାପୁଟ ଜିଲାରେ ପ୍ରବଳ ବର୍ଷା ଆଶଙ୍କା

କୋରାପୁଟ ଜିଲାରେ ୨୮ ଯାଏ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲାପାଳ ଛୁଟି ବାତିଲ କରିଛନ୍ତି। ଏନେଇ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏକ ନିର୍ଦ୍ଦେଶ ନାମା ଜାରି କରିଛନ୍ତି। ହେଡ୍କ୍ୱାର୍ଟର୍ସ ନ ଛାଡ଼ିବା ପାଇଁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବଙ୍ଗୋପସାଗର ଏବଂ ଓଡ଼ିଶା ନିକଟବର୍ତ୍ତୀ ଉପକୂଳ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି। ୨୫ ତାରିଖରେ ବଙ୍ଗୋପସାଗର ଉପରେ ଆଉ ଏକ ଲଘୁଚାପ ସୃଷ୍ଟି ଆଶଙ୍କା ଅଛି। ୨୭ରେ ଅବପାତରେ ପରିଣତ ହୋଇ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅତିକ୍ରମ କରିପାରେ। ଏହା ପ୍ରଭାବରେ ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସେବା ହିଁ ଶାନ୍ତି, ସେବା ହିଁ ମୁକ୍ତି

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏନ୍ଏସ୍ଏସ୍ ପ୍ରତିଷ୍ଠା ଦିବସ

ଜୟପୁର, ୨୪।୯(ପବନ ପାଣିଗ୍ରାହୀ)

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏନ୍ଏସ୍ଏସ୍ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡ ପ୍ରଶାନ୍ତ କୁମାର ପାତ୍ର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ସେମିଲିଗୁଡ଼ା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ଝାନ୍ସି ସିଂ ଯୋଗଦେଇ ଥିଲେ। ସେବା ହିଁ ଶାନ୍ତି ଓ ମୁକ୍ତି। ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀମାନଙ୍କ ସେବା ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତ ଦେଇଥିଲେ। ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡ ମନୋରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ସହ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଡ ଝାନ୍ସି ସିଂଙ୍କୁ ଉପଢୌକନ, ପୁଷ୍ପ ଗୁଚ୍ଛ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପରିବେଷିତ ସଚେତନତା ଧର୍ମୀ ନାଟକ ସମସ୍ତଙ୍କୁ ମନୋରଞ୍ଜନ ସହ ନିଶା ନିବାରଣ ପାଇଁ ପ୍ରେରଣା ଦେଇଥିଲା। କାର୍ଯ୍ୟକ୍ରମକୁ ସୁକାନ୍ତି ସ ପରିଚାଳନା କରିଥିଲେ। ଲୋକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ସିଦ୍ଧାର୍ଥ ଓ ମୋନାଲିସା ଚମତ୍କାର ଭାବେ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ପ୍ରବନ୍ଧ ପ୍ରତିଯୋଗିତା


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

କୋରାପୁଟ/ ଲମତାପୁଟ,୨୪।୯(ଅମିତାଭ ବେହେରା/ ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ବୁଧବାର ସ୍ଥାନୀୟ ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି । ଆଧୁନିକ ଯୁଗରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ଆଗାମୀ ପିଢ଼ି ସହ ସମ୍ପର୍କକୁ ସୁଦୃଢ଼ କରିବାର ପନ୍ଥା ଉପରେ ଆଧାରିତ ଏହି ପ୍ରବନ୍ଧ ପ୍ରତିଯୋଗିତାରେ ଲମତାପୁଟ ନିକଟବର୍ତ୍ତୀ ବିଭିନ୍ନ ବିଦ୍ୟାଳୟରୁ ୯୨ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ଛାତ୍ରୀ ଶ୍ରୁତିଲେଖା ଦାସ ପ୍ରଥମ, ଈଶ୍ୱରୀ ବଡ଼ନାୟକ ଦ୍ୱିତୀୟ ଓ ପୂଜାରାଣୀ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲମତାପୁଟ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗୀ ଯୋଗଦାନକରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସମ୍ମାନିତ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ୍ ଶିକ୍ଷା ଅଧିକାରୀ ସୁବ୍ରତ କିସ୍କୁ, ଲମତାପୁଟ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେନିଆ, ଜିପିଡିଓ ଅରୁଣ ସାହୁ, ଶିକ୍ଷକ ସଞ୍ଜୟ କୁମାର ପଣ୍ଡା ଏବଂ ଆମ୍ବେଦକର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବାସୁଦେବ ପଲେଇ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗୁମାଗୁଡ଼ିଆ, କନିଷ୍ଠ ସହାୟକ ଜଗନ୍ନାଥ ନାୟକ ଏବଂ କାର୍ଯ୍ୟକ୍ରମ ସହାୟକ ଶିବ ଖେମୁଣ୍ଡୁ ଆୟୋଜନ ଓ ପରିଚାଳନା କରିଥିଲେ ।

# ୩୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା

## ଡୁମୁରିପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟମେଳା

କୋରାପୁଟ,୨୪।୯ (ଅମିତାଭ ବେହେରା)

କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତର ଡୁମୁରିପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ଡାକ୍ତର ଅନୁପମା ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଚୈତନ୍ୟ ମାଝି, ବିଧାୟକ ପ୍ରତିନିଧି ଶୁକ୍ର ହନ୍ତାଳ, ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ ଟପନ, ପିଏଚ୍ଇଓ ବିଜୟ ଖୋସ୍‌ଲା, ବିପିଏମ୍ ନୂତନ ସିଂ, ସୁନାବେଡ଼ା ସିଡିପିଓ ନଳିନୀ ବେହେରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମେଳା ଆୟୋଜନ କରିବା ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ତ୍ରୀ ଓ ପ୍ରସୂତି, ଶିଶୁ, ମାନସିକ ରୋଗ ବିଶେଷଜ୍ଞମାନେ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିବା ସହ ସୁସ୍ଥ ଜୀବନଯାପନ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଗର୍ଭାବସ୍ଥାରେ ମହିଳାମାନେ କିପରି ନିଜର ଯତ୍ନ ନେବେ ସେ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ନିକଟସ୍ଥ ଗ୍ରାମାଞ୍ଚଳର ୩୫୦ରୁ ଊର୍ଦ୍ଧ୍ୱ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ମେଡିକାଲ ପରିସରରେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପୋଷଣ ମେଳା ଅନୁଷ୍ଠିତ ହୋଇଥିଲା।


ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅତିଥି ଏବଂ ଡାକ୍ତରମାନେ।

# ଛାତ୍ରଙ୍କ ମାଟ୍ରିକ୍ ସାର୍ଟିଫିକେଟ୍‌ର ତ୍ରୁଟି ସୁଧାରିଲା ବୋର୍ଡ

ନନ୍ଦପୁର/ପାଡୁଆ, ୨୪।୯ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ ଗତରକଣ୍ଡା ଗ୍ରାମର ଜଣେ ଛାତ୍ରଙ୍କ ମାଟ୍ରିକ୍ ବୋର୍ଡ ସାର୍ଟିଫିକେଟ୍‌ରେ ନାମରେ ତ୍ରୁଟି ଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବୋର୍ଡ ପକ୍ଷରୁ ତ୍ରୁଟି ସୁଧରାଯାଇଛି। ଛାତ୍ରଙ୍କ ନାମ ସଂଶୋଧନ କରାଯାଇ ବୋର୍ଡ ପକ୍ଷରୁ ସ୍କୁଲକୁ ସାର୍ଟିଫିକେଟ୍ ପଠାଯାଇଛି। ସୂଚନାନୁଯାୟୀ, ଚାଟୁଆ ଉଚ୍ଚ ବିଦ୍ୟାଳୟରୁ ଚଳିତବର୍ଷ ଗୋପାଳ ଖରା ମାଟ୍ରିକ୍ ପାସ୍ କରିଥିଲେ। ବୋର୍ଡ ପକ୍ଷରୁ ଦିଆଯାଇଥିବା ସାର୍ଟିଫିକେଟ୍‌ରେ ଇଂଲିଶରେ ଲେଖାଯାଇଥିବା ନାମରେ ଓ (୦) ବଦଳରେ ଶୂନ (୦) ଉଲ୍ଲେଖ ଥିଲା। ଫଳରେ ଛାତ୍ରଙ୍କ ଉଚ୍ଚଶିକ୍ଷାରେ ବାଧା ଉପୁଜିଥିବା ଖବର ୨୧ ଜୁଲାଇ ୨୦୨୫ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବରପ୍ରକାଶ ପରେ ସ୍କୁଲ ପକ୍ଷରୁ ଛାତ୍ରଙ୍କ ସାର୍ଟିଫିକେଟରେ ଥିବା ତ୍ରୁଟି ସୁଧାର ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୋର୍ଡ କର୍ତ୍ତୃପକ୍ଷ ଛାତ୍ରଙ୍କ ସାର୍ଟିଫିକେଟ୍‌ରେ ଥିବା ତ୍ରୁଟି ସଂଶୋଧନକରି ବିଦ୍ୟାଳୟକୁ ପଠାଇଛନ୍ତି। ମଙ୍ଗଳବାର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଟି. ଜଗଦେଶ୍ୱରୀ ଛାତ୍ର ଗୋପାଳ ଖରା ଓ ତାଙ୍କ ମା’ ଅନିତା ଓ ବାପା ରଘୁନାଥ ଖରାଙ୍କୁ ସ୍କୁଲକୁ ଡକାଇ ବୋର୍ଡ ପକ୍ଷରୁ ଆସିଥିବା ସଂଶୋଧିତ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ଗୋପାଳ ଓ ତାଙ୍କ ଅଭିଭାବକ ଗାଁକୁ ଆସି ଛାତ୍ରଙ୍କ ସମସ୍ୟା ବୁଝି ତ୍ରୁଟି ସମ୍ପର୍କରେ ଖବର ପ୍ରକାଶ କରିଥିବା ‘ଧରିତ୍ରୀ’ ପ୍ରତିନିଧି, ତ୍ରୁଟି ସଂଶୋଧନ ନେଇ ସାହାଯ୍ୟ କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ, ଜୟପୁର ରିଜିଓନାଲ ଅଧିକାରୀ ଓ ସଂଶୋଧନ କରିଥିବା ବୋର୍ଡ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଗୋପାଳ ପାଇଥିବା ସଂଶୋଧିତ ସାର୍ଟିଫିକେଟ୍।

# ଜୟପୁର ପୌରପାଳିକାର ସଚେତନତା ମେଳା



ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଜୟପୁର, ୨୪।୯(ପବନ ପାଣିଗ୍ରାହୀ)

ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ବୁଧବାର ଏକ ସଚେତନତା ମେଳା ଅନୁଷ୍ଠିତ ହୋଇଛି। ଜୟପୁର ପୌରପାଳିକା ଦ୍ୱାରା ବିଭିନ୍ନ ଷ୍ଟଲ ଖୋଲାଯାଇ ସଚେତନ କରାଯାଇଛି। ଏହି ମେଳାରେ ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀ, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନୀତା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ଲିଡ ବ୍ୟାଙ୍କ ମ୍ୟାନେଜର ଦେବନ୍ଦ୍ର ତ୍ରିପାଠୀ, ଅଙ୍ଗୀକାର ମେଳା, ଲୋକ କଲ୍ୟାଣ ମେଳା, ପ୍ରଧାନମନ୍ତ୍ରୀ ଆବାସ ମେଳା, ପ୍ରଧାନମନ୍ତ୍ରୀ ସ୍ୱନିଧି ମେଳା, ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା, ଆୟୁଷ୍ମାନ ଭାରତ, ବୟୋ ବନ୍ଦନା ଯୋଜନା, ଖାଦ୍ୟ ସୁରକ୍ଷା ଆଇନ, ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ, ଘରୋଇ ଜଳ ଯୋଗାଣ, ଆଧାର ପଞ୍ଜିକରଣ ଷ୍ଟଲ ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ସଚେତନ କରାଯାଇଛି।

# ପିଏମ୍ ଆବାସ ଯୋଜନା ଅଙ୍ଗୀକାର ୨.୦ ନେଇ ସଚେତନତା

କୋରାପୁଟ,୨୪।୯(ଅମିତାଭ ବେହେରା)

କୋରାପୁଟ ଟାଉନ ହଲ୍‌ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଙ୍ଗୀକାର ୨.୦କୁ ନେଇ ବୁଧବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଏହି ଯୋଜନାରେ ସମସ୍ତେ କିପରି ସାମିଲ ହୋଇପାରିବେ ଏବଂ ସମସ୍ତ ମୌଳିକ ସୁବିଧା ପାଇବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଓ ବ୍ୟାଙ୍କ ଋଣ ଆଦି ସହଜରେ ମିଳିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଣୁ ହିତାଧିକାରୀମାନେ ତୁରନ୍ତ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି ସଚେତନତା ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଶଶିକାନ୍ତ ସ୍ୱାଇଁ ଶିବିର ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୧୮ ବିଦ୍ୟାଳୟକୁ ଜମିପଟ୍ଟା

ନନ୍ଦପୁର, ୨୪।୯ (ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ତହସିଲ ପକ୍ଷରୁ ବ୍ଲକ୍ ଅଧୀନ ୧୮ ପ୍ରାଥମିକ ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ବୁଧବାର ତହସିଲ କାର୍ଯ୍ୟାଳୟ ବୈଠକ ଗୃହରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ, ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପୁଲିକଣ୍ଡା, ଗାଦିଆଗୁମା, ଜିରା, ନନ୍ଦୀଗୁଡ଼ା, ପ୍ରଧାନିପୁଟ, ସିନ୍ଧିପୁଟ, ଜରାଇ, କୁମ୍ଭାରିପୁଟ, ସାଉନି ପୂଜାରୀପୁଟ, ଖିଲୁଆ, ହାଟଗୁଡ଼ା, ସଲାବ, ଖୁର୍ଜି, ଖୁଜେଲ, ଲାମ୍ପି, କଟିଆପୁଟ, ହରିଡ଼ାଗୁଡ଼ା ଓ ତୋଟାପୁଟ ଆଦି ୧୮ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦ୍ୟାଳୟର ଜମିପଟ୍ଟା ପ୍ରଦାନ କରିଥିଲେ। ବିଦ୍ୟାଳୟଗୁଡ଼ିକ ସରକାରୀ ସମ୍ପତ୍ତି। ସେଗୁଡ଼ିକୁ ଜମି ବିବାଦରୁ ମୁକ୍ତ ରଖି ଭିତ୍ତିଭୂମିର ବିକାଶ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ନିର୍ଦ୍ଦେଶକୁ ତ୍ୱରାନ୍ୱିତ କରାଯାଇଛି। ଆଗକୁ ଆବେଦନ କରିଥିବା ଆହୁରି ଅନେକ ବିଦ୍ୟାଳୟକୁ ଏଭଳି ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ଦେବବ୍ରତ ମହାରଣା ସୂଚନା ଦେଇଛନ୍ତି।


ତହସିଲଦାରଙ୍କ ସହ ଜମିପଟ୍ଟା ପାଇଥିବା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ସହରରେ ହେବ ଗୋଶାଳା, ସୁଇମିଂପୁଲ

## ପୌରାଞ୍ଚଳ ସମସ୍ୟାର ସମାଧାନ ହେବା ନେଇ ବୈଠକରେ ନିଷ୍ପତ୍ତି

ସୁନାବେଡ଼ା, ୨୪।୯ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ମ୍ୟୁନିସିପାଲଟି ସଭାଗୃହରେ ବୁଧବାର ପୌରପରିଷଦ ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକରୀ ତଥା ଆଇଏଏସ୍ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର, ନୀଳାଞ୍ଚଳ ବଜାର କମିଟି ଓ ଶିବଶକ୍ତି ବଣିକ ସଙ୍ଘର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉଭୟ ସୁନାବେଡ଼ା ଓ ସେମିଲିଗୁଡା ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସହରରେ ବର୍ଜ୍ୟବସ୍ତୁ ପରିଚାଳନାରୁ ଆରମ୍ଭ କରି ବାଟଘାଟର ବୁଲାଗାଈଙ୍କ ପାଇଁ ଆଶ୍ରୟସ୍ଥଳ ପର୍ଯ୍ୟନ୍ତ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ସନ୍ତୋଷ କୁମାର ପାତ୍ର କହିଛନ୍ତି। ଏଥିସହ ବିଭିନ୍ନ ସପିଙ୍ଗ୍ ମଲ୍‌ରେ ଥିବା ପାର୍କିଂ ବ୍ୟବସ୍ଥା, ରାସ୍ତା ଉପରେ ବସୁଥିବା ବ୍ୟବସାୟୀଙ୍କୁ ଭେଣ୍ଡିଂ ଯୋନରେ ବସିବା ବ୍ୟବସ୍ଥା, ସହରରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ସହ ଉଭୟ ବଣିକ ସଙ୍ଘ ଆଣିଥିବା ଏକାଧିକ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଚେଷ୍ଟା ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଇଟିଡିଏ ସହାୟତାରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଶାଳା , ସହରରେ ଗୋଟିଏ ସୁଇମିଂପୁଲ ନିର୍ମାଣ କରାଯିବ ବୋଲି ସ୍ଥିର ହୋଇଛି।


ବୈଠକରେ ସହରର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଛି।

# ମହିଳାଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରିବାକୁ ଗୁରୁତ୍ୱ

**ମାଲକାନଗିରି,୨୪।୯ (ଦୁର୍ଯ୍ୟୋଧନ ପାତ୍ର)**

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ମହିଳାମାନେ ଶିକ୍ଷା ଓ ସଚେତନତା ଅଭାବରୁ ଅନେକ କ୍ଷେତ୍ରରେ ଆଗେଇ ପାରୁନାହାନ୍ତି । ତେଣୁ ମହିଳାଙ୍କୁ ବୈଷୟିକ ଜ୍ଞାନକୌଶଳ ସହ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସଚେତନ କରୁଛନ୍ତି । ମାଲକାନଗିରି ଜିଲା ଶିଳ୍ପ ବିଭାଗ ତରଫରୁ ଜିଲା ସଦର ମହକୁମା ଜୟପୁରିଆଗୁଡ଼ାଠାରେ ୧୫ ଜଣ ମହିଳାଙ୍କୁ ନେଇ ଏକ ୬ ମାସିଆ ତାଲିମ ଶିବିର ଉଦ୍ଘାଟିତ ହୋଇଛି । ଏହି କେନ୍ଦ୍ରରେ ମାଷ୍ଟର ଟ୍ରେନର ଭାବେ ଜୟପୁରରୁ ଆସିଥିବା ମିନୁ ପାତ୍ର, ଭିଲେଜ ସଶକ୍ତୀକରଣ ଅଧିକାରୀ ସମିର ନାୟକ, କନିଷ୍ଠ ସହକାରୀ ପ୍ରଦୀପ ଭକ୍ତ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର ଅଂଶଗ୍ରହଣ କରିଥିଲେ। ବିଶେଷକରି ମହିଳାମାନେ ବିଭିନ୍ନ ଘର ସାମଗ୍ରୀ, ସୌଖୀନ ସାମଗ୍ରୀ ପ୍ରସ୍ତୁତି ସମ୍ବନ୍ଧରେ ଜ୍ଞାନ ଆରୋହଣକରି ସରକାରଙ୍କଠାରୁ କିପରି ସହାୟତା ପାଇବେ ସେ ସମ୍ବନ୍ଧରେ ଅଧିକାରୀମାନେ ପ୍ରକାଶ କରିଥିଲେ। ଯେଉଁ ମହିଳାମାନେ ତାଲିମ ପାଇଥିବେ ସେମାନଙ୍କୁ ଶିଳ୍ପ କେନ୍ଦ୍ର ନିୟମ ଅନୁଯାୟୀ ପଞ୍ଜୀକରଣ କରାଯିବ, ଭବିଷ୍ୟତରେ ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ କିପରି ବିକ୍ରି କରିବେ, ସାମଗ୍ରୀ ପ୍ରସ୍ତୁତ ପାଇଁ ବ୍ୟାଙ୍କରୁ କିପରି ରିହାତି ଋଣ ପାଇବେ ଏବଂ ଗରିବ ଶ୍ରେଣୀର ମହିଳାଙ୍କୁ ବିଭାଗ ତରଫରୁ ବାସଗୃହ ନିର୍ମାଣ ନିମନ୍ତେ କିପରି ଆର୍ଥିକ ସହାୟତା ଯୋଗାଇ ଦିଆଯିବ ସେ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ତାଲିମ ସମୟରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଓ ବିଭିନ୍ନ ଉପକରଣ ଯୋଗାଇ ଦିଆଯିବ ବୋଲି ପ୍ରୋଗ୍ରାମ ଅଧିକାରୀ ପ୍ରକାଶ କରିଥିଲେ।



ଅଧିକାରୀଙ୍କ ସହ ତାଲିମ୍ ନେଉଥିବା ମହିଳାମାନେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ଜିଲାପାଳ



ଜିଲାପାଳ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କୋରୁକୋଣ୍ଡା,୨୪।୯(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳ ଗସ୍ତକରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ। ଜିଲାପାଳ ବୁଧବାର କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ଗ୍ରାମପଞ୍ଚାୟତ ଗସ୍ତ କରି ସେଠାକାର ବାର୍ଷିକ କାର୍ଯ୍ୟ ଦଉରା କରିଥିଲେ । ଏହାପରେ ଜିଲାପାଳ ତାର୍ଲାକୋଟାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ତାର୍ଲାକୋଟା ଏବଂ ତାର୍ଲାକୋଟା –ବି ଗ୍ରାମର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କ ସହ ଜିଲାପାଳ କଥା ହୋଇଥିଲେ। ସେଠାରେ ପି.ଏମ୍ ଜନ ମନ ଯୋଜନା ଅଧୀନରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟ ବୁଲିଦେଖିଥିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ଦୁଆରେ ପହଞ୍ଚି, ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଜିଲାପାଳ ପ୍ରୟାସ କରୁଛନ୍ତି। ଏଣୁ ଅଭିନବ ପଦକ୍ଷେପ ସ୍ୱରୂପ ଅପହଞ୍ଚ ଅଞ୍ଚଳର ଗ୍ରାମ ପଞ୍ଚାୟତରେ ପ୍ରଥମ ଥର ପାଇଁ ଯୁକ୍ତ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇଛି। ଏହା ସହିତ ସିଙ୍ଗଲ୍‌ୱିଣ୍ଡୋ ବ୍ୟବସ୍ଥା କରାଯାଇ ତୁରନ୍ତ ଘଟଣାସ୍ଥଳରେ ଅନଲାଇନ ସୁବିଧାମାନ ଯୋଗାଇ ଦିଆଯାଉଛି। ଜିଲାପାଳଙ୍କ ଗସ୍ତ ସମୟରେ କୋରକୁଣ୍ଡା ବିଡିଓ ଅମୂଲ୍ୟ ସାହୁଓ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଧାନ ଫସଲ ଖାଇ ନଷ୍ଟକଲେ ଗୋରୁ

## କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି



ଗୋରୁଙ୍କ ଯୋଗୁ ନଷ୍ଟ ହୋଇଯାଇଥିବା ଧାନଫସଲ।

**କୋରୁକୋଣ୍ଡା,୨୪।୯(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି–୩ ପଞ୍ଚାୟତ ଅଧୀନ ଏମ୍‌ଭି –୧୦୯ ନମ୍ବର ଗ୍ରାମର ଚାଷୀଙ୍କ ଧାନ କିଆରିରେ ବୁଲା ଗୋରୁ ପଶି ଫସଲ ଖାଇବା ସହ ନଷ୍ଟ କରି ଦେଇଛନ୍ତି। ମଙ୍ଗଳବାର ମଧ୍ୟ ରାତ୍ରିରେ ଅଞ୍ଚଳର କିଛି ବୁଲା ଗୋରୁ ଉକ୍ତ ଗ୍ରାମରେ ଥିବା କେତେଜଣ ଚାଷୀଙ୍କ ଫସଲ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏମଭି–୧୦୯ ଗ୍ରାମକୁ ବାଲିମେଳା ସହର ଲାଗିରହିଛି । ଏହି ସହରରେ ଦିନ ରାତି ରାଜରାସ୍ତାରେ ବୁଲୁଥିବା ଗୋରୁ ରାତିରେ ଖାଦ୍ୟ ଅନ୍ୱେଷଣରେ ଏମ୍‌ଭି–୧୦୯ ଗ୍ରାମରେ ହୋଇଥିବା ଧାନ ଫସଲକୁ ଖାଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛନ୍ତି। ବୁଲାଗୋରୁ ଏହି ଗ୍ରାମର ଗୋକୁଳ ବିଶ୍ୱାସ, ନିରୋଧ ବାସୁ, ପ୍ରଭାସ ମଣ୍ଡଳ, ରତନ ମଣ୍ଡଳ, ଶଙ୍କର ମଣ୍ଡଳ, ଜୋତୁ ତାରକଦାର, ପରିତୋଷ ମଣ୍ଡଳଙ୍କ ସମେତ ଅନ୍ୟ ଚାଷୀଙ୍କ ବିଲରେ ପଶି ପ୍ରାୟ ୮ରୁ ୧୦ ଏକର ଜମିରେ ହୋଇଥିବା ଧାନ ଫସଲକୁ ଖାଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି। ଫସଲରେ ହୋଇଥିବା କ୍ଷତିକୁ ନେଇ ଚାଷୀ ଭାଙ୍ଗି ପଡିଛନ୍ତି। ସ୍ଥାନୀୟ ପ୍ରଶାସନ ଏହି ଘଟଣାର ତଦନ୍ତ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇବା ସହ ବୁଲା ଗୋରୁଙ୍କ ପାଇଁ ଏକ କାଞ୍ଜିଆହୁଦାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


# ଏମ୍‌ଭି–୬୮ ଉଚ୍ଚ ବିଦ୍ୟାଳୟରୁ ସାମଗ୍ରୀ ଚୋରି

## ଛୁଟିଦିନରେ ବିଦ୍ୟାଳୟରେ ପଶିଥିବା ୩ ପିଲାଙ୍କ ଭିଡିଓ ଭାଇରାଲ

**କାଲିମେଳା,୨୪।୯(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଳା ବ୍ଲକ କୋଇମେଟଲା ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି–୬୮ ଉନ୍ନିତ ଉଚ୍ଚ ବିଦ୍ୟାଳୟରୁ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ୩ ଛାତ୍ର ଛୁଟିଦିନରେ ସ୍କୁଲ ଗୃହରେ ପଶି ଚୋରି କରୁଥିବା ଭିଡିଓ ଭାଇରାଲ ହୋଇଛି। ସ୍କୁଲ ପରିଚାଳନା କମିଟି ପକ୍ଷରୁ ଉକ୍ତ ୩ ଛାତ୍ରଙ୍କୁ ଦୋଷାରୋପ କରାଯାଇ ମାନସିକ ନିର୍ଯାତନ ଦିଆଯାଉଛି। ଏଥିସହ ଚୋରି କରିଥିବା ଛାତ୍ରଙ୍କ ପରିବାରକୁ ୪ ଲକ୍ଷ ୧୦ ହଜାର ଟଙ୍କା ବିଦ୍ୟାଳୟକୁ ପୈଠ କରିବାକୁ ବାଧ୍ୟ କରାଯାଉଥିବା ସେମାନଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏମଭି ୬୮ ବିଦ୍ୟାଳୟରେ ପଞ୍ଚମ, ଷଷ୍ଠ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ନିକଟସ୍ଥ ଏମ୍‌ପିଭି –୭୫ ଗ୍ରାମର ୩ ଜଣ ଛାତ୍ର ଗତ ୧୪ ତାରିଖ ରବିବାର ଦିନ ବିଦ୍ୟାଳୟରେ ପ୍ରବେଶ କରିଥିଲେ। ଅଫିସ କାର୍ଯ୍ୟାଳୟ ଟେବୁଲ ଉପରେ ଥିବା ଚାବିକୁ ବାହାର କରି ଏକ କୋଠାରୀ ଖୋଲୁଥିବା ସମୟରେ ବିଦ୍ୟାଳୟ ସମ୍ମୁଖରେ ରହୁଥିବା ଏମ୍‌ଭି ୬୮ ଗ୍ରାମର ସାଧନ ଶର୍କରା ପିଲାଙ୍କ ପଛରେ ଯାଇ ସେମାନଙ୍କ ଭିଡିଓ କରିଥିଲେ। ବିଦ୍ୟାଳୟର ଅନ୍ୟ ଏକ କୋଠରୀରେ ଥିବା ଟିଭି, କମ୍ପ୍ୟୁଟର, ସ୍ପିକର, ଫିଜିଓଥେରାପି ସାମଗ୍ରୀ, ସ୍ୱିଚ ଥେରାପି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାବେଳେ କିଛି ସାମଗ୍ରୀ ଖୋଲାଖୋଲି କରାଯାଇ ଏଣେତେଣେ ପଡିଥିବା ଦେଖିବାକୁ ମିଳିଥିଲା । ଚୋରି ହୋଇଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଦ୍ୟାଳୟ ପରିଦର୍ଶନ କରି ତଦନ୍ତ କରିଥିଲା। ତେବେ ଏ ସଂକ୍ରାନ୍ତରେ ବିଦ୍ୟଳୟର ପ୍ରଧାନ ଶିକ୍ଷୟତ୍ରୀ ରୀତା ହାଲଦାରଙ୍କୁ ପଚାରିବାରୁ ବିଦ୍ୟଳୟରୁ କ'ଣ ଏବଂ କେତେ ଟଙ୍କାର ଜିନିଷ ଚୋରି ହୋଇଛି ସେ ନେଇ ଠିକ ଭାବରେ ସୂଚନା ଦେଇ ପାରି ନ ଥିଲେ। ଅନ୍ୟପକ୍ଷେ ବିଦ୍ୟାଳୟରେ ପଶିଥିବା ୩ ଛାତ୍ରଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାରୁ ଛାତ୍ରମାନଙ୍କ ଆତ୍ମସମ୍ମାନ ହାନି ହୋଇଥିବା ସେମାନଙ୍କ ଅବିଭାବକ ଅଭିଯୋଗ କରିଛନ୍ତି । ଏ ନେଇ ଏମ୍‌ପିଭି ୭୫ ଗ୍ରାମର ଉତ୍ତମ ମଜୁମଦାର, ନାରାୟଣ କୀର୍ତ୍ତନିଆ, ଦୀପଙ୍କର, ସନା ସୁମିତ୍ର ବିଶ୍ୱାସ, ସୁମିତ ମଜୁମଦାର ଅଭିଯୋଗ କରିଛନ୍ତି ଯେ ଆମ ପିଲାଙ୍କ ଭିଡିଓ ଭାଇରାଲ କରାଯାଇ ସେମାନଙ୍କୁ ମାନସିକ ଆଘାତ ଦିଆଯାଇଛି । ପିଲାମାନେ ବିଦ୍ୟାଳୟକୁ ଆସିଲେ ଜଣେ ଶିକ୍ଷକ ସେମାନଙ୍କୁ ଚୋର ଏବଂ ଅନ୍ୟାନ୍ୟ ଅପଶବ୍ଦ ବ୍ୟବହାର କରି ଗାଳିଗୁଲଜ କରିବା ସହ ଆକ୍ଷେପ କରି କଥାବାର୍ତ୍ତା କରୁଥିବା ଅଭିଯୋଗ କରିଛନ୍ତି । ଚୋରି ହୋଇଥିବା ସମାଗ୍ରୀ ବଦଳରେ ଭାଙ୍ଗି ଯାଇଥିବା ପୁରୁଣା ସମାଗ୍ରୀ ଦେଖାଇ ଆମକୁ ୪ ଲକ୍ଷ ଟଙ୍କା ଦେବାକୁ ବରମ୍ବାର ଦାବି କରୁଥିବା ଅଭିଯୋଗ ହୋଇଛି । ଆମେ ଗରିବ ଲୋକ ଏତେ ଟଙ୍କା କୋଉଠୁ ଆଣିବୁ ବୁଲି ସେମାନେ କହିଛନ୍ତି । ତେବେ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ୪ ଲକ୍ଷ ଦାବି କରାଯିବା ଅଭିଯୋଗକୁ ପ୍ରଧାନ ଶିକ୍ଷୟିତ୍ରୀ ଅସ୍ୱୀକାର କରିଛନ୍ତି । ଜିଲା ପ୍ରଶାସନ ଏହି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି ।



ବିଦ୍ୟାଳୟ କୋଠରୀରେ ଏପଟସେପଟ ହୋଇପଡ଼ିଥିବା ସାମଗ୍ରୀ।

# ୨୮ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

**ମାଲକାନଗିରି,୨୪।୯ (ଦୁର୍ଯ୍ୟୋଧନ ପାତ୍ର)**

ଆଗାମୀ ଲଘୁଚାପକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ । ଭାରତୀୟ ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ, ବଙ୍ଗୋପସାଗରରେ ଗଭୀର ଲଘୁଚାପ ହେବା ସମ୍ଭାବନା ରହିଛି ଏବଂ ଆସନ୍ତା କିଛିଦିନ ଜିଲାରେ ପ୍ରବଳ ବର୍ଷା ସହ ପବନ ଓ ପ୍ରତିକୂଳ ପାଗ ପରିସ୍ଥିତି ସୃଷ୍ଟି ହୋଇପାରେ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଯେକୌଣସି ପ୍ରକାର ସମ୍ଭାବ୍ୟ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଜିଲାର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଜିଲାପାଳଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡିପାରିବେ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟିକୁ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ବାତିଲ କରାଯାଇଛି। ନିର୍ଦ୍ଦେଶନାମାକୁ ଅବମାନନା କଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.33-SBP-TRD-OT-2025-26, ତା.17.09.2025ରିଖ

**କାର୍ଯ୍ୟର ନାମ:** "ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ସେକ୍ସନରେ 02 ଗୋଟି ଲେଭେଲ କ୍ରସିଙ୍ଗ ଫାଟକ (LJ-06 ଏବଂ LJ-11) ଗୁଡ଼ିକର ଇଣ୍ଟରଲକିଙ୍ଗ୍" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 31,25,895.43, EMD (ଟଙ୍କାରେ): 62,500/-, ଶେଷ ହେବା ଅବଧି: 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.10.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-628/Q/25-26

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVBBS 2025042, ତା.18.09.2025ରିଖ

**କାର୍ଯ୍ୟର ନାମ:** ଅନୁଗୁଳ ଷ୍ଟୋର ଠାରେ ବୈଦ୍ୟୁତ୍ ସାମଗ୍ରୀଗୁଡ଼ିକର ଗଚ୍ଛିତ ନିମନ୍ତେ କଭର ସେଡ୍‌ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 158.19 ଲକ୍ଷ, EMD (ଟଙ୍କାରେ): 2,29,100/-, କାର୍ଯ୍ୟ ଶେଷ ହେବା ଅବଧି: 05(ପାଞ୍ଚ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.10.2025 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଜେଟ୍‌ର୍ଡ ଆଡ଼ଭାଇଜରଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-117/CI/25-26

## DISTRICT PROJECT OFFICE, SAMAGRA SHIKSHA, MAYURBHANJ

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

Murgabadi, PO-Bhanjpur, Baripada, Pin-757002,
E-mail : dpcmayurssa.opepa@nic.in

**TENDER CALL NOTICE**
**No. : 4590 Date : 23.09.2025**

**Purchase of Category-A :TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding**

**No.n-167** : Sealed Tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. no. for Supply of **Category-A: TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 nos of KGBVs (Type-III) of Mayurbhanj District**. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.odisha.gov.in. Cost Tender processing fees @Rs.6000.00 (Rupees Six Thousand) Only (Non-Refundable) for each category. The last date & time for submission of sealed tender is 27.10.2025 at 2 pm and the Tech & Fin bid will be opened on 28.10.2025 at 10:30 .A.M.

Sd./- Collector-cum-Chairman
Samagra Shiksha, Mayurbhanj

OIPR-27140/11/0014/2526

## Government of Jharkhand
## Urban Development and Housing Department
## Deoghar Municipal Corporation, Deoghar

**Short Term E Procurement Notice**
**Tender Notice No. DNN/31/2025-26 (2nd Call)**

| Sl No. | Particulars | Details |
|---|---|---|
| 1 | Name of Work | O & M of Ajay and Dharwa Water Supply Scheme, under Deoghar Town |
| 2 | Mode of Submission | e-tendering https://jharkhandtenders.gov.in/nicgep/app |
| 3 | Estimated Cost (Rs.) | Rs. 5,57,50,268.00 (Rupees Five Crore Fifty Seven Lac Fifty Thousand Two Hundred Sixty Eight Only) |
| 4 | Tender Fee (Payable online) | Rs. 25,000/- ( Rupees Twenty Five Thousand Only) Not refundable |
| 5 | Bid Security (Payable online) | Rs. 5,57,503/- (Rupees Five Lac Fifty Seven Thousand Five Hundred Three Only) |
| 6 | Time Period of O&M | One Year |
| 7 | Date/Time of Publication of Tender on Website | 26.09.2025 by 01:00 PM |
| 8 | Last Date/Time for receipts of Bids Online | 10.10.2025 by 02:00 PM |
| 9 | Opening of Technical BID | 11.10.2025 by 3:00 PM at New DMC Building near Electric Office, Deoghar, Jharkhand 814112 |
| 10 | Name & Address of Officer Inviting Tender | Municipal Commissioner, Deoghar Municipal Corporation, Jharkhand |
| 11 | Helpline number of E - Procurement Cell | Mob No. – 9508112201 |

Note: (i) Only e- tenders will be accepted. Further Details can be seen on website https://jharkhandtenders.gov.in/nicgep/app
(ii) Contractor should be registered in appropriate class as per NIT
(iii) Estimated cost/ quantity may be increased or decreased, as per actual requirement.
(iv) e-tender will be in double envelop system.

ह0/–
नगर आयुक्त सह प्रशासक
देवघर नगर निगम, देवघर

PR 362826 Deoghar(25-26).D

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, MOHANA

No.O-787

E-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 04/MOHANA/2025-26**

1. Name of the work : Building works, 2. Total No. of work : 03 (Three) Nos., 3. Estimated cost : 2.94 Lakhs to 7.02 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA/ 2025-26 | 03 (Three) Nos. | 26.09.2025 from 11.00 | 08.10.2025 upto 5.00 PM | 04.10.2025 upto 5.00 PM | 09.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd./- Executive Engineer
R.W. Division, Mohana

OIPR-25148/11/0043/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, GUNUPUR

E-mail id : eerwgunupur@gmail.com

No.O-808

**GEPNIC e-Procurement Notice**
**Bid Identification No. : EERWGNP - Online - 04/2025-26**

No.:/3461 Date : 17.09.2025

1. Name of the Work : Building Works, 2. Total No. of Works : 05 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online-04/2025-26 | 26.09.2025 at 10.00 A.M. | 08.10.2025 upto 5.00 P.M. | 09.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25170/11/0018/2526

## Jharkhand BijliVitran Nigam Limited

(CIN : U40108JH2013SGC001702)
Regd. Office : Engineering Building, H.E.C., Dhurwa, Ranchi-834004,
Telephone :-0651-2400799 & Fax : 0651-2400799
https://www.jbvnl.co.in

**E-Tender Notice No. 201/PR/JBVNL/25-26**

Jharkhand BijliVitran Nigam Limited, Engineering Building, HEC Admin, Dhurwa, Ranchi – 834004, Jharkhand invites E-tender for bid from eligible Bidders for 'Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL)'.

The tender documents with detailed conditions can be obtained through web site http://jharkhandtenders.gov.in and should be submitted in the envelope containing all relevant documents as mentioned in the tender document.

| Sl. No. | Name of Work | Details |
|---|---|---|
| 1 | Name of Work | Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL) |
| 2 | Date of Publication of NIT on website | 26/09/2025 |
| 3 | Date of Pre-Bid Meeting / Time | 09/10/2025 / 03:00 PM |
| 4 | Last Date / Time for receipt of bids | 09/10/2025 / 04:00 PM |
| 5 | Date and Time for Opening of Technical bid | 31/10/2025 / 01:00 PM |
| 6 | Tender fee (Non – Refundable) | Rs. 1,000/- + GST @ 18% |
| 7 | Earnest Money Deposit (EMD) | Rs. 12,950/- |
| 8 | Contact email | itcelljbvnl@gmail.com |

स्वहित एवं राष्ट्र हित में ऊर्जा बचावें। कृपया अपनी शिकयतों को टॉल फ्री नं० 1800 345 6570 पर दर्ज करायें।

Sd/-
General Manager (IT)
JBVNL

PR 362770 Jharkhand Bijlee Vitran Nigam Ltd(25-26)D

## WALK-IN-INTERVIEW
## JODA WOMEN'S COLLEGE, JODA, KEONJHAR

Applications are invited from suitable candidates for the following posts on contractual engagement.

| Sl. # | Name of the Post | No. of Post | Qualification |
|---|---|---|---|
| 1. | Lecturer in English | 01 | PG (55% Min.) |
| 2. | Assistant Librarian | 01 | B. Lib. |

The engagement of the person for the above post is purely temporary in nature and the authority reserves the right to cancel/postponed the same at any point of time without assigning any reason thereof. Salary is negotiable. Desirous candidates with requisite qualification carrying the photocopy of their documents with original may appear in the Walk-in-Interview at Joda Women's College, Joda, Keonjhar on **Dt.13.10.2025 (Monday, 11 A.M.)**.

Sd./- Principal I/C-cum-Secretary
Joda Women's College, Joda, Keonjhar

**Contact No.: 9438340548**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR

No.B-554

Phone / Fax : (0680) 2233683, e-mail : sernb1.ganjam@yahoo.com

**"e" Procurement Notice**
**Bid Identification No. SE R&B Divn. No.I Bam. 15/2025-26**

Lr. No. 11205 Dated : 20.09.2025

| | |
|---|---|
| Name of work | : E.I. Work |
| No. of works | : 11 (Eleven) Nos |
| Estimated Cost | : Approximately Rs.5.86 to 15.71 Lakh |
| Period of Completion | : 1 (One) Year |
| Date and time of Availability of bid document in the portal | : From 10.00 hours of 26.09.2025 to 16.00 hours of 13.10.2025 |
| Last date / time for receipt of bids in the portal | : Upto 16.00 hours of 14.10.2025 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34109/11/0046/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## SUNDARGARH IRRIGATION DIVISION, SUNDARGARH

No.A-660

ଅଧୀକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼

E.mail-ID : irreesng@yahoo.in / irreesng@gmail.com

**'e' Procurement for Civil Works**
**Bid-Identification No. SID-03/2025-26 (On-line), Dt. 23.09.2025**

Letter No. 11462 Dt. 23.09.2025

| | | |
|---|---|---|
| 1 | No. of works | : Six (06 Nos.) |
| 2 | Estimated Cost | : Rs.8.48 Lakh to Rs.29.17 Lakh |
| 3 | Period of completion | : Four (04) Calendar Months |
| 4 | Date & Time of availability | : Dt.26.09.2025 at 10:00 A.M. to Dt.16.10.2025 up to 5:30 P.M. |
| 5 | Last date/Time for receipt of bids in the portal | : Dt.16.10.2025 up to 5:30 P.M. |
| 6 | Date and time of opening of tender | : Dt.18.10.2025 at 11:00 A.M. |

Further details can be seem from the State Govt. Portal : www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Superintending Engineer
Sundargarh Irrigation Division
Sundargarh

OIPR-32134/11/0011/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦ୍ୟା
ପରିବାରବର୍ଗ


ଶୁଭଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ୧ ଲକ୍ଷ କୋଟିର ପୁଞ୍ଜି ନିବେଶ ଆଶା

■ଅକ୍ଟୋବର ୨୭ରୁ ମୁମ୍ବାଇରେ ସାମୁଦ୍ରିକ ସପ୍ତାହ
■ଯୋଗଦେବେ ଶତାଧିକ ଦେଶ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଭାରତ ସାମୁଦ୍ରିକ ସପ୍ତାହ-୨୦୨୫(ଆଇଏମ୍‌ଡବ୍ଲ୍ୟୁ) ପାଳନର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରଠାରେ ପାରାଦୀପ ବନ୍ଦର ପକ୍ଷରୁ ଏକ ରୋଡ୍-ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଭୁବନେଶ୍ୱରରେ ଇଣ୍ଡିଆନ ମେରିଟାଇମ୍ ସେକ୍ଟରର ପରିବର୍ତ୍ତନକୁ ନାଭିଗେଟ୍ କରିବା: ଭଲ୍ୟୁମ୍‌ରୁ ଭିଜନକୁ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଲୋକ ସଭା ସଦସ୍ୟ ବିଭୁ ପ୍ରସାଦ ତରାଇ, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ସଚିବ ଉଷା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଗତ ଭାଷଣରେ ପାରାଦୀପ ପୋର୍ଟର ଚେୟାରମ୍ୟାନ




ପି.ଏଲ. ହାରାନ୍ଧ କହିଲେ, ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁଥିବା ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ୧୦୦ରୁ ଅଧିକ ଦେଶ, ୨୦୦ ଅନ୍ତର୍ଜାତୀୟ ବକ୍ତା, ୫୦୦ ପ୍ରଦର୍ଶକ ଓ ୧ ଲକ୍ଷ ପ୍ରତିନିଧି ଯୋଗଦେବେ। ଏହା ପୋର୍ଟ ମଡର୍ନାଇଜେଶନ, କ୍ଷମତା ବୃଦ୍ଧି, ଗ୍ରୀନ୍ ଶିପିଂ, ଶିପ୍ ବିଲ୍ଡିଂ, ଇନ୍ସୁରାନ୍ସ ଓ ଫାଇନାନ୍ସ, ମେରିଟାଇମ୍ ସୁରକ୍ଷା ଆଦି ବିଷୟରେ ଚର୍ଚ୍ଚାର ପ୍ଲାଟ୍‌ଫର୍ମ ହେବ। ମନ୍ତ୍ରଣାଳୟ ୧୦ ଲକ୍ଷ କୋଟିରୁ ଅଧିକ ଏମ୍‌ଓୟୁ ସାଇନ୍ କରିବ। ସେଥିମଧ୍ୟରୁ ଓଡ଼ିଶାର ପାରାଦୀପ ପୋର୍ଟ ୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ଆକର୍ଷଣ କରିବ ବୋଲି ଆଶା କରାଯାଉଛି। ସେ ଗୁଜରାଟର ଭାବନଗରରେ ପ୍ରଧାନମନ୍ତ୍ରୀଙ୍କ ଇଭେଣ୍ଟରେ ଓଡ଼ିଶା ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିବା ମେଜର୍ ପୋର୍ଟ(୨୧,୫୦୦ କୋଟି), ମହାନଦୀ ମାଉଥ୍‌ରେ ଶିପ୍‌ବିଲ୍ଡିଂ ହବ୍(୨୪,୭୦୦ କୋଟି) ଓ ପୁରୀରେ କ୍ରୁଜ୍ ଟର୍ମିନାଲ ଉପରେ ଏମ୍‌ଓୟୁକୁ ଉଲ୍ଲେଖ କରି 'ୱାନ୍ ନେଶନ ୱାନ୍ ପୋର୍ଟ' ପ୍ରୋସେସ୍ ଡକ୍ୟୁମେଣ୍ଟ ଆଦି ସମ୍ପର୍କରେ କହିଥିଲେ। ସେହିପରି ଉଷା ପାଢ଼ୀ କହିଲେ, ବର୍ତ୍ତମାନର ୮୦ ଏମ୍‌ଟିପିଏ ପୋର୍ଟ କ୍ଷମତାକୁ ୨୦୪୭ ସୁଦ୍ଧା ୫୦୦ ଏମ୍‌ଟିପିଏ କରିବା ପାଇଁ ଆଧୁନିକୀକରଣ, ନୂଆ ଭିତ୍ତିଭୂମି ଓ ଓଡ଼ିଶା ମେରିଟାଇମ୍ ବୋର୍ଡ ପ୍ରସ୍ତାବିତ ରହିଛି। ସେ ମେରିଟାଇମ୍ ସେକ୍ଟରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ହେମନ୍ତ ଶର୍ମା ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍ ଓ ମେରିଟାଇମ୍ ସେକ୍ଟର ପରସ୍ପରର ଅଭିବୃଦ୍ଧିରେ ସହାୟକ ହେଉଥିବା କହିଥିଲେ। ଓଡ଼ିଶାର ୮-୯% ଆର୍ଥିକ ବୃଦ୍ଧି ରାଷ୍ଟ୍ରୀୟ ହାରକୁ ଅତିକ୍ରମ କରୁଥିବା ସେ କହିଥିଲେ। ଏମ୍‌ପି ଡ. ତରାଇ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ସଂଯୁକ୍ତ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ସ୍ୱାଇଁ ଓଡ଼ିଶାକୁ ଭାରତର ପୂର୍ବମୁଖୀ ମେରିଟାଇମ୍ ଗେଟ୍‌ୱେ, ପୂର୍ବୋଦୟ ଓ ସଷ୍ଟେନେବଲ ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍‌ର ଡ୍ରାଇଭର୍ ଭାବେ ପ୍ରସ୍ତୁତ ବୋଲି କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଡେପୁଟି ଚେୟାରମ୍ୟାନ (ଇନ୍‌ଚାର୍ଜ) ଏ.କେ. ସାହୁ ଧନ୍ୟବାଦ ଦେଇଥିଲେ।

# ଓଡିଏମ୍- ଓଭୋ -ଆର୍ଡୋର ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଓଡିଏମ୍ ଶିକ୍ଷା ସମୂହ ଦ୍ୱାରା ଓଡିଏମ୍-ଓଭୋ-ଆର୍ଡୋରର ସହଯୋଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆ ପୁଷ୍ଟିକର ସହଯୋଗୀ ଭାବରେ ଓଡିଏମ୍ ଶିକ୍ଷାସମୂହ ଓ ଆର୍ଡୋର ଫୁଟ୍‌ବଲ




ଏକାଡେମୀ ସହ ଓଭୋ ଫାର୍ମସର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଅଧୀନରେ ଓଭୋ ଫାର୍ମସ ଓଡିଏମ୍ ଛାତ୍ରବୃତ୍ତି ପ୍ରାପ୍ତ ଛାତ୍ରୀଛାତ୍ର ଏବଂ ଆର୍ଡୋର ଏକାଡେମୀ ସେଣ୍ଟର ପାଇଁ ପ୍ରତି ସପ୍ତାହରେ ବିନା ମୂଲ୍ୟରେ ୧,୪୦୦ ଅଣ୍ଡା ଯୋଗାଇଦେବ। ଏହାଦ୍ୱାରା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ଓଡିଏମ୍ ଶିକ୍ଷା ସମୂହର ସିଓଓ ସ୍ୱୟନ ସତ୍ୟେନ୍ଦୁ, ଓଭୋ ଫାର୍ମସର ସିଇଓ ସମରେନ୍ଦ୍ର ମିଶ୍ର ଓ ଆର୍ଡୋର ଫୁଟ୍‌ବଲ ଏକାଡେମୀର ମୁଖ୍ୟ ଜୟଦେବ ମହାପାତ୍ର ଉପସ୍ଥିତ ରହିଥିଲେ। ଓଡିଏମ୍-ଓଭୋ-ଆର୍ଡୋର ଏହି ସହଯୋଗକୁ ନେଇ ଉତ୍ସାହିତ ଅଛନ୍ତି ଏବଂ ଏହା ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ଏକ ନୂଆ ଦିଗ ଆରମ୍ଭ କରିବ ବୋଲି ଆଶା କରାଯାଉଛି।




ଶୁଭଜିତ୍
ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ କୋଟି ଆୟୁଷ ପ୍ରଦାନ କରନ୍ତୁ।
ଶୁଭକାମନା ସହ: ତୋର ଭାଇ, ଭଉଣୀ (ମାମୁନ୍) ଓ ସମସ୍ତ ପରିବାରବର୍ଗ।
ଧ-୭୬୮୫୭

ଜନ୍ମଦିନ ଶୁଭେଚ୍ଛା

ଆଦ୍ୟା ଅସ୍ମିତା
ସାରସ୍ୱତ, ମୁଣ୍ଡିଦେଉଳି, କାମାକ୍ଷାନଗର, ଢେଙ୍କାନାଳ
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆଦ୍ୟାକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏବଂ ତା ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ରୋମା, ଡାଏନା, ପାପା, ମାମା, ଅଜା, ଆଈ, ଜେଜେବାପା, ଜେଜେମା', ମାମୁଁ, ମାଇଁ, ଲକିମାମୁଁ, ବିକିମାମୁଁ, ସଲିଆଇ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୨୦୯୭

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଡିଅନ୍ ଗ୍ରୁପ୍ ଓ ଆଥର୍ ଏନର୍ଜିର ନୂଆ ପାର୍ଟନରଶିପ୍

## କଟକରେ ଖୋଲିଲା ଏକ୍ସପେରିଏନ୍ସ ସେଣ୍ଟର

ଭୁବନେଶ୍ୱର,୨୪।୯

ଡିଅନ ଗ୍ରୁପ୍ ଓ ଇଲେକ୍ଟ୍ରିକ୍ ଭେଇକିଲ ଟୁ-ହ୍ୱିଲର ସେଗ୍‌ମେଣ୍ଟର ବ୍ରାଣ୍ଡ ଆଥର ଏନର୍ଜି ଲିମିଟେଡ୍ ସହ ପାର୍ଟନରଶିପ୍ ଘୋଷଣା କରିଛି। ଏହି ସହଯୋଗରେ କଟକରେ ଏକ ନୂଆ ଏକ୍ସପେରିଏନ୍ସ ସେଣ୍ଟର ଖୋଲାଯାଇଛି। କଟକବାସୀଙ୍କ ପାଇଁ ଗୁଣବତ୍ତାଯୁକ୍ତ ଉତ୍ପାଦ ଓ ସେବା ଯୋଗାଇବ। ଡିଅନ ଗ୍ରୁପ୍‌ର ଶାଖା ସଂସ୍ଥା ଡିଅନ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଆଥର ଏନର୍ଜି ମଧ୍ୟରେ ଏହି ନୂଆ ପାର୍ଟନରଶିପ୍ ଡିଅନର ଅଟୋମୋବାଇଲ ଭର୍ଟିକାଲକୁ ମଜଭୁତ କରିବ ଏବଂ ଆଥର



ଏନର୍ଜିର ବଜାର ନେଟ୍‌ୱର୍କକୁ ବିସ୍ତାର କରିବ। ସୂଚନାଥାଉ କି, ୨୦୧୦ରେ ଇଂ. ମନୋଜ କୁମାର ସାହୁ(ଫାଉଣ୍ଡର ଓ ଡାଇରେକ୍ଟର)ଙ୍କ ଦ୍ୱାରା ପ୍ରତିଷ୍ଠିତ ଡିଅନ୍ ଗ୍ରୁପ୍ ଓଡ଼ିଶାର ଏକ ଦ୍ରୁତ ବିକାଶଶୀଳ ଏଣ୍ଟରପ୍ରାଇଜ୍। ୨୦୧୯ରେ ଟାଟା ମୋଟର୍ସର ଅଥୋରାଇଜ୍ଡ ଡିଲର ଭାବେ ଅଟୋମୋଟିଭ ସେକ୍ଟରରେ ପ୍ରବେଶକରି ଏହା ବର୍ତ୍ତମାନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ବାଲୁଗାଁ, ଫୁଲବାଣୀ ଓ ଭଞ୍ଜନଗରରେ ୭ଟି ଶୋ'ରୁମ୍ ଏବଂ ବ୍ରହ୍ମପୁରରେ ଏକ ଟାଟା ମୋଟର୍ସ ଅଥୋରାଇଜ୍ଡ ସର୍ଭିସ୍ ଷ୍ଟେଶନ (କମର୍ସିଆଲ ଭେଇକିଲ) ସହ ୨୦,୦୦୦ରୁ ଅଧିକ ଗ୍ରାହକଙ୍କୁ ସେବା ଦେଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଆଥର ଏନର୍ଜିର ହେଡ୍ ଅଫ୍ ସେଲ୍‌ସ ଅପରେଶନ ଓ ନେଟ୍‌ୱର୍କ ଉମେଶ ଚୌଧୁରୀ ଉପସ୍ଥିତ ଥିଲେ।

# ଜିଓମାର୍ଟର ଜିଓ ଉତ୍ସବ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ପାର୍ବଣଋତୁରେ ଜିଓମାର୍ଟ ପକ୍ଷରୁ ଜିଓ ଉତ୍ସବ-୨୦୨୫ ହୋଇଛି। ଏହି ଉତ୍ସବ ଅବସରରେ ଗ୍ରାହକଙ୍କୁ ଅନେକ ଅଫର ପ୍ରଦାନ କରାଯାଉଥିବାବେଳେ ଆଇଫୋନ ୧୬ ଭାରତରେ ସର୍ବନିମ୍ନ ମୂଲ୍ୟରେ ଅର୍ଥାତ୍ ୪୪,୮୭୦ ଟଙ୍କାରୁ ଆରମ୍ଭ ଉପଲବ୍ଧ ହୋଇଛି। ଏହାସହ ଆଇଫୋନ୍ ୧୬ ପ୍ଲସ୍ ୬୧,୭୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ବ୍ୟତୀତ ଜିଓମାର୍ଟ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଇନ୍‌ଫିନିକ୍ସ ଜିଟି ୩୦ ୧୭,୪୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ମ୍ୟାକ୍‌ବୁକ୍ ଅପ୍‌ଗ୍ରେଡ୍ ୪୯,୫୯୦ ଟଙ୍କାରୁ ସାମ୍‌ସଙ୍ଗ୍ ୩୨" ଟିଭି: ୧୦,୪୯୦ ଟଙ୍କାରୁ, ସେମି-ଅଟୋମେଟିକେ ଓାଶିଂ ମେଶିନ ୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଅନ୍ୟପଟେ ଏୟାର କଣ୍ଡିସନର (ଏସି) ୨୨,୯୯୦ ଟଙ୍କାରୁ ଆରମ୍ଭ




ହେଉଛି। ଏହାସହ ରୋଷେଇ ଓ ଘରୋଇ ଉପକରଣ, ଅଡିଓ ଏବଂ ଆକ୍ସେସୋରିଜ୍‌ରେ ୯୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ପାର୍ବଣରେ କ୍ରୟକୁ ଆହୁରି ଲାଭଦାୟକ କରିବା ପାଇଁ ଜିଓମାର୍ଟ ଆଇସିଆଇସିଆଇ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଏବଂ ଆର୍‌ବିଏଲ୍ ବ୍ୟାଙ୍କ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପ୍ରଦାନ କରୁଛି। ଜିଓମାର୍ଟର ବିସ୍ତୃତ ନେଟ୍‌ୱାର୍କ ମେଟ୍ରୋ, ସହର ଓ ଗ୍ରାମାଞ୍ଚଳର ଲକ୍ଷାଧିକ ପରିବାର ନିର୍ଦ୍ଧାରିତ ସମୟରେ ବାଧାମୁକ୍ତ ଡେଲିଭରି ପ୍ରଦାନ କରୁଛି।


# Classified Everyday
0674-2580101, 9692975378


REAL ESTATE
SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018




The massage felt totally professional & comfortable at all times-7978109255. D-76495

Newly open Jyoti SPA positively health benefits (expert therapist). 8458067955. D-76936

Newly open health benefits spa by experts therapist con 8658088274. D-1866


## LOST

I, Rajkishor Das, R/o- At- Near DIET School, P.O./ P.S.- Ainthapali, Tahasil/ Dist.- Sambalpur, Odisha, PIN- 768004 declare that my father Narasingh Charan Das had purchased a landed property at Mouza- Chhanchanpali, P.S.- Dhama, Area Ac.1.45 Dec through a registered Sale Deed bearing No.- 353 of 1993 dated- 16.02.1993. That on 20.09.2025 while I was going from my house to Ainthapali inadvertently I lost the said original sale deed along with other property documents. Inspite of my repeated search it could not be traced out. If anybody found kindly contact me Mob. 9938904555 or deposit it at the nearest police station. D-2107

## AFFIDAVIT

I, Alok Soni, S/o- Late Damodar Prasad Soni, resident of Ward No.- 45, M-285, Padmanabhpur, District- Durg, Chhattisgarh (PIN 491001), hereby declare that my correct and full name is Alok Kumar Soni. Henceforth, I shall be known as Alok Kumar Soni for all purposes. D-2100

Dillip Kumar Das, House No.-76, At- Kapagoradi P.O.-Othaka PIN- 752108 Puri changed my as Laxmidhar Das, S/o- Jahan Das. D-2108

I, Sanjya Kumar Paikaray, S/o- late Dharanidhar Paikaray, resident of Plot No.- 238, At/P.O.- Rasulgarh, P.S.- Mancheswar, Bhubaneswar, Dist.- Khordha, Odisha- 751010 declare by this affidavit No.- 85, dated- 22.09.2025 that now onwards I shall be known as Sanjay Kumar Paikaray for all future purposes. D-2099

By Virtue of an affidavit sworn before Executive Magistrate, Kutra, dated- 18-09-25,I Anjlina Dhanwar, Address: Vill- Katang (Turitoli),P.O.- Katang, P.S.- Kutra, Dist.- Sundargarh Odisha, PIN-770023 declare that I have changed the Name of my daughter from Adilina Dhanwar to Edlin Dhanwar. Henceforth, She shall be known as Edlin Dhanwar for all purposes.
Edlin Dhanwar
D-2101


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଫୁସି ବେହେରା
ଗୌଡ଼ସାହି, ମାଁସଡ଼ା, ବିଞ୍ଝାରପୁର
ଆବିର୍ଭାବ -୧୨।୦୩।୩୩
ତିରୋଧାନ- ୧୬।୦୯।୨୫
ବୋଉଲୋ, ତୁ ତାହୁଁ ତାହୁଁ ଏଗାର ଦିନ ହେବ ଆମକୁ ଛାଡ଼ି ଅଫେରା ରାଇଜକୁ ଗଲୁଣି। ହେଲେ ତୋର ସ୍ଥାନଟି ସେମିତି ଶୂନ୍ୟ ହୋଇ ରହିଯାଇଛି। ତୋର ପ୍ରେରଣା ଆମକୁ ଦିଗଦର୍ଶନ ଦେବାରେ ସହାୟକ ହେବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ଜଗବନ୍ଧୁ, ରାମଚନ୍ଦ୍ର, ଶ୍ୟାମସୁନ୍ଦର, ପୁତ୍ରବଧୂ- ରାଧାରାଣୀ, ଅଞ୍ଜଳୀ, ଝିଅ- ଭାରତୀ, ପ୍ରଭାତୀ, ଜ୍ୱାଇଁ- ଯୁଗଳ, ଅଭୟ, ନାତି- ଦିଲ୍ଲିପ, ସଞ୍ଜୟ, ଚନ୍ଦନ, ସୌମ୍ୟ, ନାତୁଣୀ- ପୂଜା, ମାମା ଓ ବନ୍ଧୁ, ପରିବାରବର୍ଗ
ଧ-୨୧୦୯

## ଶ୍ରଦ୍ଧାଞ୍ଜଳି



ଂଇଂ. ପ୍ରେମାନନ୍ଦ ପ୍ରଧାନ
ଆବିର୍ଭାବ: ୧୦।୦୨।୧୯୬୬
ତିରୋଧାନ: ୧୫।୦୯।୨୦୨୫
ପବିତ୍ର ଇଞ୍ଜିନିୟର ଦିବସରେ ତୁମେ ଆମ ସମସ୍ତଙ୍କୁ ଶୋକ ସାଗରରେ ବୁଡ଼ାଇ ଦେଇ ଆରପାରିକୁ ଚାଲିଗଲ। ପରମ ପିତାଙ୍କ ନିକଟରେ ଆକୁଳ ପ୍ରାର୍ଥନା ତୁମର ଅମର ଆତ୍ମା ଚିରନ୍ତନ ଶାନ୍ତି ଲାଭ କରୁ।
ଉଭୟ ପିତ୍ରାଳୟ ଓ ଶ୍ୱଶୁରାଳୟର ଶୋକାକୁଳ ପ୍ରଧାନ ପରିବାରବର୍ଗ
ସ୍ଥାନ- ବଳମ କଣ୍ଟଳ, ଜି- ଦେବଗଡ଼
ଧ-୨୧୦୭

# ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା

ଭୁବନେଶ୍ୱର,୨୪।୯

ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିଅର ଦ୍ୱାରା ପ୍ରକାଶିତ ତାଲିକାରେ ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ସ୍ଥାନ ପାଇଛନ୍ତି। ଏହା ପତଞ୍ଜଳି, ଆୟୁର୍ବେଦ ଓ ଭାରତ ପାଇଁ ଗର୍ବର ବିଷୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଭାରତୀୟ ପ୍ରାଚୀନ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ମିଶ୍ରଣକରି ତାଙ୍କର ୩୦୦ରୁ ଅଧିକ ଗବେଷଣା



ପ୍ରବନ୍ଧ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହୋଇଛି। ତାଙ୍କ ନେତୃତ୍ୱରେ ପତଞ୍ଜଳି ୧୦୦ରୁ ଅଧିକ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିଛି। ୧୨୦ରୁ ଅଧିକ ପୁସ୍ତକ ଓ ୨୫ଟି ପ୍ରାଚୀନ ପାଣ୍ଡୁଲିପିରେ ଯୋଗଦାନ ସହ ତାଙ୍କର ହର୍ବାଲ ଏନ୍‌ସାଇକ୍ଲୋପିଡିଆ ବୈଜ୍ଞାନିକ ମହଲରେ ପ୍ରଶଂସିତ ହୋଇଛି। ଉତ୍ତରାଖଣ୍ଡର ମାଲାଗୋଂରେ ହର୍ବାଲ ଓାର୍ଲ୍ଡ ମାଧ୍ୟମରେ ସେ ପାରମ୍ପରିକ ଚିକିତ୍ସା ଜ୍ଞାନ ବିସ୍ତାର କରୁଛନ୍ତି। ଯୋଗଗୁରୁ ରାମଦେବ ଏହାକୁ ଆୟୁର୍ବେଦର ବୈଜ୍ଞାନିକ ମାନ୍ୟତା ଓ ଭାରତର ଗବେଷଣା ଶକ୍ତିର ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି।

# ନାଲ୍‌କୋ ପକ୍ଷରୁ ପ୍ରଥମ ଏଚ୍‌ଆର୍ କନ୍‌କ୍ଲେଭ୍

ଭୁବନେଶ୍ୱର,୨୪।୯

ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଭୁବନେଶ୍ୱରଠାରେ 'ନବ-ଦୃଷ୍ଟି: ପିପୁଲ ଫାଷ୍ଟ, ଫିଉଚର ଫର୍‌ୱାର୍ଡ' ବିଷୟବସ୍ତୁ ଆଧାରିତ ପ୍ରଥମ ଏଚ୍‌ଆର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି । ନୂତନ ଯୁଗର ମାନବ ସଂସାଧନ ପରିଚାଳନା ପଦ୍ଧତି ଉପରେ ଚିନ୍ତନ ଏବଂ ପ୍ରତିଫଳନ ନିମନ୍ତେ ଖଣି, କୋଇଲା, ପେଟ୍ରୋଲିୟମ ଏବଂ ଧାତୁ ଶିଳ୍ପ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାବିତ୍ ଏବଂ ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, କମ୍ପାନୀର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ବିତ୍ତ) ଅଭୟ କୁମାର ବେହୁରିଆ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ ଜ୍ୟୋତିନାଥ ପ୍ରମୁଖ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସେଲ୍‌ର ନିର୍ଦ୍ଦେଶକ (କାର୍ମିକ) କୃଷ୍ଣ କୁମାର ସିଂହ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମାନବ ସମ୍ବଳ ଗ୍ରୁପ୍ ସଭାପତି ବିଜୟ କୁମାର ସାହୁ ଓ ଇଣ୍ଡିଆନ ଅଏଲର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଇଣ୍ଡିଆନ ଅଏଲ, ସେଲ୍, ଟାଟା ଷ୍ଟିଲ୍, ଏନ୍‌ଟିପିସି ଏବଂ କୋଲ୍ ଇଣ୍ଡିଆ ଭଳି ଦେଶର କେତେକ ପ୍ରମୁଖ କମ୍ପାନୀ ନିଜର ମାନବ ସମ୍ବଳ ପ୍ରୟାସ ଏବଂ ଅଭ୍ୟାସଗୁଡ଼ିକୁ ଉପସ୍ଥାପନା କରିଥିଲେ।

# ବିଦ୍ୟୁତ୍ ବିଲ୍ ପୈଠ ସରଳ କରୁଛି ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ) ପକ୍ଷରୁ ଡିଜିଟାଲ ପେମେଣ୍ଟ ବିକଳ୍ପ କାର୍ଯ୍ୟକ୍ଷମ କରି ବିଦ୍ୟୁତ୍ ବିଲ୍ ପୈଠ ବେଶ୍ ସହଜ କରିଛି। ଏହି ଉଦ୍ୟମ ଉପଭୋକ୍ତାମାନଙ୍କୁ କୌଣସି ଅସୁବିଧା ବିନା ନିଜ ଘରେ ଆରାମରେ ବିଲ୍ ପଇଠ କରିବା ଏବଂ ଆକର୍ଷଣୀୟ ରିହାତି ପାଇବାର ସୁଯୋଗ ଦେଇଛି। ୧୦ ଲକ୍ଷରୁ ଅଧିକ ଟିପିସିଓଡିଏଲ ଉପଭୋକ୍ତା ଡିଜିଟାଲ ପେମେଣ୍ଟ ସୁବିଧା ଉପଭୋଗ କରୁଛନ୍ତି। ଏହାକୁ ସୁଗମ କରିବା ପାଇଁ ଟିପିସିଓଡିଏଲ ୟୁପିଆଇ ପେମେଣ୍ଟ, ମିତ୍ର ଆପ୍ ଭଳି ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଏଥିସହିତ ସୁରକ୍ଷିତ ଏବଂ ତତ୍‌କ୍ଷଣାତ୍ ପେମେଣ୍ଟ ପାଇଁ ଉପଭୋକ୍ତାଙ୍କୁ କ୍ୟୁଆର୍ କୋଡ୍ ମଧ୍ୟ ଦିଆଯାଇଛି। ଟିପିସିଓଡିଏଲ ପ୍ରତି ମାସରେ ପ୍ରାୟ ୧୦ ଲକ୍ଷ ଉପଭୋକ୍ତାଙ୍କୁ ଇ-ବିଲ୍ ପଠାଉଛି, ଯାହାଦ୍ୱାରା ଠିକ୍ ସମୟରେ ବିଲ୍‌ର ସୂଚନା ମିଳୁଛି ଏବଂ ଡିଜିଟାଲ ନେଣଦେଣକୁ ଉତ୍ସାହିତ କରାଯାଉଛି। କ୍ୟୁଆର୍ କୋଡ୍ ଉଦ୍ୟମର ପ୍ରଥମ ପର୍ଯ୍ୟାୟରେ ହିଁ ୫୮,୪୪୦ ଉପଭୋକ୍ତା (ତିନି-ଫେଜ୍ ଘରୋଇ) ଏହି ପ୍ରଣାଳୀକୁ ଗ୍ରହଣ କରିସାରିଛନ୍ତି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ପ୍ରତ୍ୟେକ ଉପଭୋକ୍ତାଙ୍କୁ ସରଳ ଡିଜିଟାଲ ସାଧନ ଦ୍ୱାରା ସଶକ୍ତ କରିବା, କାଗଜବିହୀନ ନେଣଦେଣକୁ ଉତ୍ସାହିତ କରିବା ଏବଂ ଏକ ପ୍ରକୃତ କ୍ୟାଶ୍‌ଲେସ୍ ଓଡ଼ିଶା ଗଠନରେ ଯୋଗଦାନ କରିବା ଟିପିସିଓଡିଏଲର ଲକ୍ଷ୍ୟ ରହିଛି।

# ତାପଜ କେନ୍ଦ୍ରରୁ ବାହାରୁଛି ୪୬ ନିୟୁତ ଟନ୍ ପାଉଁଶ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୪୫ଟି ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଗତ ଆର୍ଥିକ ବର୍ଷରେ ପ୍ରାୟ ୪୬ ନିୟୁତ୍ ଟନ୍ ପାଉଁଶ ବାହାରିଛି। ଏହାକୁ ଇଟା ତିଆରି କାରଖାନା ସହ ସିମେଣ୍ଟ କାରଖାନା, କଂକ୍ରିଟରେ ମିଶାଇବା, ଆଜ୍‌ବେଷ୍ଟସ୍ ନିର୍ମାଣ, ବନ୍ଧ ଓ ରାସ୍ତା କାମରେ ଲଗାଯାଉଛି । ତାପଜ କେନ୍ଦ୍ରର ପାଉଁଶ ସଂକ୍ରାନ୍ତରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ମନ୍ତ୍ରୀ କହିଛନ୍ତି, ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶର ସର୍ବାଧିକ ଉପଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ୨୦୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟମ ବୋର୍ଡ ୨୦୧୭ ମସିହାରେ ଖାଲୁଆ ଅଞ୍ଚଳ ପୂରଣ ଏବଂ ପରିତ୍ୟକ୍ତ ଖଣି ଗର୍ତ୍ତ ପୂରଣ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ଘଟଣା

# ୟୁଟ୍ୟୁବର ଦୀପକ ଗିରଫ

**ଆନ୍ଦୋଳନ ବେଳେ ଭିଡିଓ କରି ଉସୁକାଇଥିଲେ**


ଦୀପକ ନାୟକ

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ): କ୍ୟାପିଟାଲ ହସ୍ପିଟାଲରେ ଶିଶୁମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ବେଳେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଘଟଣାରେ ୟୁଟ୍ୟୁବର ଦୀପକ ନାୟକ(୨୨)ଙ୍କୁ ବୁଧବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଆନ୍ଦୋଳନ ସମୟରେ ଭିଡିଓ କରି ଆକ୍ରମଣ ପାଇଁ ଉସୁକାଇବା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି। ଗିରଫ ଦୀପକ ନୟାଗଡ଼ ଜିଲା ନାୟକଙ୍କିହି ଥାନା ଅନ୍ତର୍ଗତ ପୁରୁଷୋତ୍ତମ ଗ୍ରାମର। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲରେ ସୋମବାର ସାଲିଆସାହିର ୧୩ ମାସର ଏକ ଶିଶୁପୁତ୍ରର ମୃତ୍ୟୁକୁ ନେଇ ହସ୍ପିଟାଲ ପରିସର ରଣକ୍ଷେତ୍ର ପାଲଟିଥିଲା। କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ସ୍ମାର୍ଟସିଟି ଅନଲାଇନ ଅଟୋଚାଳକ ସଂଘ ମଧ୍ୟରେ ହାତାହାତି ହୋଇଥିଲା। ପୋଲିସର ବୁଝାସୁଝା ପରେ ମାମଲା ଶାନ୍ତ ପଡ଼ିଥିଲା। ଏବେ ପୋଲିସ ସୂଚନା ଅନୁଯାୟୀ, ଦୀପକ ସେହି ସମୟରେ ଭିଡିଓ ସୁଟ୍ କରିବା ସହ ସୁରକ୍ଷାକର୍ମୀ ଓ ହସ୍ପିଟାଲ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଉସୁକାଇଥିଲେ। ଭିଡ଼ ଭିତରେ ସୁରକ୍ଷାକର୍ମୀ ସୁବ୍ରତ ବିଶ୍ୱାଳଙ୍କୁ ଇଙ୍ଗିତ କରି 'ଯାକୁ ଜୀବନରୁ ମାରିଦିଅ' ବୋଲି କହିଥିଲେ। ଏହା ପରେ ଦୀପକ ଓ ଅନ୍ୟମାନେ ମିଳିତ ଭାବରେ ସୁବ୍ରତଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ହସ୍ପିଟାଲର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ଅଭିଯୁକ୍ତ ଦୀପକଙ୍କ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୩ଟି ମାମଲା ରହିଛି। ଏଥର ସୁବ୍ରତଙ୍କ ଏତଲାକୁ ଭିତ୍ତିକରି କ୍ୟାପିଟାଲ ଥାନା ପୋଲିସ ମାମଲା (ନଂ.୫୬୬/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ୟୁଟ୍ୟୁବ୍‌ରେ ଦୀପକଙ୍କର ଓ୍ୱେବଟୋ ଟିଭି ନାମରେ ଏକ ଚ୍ୟାନେଲ ଥିବାବେଳେ ଏଥିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ସବସ୍କ୍ରାଇବର ଅଛନ୍ତି। ସେହିପରି ଫେସବୁକରେ ମଧ୍ୟ ଏହି ଚ୍ୟାନେଲର ୧.୯୭ ଲକ୍ଷ ଫଲୋଅର୍ସ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଆକ୍ରମଣକୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ଦାବିରେ ସୁରକ୍ଷାକର୍ମୀମାନେ ମଙ୍ଗଳବାର ଧାରଣାରେ ବସିଥିଲେ।

# ଭିବ୍‌ଗ୍ୟୋର ଚିଟ୍‌ଫଣ୍ଡ ଓଡ଼ିଶା ମୁଖ୍ୟଙ୍କୁ ୧୦ବର୍ଷ ଜେଲ

## ୧୪ କୋଟି ଠକେଇ ମାମଲା

ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ): ବହୁ ଲୋକଙ୍କୁ ଲାଭ ଦେବା ଆଳରେ ଜମାକାରୀଙ୍କଠାରୁ ୧୪ କୋଟି ଟଙ୍କା ଠକେଇ ମାମଲାରେ 'ଭିବ୍‌ଗ୍ୟୋର ଆଲାଏଡ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ' ସଂସ୍ଥାର ଓଡ଼ିଶା ମୁଖ୍ୟ ପବିତ୍ର କୁମାର ସାହୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୭୦ ହଜାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟରେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ କଟକସ୍ଥିତ ଓପିଆଇଡି କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି। ୨୦୧୫ରେ ଇଓଡବ୍ଲ୍ୟୁ ଏହି ସଂସ୍ଥା ମୁଖ୍ୟ ରାଣା ଭଦ୍ରାଙ୍କୁ ଗିରଫ କରିଥିବା ବେଳେ କୋର୍ଟରେ ତାଙ୍କର ମାମଲା ବିଚାରାଧୀନ ରହିଛି। ମାମଲାର ବିବରଣୀ ଅନୁଯାୟୀ, ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ କୋଲକାତାରେ ଥିବାବେଳେ ୨୦୦୯ରେ କମ୍ପାନୀ ଓଡ଼ିଶାରେ ପ୍ରବେଶ କରିଥିଲା। କମ୍ପାନୀ ପ୍ରଥମେ ଭୁବନେଶ୍ୱର ୟୁନିଟ୍-୭ ସୂର୍ଯ୍ୟନଗରସ୍ଥିତ ପ୍ଲଟ୍ ନଂ.୧୨୦-ବିରେ ବ୍ରାଞ୍ଚ ଅଫିସ ଖୋଲିଥିଲା। ପରେ ବାଲେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅଫିସ ଖୋଲିଥିଲା। ଅଧିକ ହାରରେ ସୁଧ ଦେବା ଲାଗି ଜମାକାରୀଙ୍କୁ ପ୍ରଲୋଭିତ କରି ବିଭିନ୍ନ ସ୍କିମରେ ଟଙ୍କା ସଂଗ୍ରହ କରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ ଏଭଳି ପ୍ରାୟ ୧୫ ହଜାର ଜମାକାରୀଙ୍କଠାରୁ ପ୍ରାୟ ୧୪ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ହେଲେ ୨୦୧୩ରେ କମ୍ପାନୀ ଟଙ୍କା ଫେରସ୍ତ ନ କରି ଏହାର ସମସ୍ତ ଅଫିସକୁ ବନ୍ଦ କରିଦେଇଥିଲା। ଏପରିକି ସଂସ୍ଥାରେ କାମ କରୁଥିବା ସମସ୍ତ ଅଧିକାରୀ ମଧ୍ୟ ଫେରାର ହୋଇଯାଇଥିଲେ। ଏନେଇ ପ୍ରଥମେ କ୍ୟାପିଟାଲ ଥାନାରେ ୨୦୧୫ରେ ଅଭିଯୋଗ ହେବା ପରେ ଏକ ମାମଲା (ନଂ.୨୩୫/୨୦୧୫) ରୁଜୁ ହୋଇଥିଲା। ପରେ ଠକେଇର ଶିକାର ଜମାକାରୀ ରମେଶ ଚନ୍ଦ୍ର ସାହୁ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଇଓଡବ୍ଲ୍ୟୁ ୨୦୧୮ରେ ମାମଲା (ନଂ.୧/୨୦୧୮) ରୁଜୁ କରି ତଦନ୍ତ କରିଥିଲା। ୯ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିବାବେଳେ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ବିଶ୍ୱଜିତ୍ ମହାପାତ୍ର ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଲାଲାତେନ୍ଦୁ ଦାସ ପରିଚାଳନା କରୁଥିଲେ।

# ପୁଇଁତଲା ଥାନାରୁ ଗିରଫ ଅଭିଯୁକ୍ତ ଚମ୍ପଟ

ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭିତରୁ ବୁଧବାର ଭୋର ସମୟରେ ପୋଲିସକୁ ଚକ୍‌ମା ଦେଇ ଜଣେ ଗିରଫ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ କୁଲଥିପାଲି ଗାଁର ମଣ୍ଟୁ ଦଳେଇ (୨୬)। ୨୦୨୩ ମସିହାର ଏକ ମାମଲା (ନଂ. ୨୯୯/୨୩)କୁ ନେଇ ପୋଲିସ ଅଭିଯୁକ୍ତ ମଣ୍ଟୁଙ୍କୁ ମଙ୍ଗଳବାର ଗିରଫ କରି ପୁଇଁତଲା ଥାନାରେ ଆଣି ରଖିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥାନ୍ତା। ତେବେ ଭୋର ସମୟରେ ସେ ଥାନା ପରିସର ଭିତରେ ଥିବା ଶୌଚାଳୟ ଯିବାକୁ କହି ଲୁହାଗ୍ରୀଲ ଲାଗିଥିବା ଏକ ଗେଟ୍ ଭାଙ୍ଗି ସେଠାରୁ ଚମ୍ପଟ ମାରିଥିଲେ। ଅଭିଯୁକ୍ତ ମଣ୍ଟୁ ଫେରାର ମାରିବା ଜାଣିବା ପରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତାଙ୍କୁ ଖୋଜାଖୋଜି କରାଯାଉଥିବା ଥାନା ଆଇଆଇସି ଅନିତା ପ୍ରଧାନ ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**


ସୋନାଲି ବେହେରା

ପୋଲସରା,୨୪।୯(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚଡ଼ିଆପଡ଼ା ଗ୍ରାମର ଜିତେନ୍ଦ୍ର ସାହୁଙ୍କ ଘରୁ ଜଣେକା କଲେଜ ଛାତ୍ରୀଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଅଧୀନ ବାଲିଛାଇ ଗ୍ରାମର ସୁରେଶ ବେହେରାଙ୍କ ଝିଅ ସୋନାଲି(୨୦)। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲସରା ଥାନାରେ ଏକ ମାମଲା(ନଂ. ୨୯୧/୨୫) ରୁଜୁ ହୋଇଛି। ଖବରରୁ ଜଣାପଡ଼ିଛି, ପୋଲସରା ଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ସୋନାଲି ବୁଧବାର ସକାଳେ ଘରୁ କଲେଜ ଯାଉଛି ବୋଲି କହି ଆସିଥିଲେ। ଏହାର କିଛି ସମୟ ପରେ ଜିତେନ୍ଦ୍ରଙ୍କ ଘରୁ ତାଙ୍କ ମୃତଦେହ ମିଳିଥିଲା। ଏସମ୍ପର୍କରେ ଜିତେନ୍ଦ୍ରଙ୍କ ପୁଅ ଚନ୍ଦନ ସୋନାଲିଙ୍କ ଘରକୁ ଫୋନ କରି ତୁମ ଝିଅ ଆମ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ଖବର ଦେଇଥିଲେ। ମାତ୍ର ପରିବାର ଲୋକେ ବିଶ୍ୱାସ ନ କରି ପ୍ରଥମେ କଲେଜକୁ ଯାଇ ଖୋଜାଖୋଜି କରିବା ସହ ଛାତ୍ରାଛାତ୍ରୀଙ୍କୁ ପଚାରିଥିଲେ। ସେମାନେ ସୋନାଲି କଲେଜ ଆସି ନ ଥିବା କହିଥିଲେ। ସେଠାରୁ ସେମାନେ ଚନ୍ଦନଙ୍କ ଘରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲସରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଚନ୍ଦନ ଓ ଜିତେନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**ଅପ୍ରାକୃତ ଯୌନ ସମ୍ପର୍କ ରଖିବା ମାମଲା**

କେନ୍ଦୁଝର,୨୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ): ୧୦ ବର୍ଷର ନାବାଳକ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ମାମଲାର ରାୟ ବୁଧବାର କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ କମ୍ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ମୋନାଲିସା ମହାନ୍ତି ମାମଲାର ବିଚାର କରି ବାମେବାରୀ ଥାନା ଅନ୍ତର୍ଗତ ନଗିରା ଗ୍ରାମର ଅଭିଯୁକ୍ତ ରଞ୍ଜିତ ସେଠୀଙ୍କୁ ୨୦ ବର୍ଷ ଜେଲଦଣ୍ଡ ଆଦେଶ କରିଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୧ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଜାନୁଆରୀ ୫ରେ ନାବାଳକ ପାଖ ବନ୍ଧକୁ ଗାଧୋଇବାକୁ ବାହାରିଥିଲେ। ରଞ୍ଜିତ ମଧ୍ୟ ଉକ୍ତ ବନ୍ଧକୁ ଗାଧୋଇବାକୁ ଯାଉଥିବାରୁ ନାବାଳକଙ୍କୁ ସାଙ୍ଗରେ ନେଇଯାଇଥିଲେ। ବନ୍ଧରେ ରଞ୍ଜିତ ନାବାଳକଙ୍କ ସହିତ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ନାବାଳକଙ୍କ ଜଣେ ସାଙ୍ଗ ଏହି ଘଟଣା ଦେଖିବା ପରେ ନାବାଳକଙ୍କ ମା'ଙ୍କୁ ସବୁ କଥା କହିଥିଲେ। ନାବାଳକଙ୍କ ମା' ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୭/୨୦୨୩) ରୁଜୁ କରି ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମୁଦାୟ ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ପୀଡ଼ିତଙ୍କୁ ୭ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସଚେତନତା ପ୍ରାଧିକରଣଙ୍କୁ ଆଦେଶ କରିଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।


## Block Development Office, Lakhanpur
**Tender Call Notice**

No.3284 Date : 22.09.2025

No.i-137 : The Block Development Officer, Lakhanpur invites percentage rate basis Tender for **1. Construction of Kalyan Mandap at Lakhyaghar Ganda Samaj, Katatikra, Tilia GP, 2. Development of ECO Park at Rampaluga, 3. Construction of PACS Office Building at Charpalli, Charpalli GP of Lakhanpur Block**. The sale of bid documents starts from **Dt.23.09.2025 to Dt.16.10.2025** during the office hour and receipt of the bid documents starts from **Dt.23.09.2025 to Dt.17.10.2025 up to 5.00 P.M.** on all working days in the office of the Block Development Officer, Lakhanpur. The bid will be opened on **Dt.18.10.2025 at 11.00 A.M.** Intending Class-B, Class-C and Class-D contractors may visit district website of Jharsuguda www.jharsuguda.odisha.gov.in for detail information.

Sd./- Block Development Officer, Lakhanpur

OIPR-19143/11/0008/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER RENGALI LEFT BANK CANAL DIVISION

No.A-647

At/P.O. - Kamakhyanagar, Dist. : Dhenkal, Odisha, PIN-759018
Ph. no. : 06769-270771, Email ID - eerlbcdivision@gmail.com

**e-PROCUREMENT NOTICE No.RLBCD-P1-04/2025-26**

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | **02 (Two) Nos of work** |
| 3 | Estimated Cost | **Varies From Rs.5.05 Lakhs to Rs.5.00 Lakhs** |
| 4 | Period of Completion | **30 Days** |
| 5 | Class of Contractor | **"C" & "D"** or equivalent grade/class |
| 6 | Cost of Bid Document / Mode of Payment | **Rs. 4,000/-** (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 5,050/- to Rs.5,000/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding | **25.09.2025 from 10.00 Hours to 14.10.2025 up to 17.00 Hours.** |
| | (iii) Date, time & venue of Bid Opening (Online) | **On Dt.15.10.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On Dt.29.10.2025 at 11.00 Hours (Tentative)** in the O/o the Superintending Engineer, Rengali Left Bank Canal Division, Kamakhyanagar. |

***Further details can be seen from the Government of Odisha website** https://tendersodisha.gov.in

Sd./- Superintending Engineer R.L.B. Canal Division Kamakhyanagar

OIPR-32298/11/0031/2526

//1B//

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR
**e-Procurement Notice**

**Bid Identification No.11_/MIDA/2025-26**
**e-mail ID: mianandapur@yahoo.co.in**

No.A-638:The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" Procurement for the works as detailed in the Annexure to this bid notice.

| | |
|---|---|
| Name of the Work: | Civil works in different Blocks of Keonjhar District under the Imp to CD & MIPSP for the year 2025-26 |
| No.of Works: | 21 (Twenty One) Nos. only |
| Estimated Cost: | **Varies from 6.61 lakhs to 33.61 lakhs** (Approximately) |
| Cost of Tender Paper: | **4000/- & 6000/- (Non-refundable)** |
| Period of Completion: | **3 (Three) & 4 (Four) Calendar months** |
| Availability of bid documents for sale and receipt through online | From dt.26.09.2025, 10.00 AM to dt.10.10.2025, upto 5.00 P.M. |
| Last date/time of receipt of bids in the portal | 10.10.2025 (5.00 PM) |
| Date of Technical bid opening through online | On dt.13.10.2025 at 10.00 AM in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess Compatible Digital Signature Certificate (DSC). |
| **The detail tender call notice can also be seen in the DOWR website http:/dowrorissa.gov.in.** | |
| **Name & Address of the OIT:** | Superintending Engineer, Minor Irrigation Division, Anandapur, At/Po/ District- Keonjhar Email ID: mianandapur@yahoo.co.in |
| **Further details can be seen from the e-Procurement market place http://tendersorissa.gov.in** | |

Sd./- Superintending Engineer M.I.Division, Anandapur

OIPR-32108/11/0040/2526

## COLLEGE OF AGRICULTURE
## ODISHA UNIVERSITY OF AGRICULTURE & TECHNOLOGY, BHUBANESWAR - 751003

No. 5528/CA Date: 22.09.2025

**WALK-IN-INTERVIEW**

No. KK-244: Walk-in-Interview for engagement of man power services (SRF & YPs) to be engaged on contractual basis at the NABL Laboratory "Establishment of NABL Accredited Laboratories for Organic Certification under OUAT" at Central Instrumentation Facility (CIF), OUAT, Bhubaneswar is scheduled to be held on **04.10.2025 at 11.00 A.M.**

The details about educational qualifications, experience and other criteria for the position are available at **www.ouat.ac.in**.

Sd./- Dean-cum-Chairman, PMT

OIPR-01036/11/0084/2526

## DISTRICT PROJECT OFFICE, SAMAGRA SHIKSHA, DHENKANAL

Phone & Fax : 95-6762-223175/227082, E-mail : dpcdhenkssa@opepa.nic.in
No. : 1715/ dtd : 23.09.2025

**NOTICE INVITING TENDER (NIT)**

**No.n-165** : Sealed tenders are invited from the reputed & credible manufactures/suppliers supply of "Equipment's, TLMs and Furniture" for 09 no's Saksham Resource Centre at PM SHRI Schools of Dhenkanal District in two bid systems (technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Procurement of different equipment's, TLMs & Furniture for SRC | Rs.1000/- | Rs.70000/- | 14.10.2025 at 2.00 PM | 15.10.2025 at 11.30 AM |

The detailed BID document is available in the website www.dhenkanal.odisha.gov.in & www.osepa.odisha.gov.in. Interested and eligible manufactures/Suppliers may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By orders of Collector-cum-Chairperson
DEO-cum-DPC, Samagra Shiksha, Dhenkanal

OIPR-27210/11/0004/2526

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR

E-Mail ID: acephcbam@gmail.com

NATIONAL COMPETITIVE BIDDING THROUGH e-Procurement

No.C-1148: **Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs.in Lakhs) | Period of Completion | Availability of Bid document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | | | | | From | To | |
| 1 | Laying of CWRM, distribution pipeline with automation of WTP and other ancillary works, Chikiti NAC under state plan | Identification No. ACEPHCBAM 11/2025-26 Dt.20.09.2025 | 192.07 | 6 (Six) Calendar Months | 11.00 Hrs. of 26.09.2025 | 17.30 Hrs. of 16.10.2025 | Chief Engineer, P.H. Circle, Berhampur |

**The technical bid shall be opened on dt.18.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in.**

OIPR-13004/11/0028/2526 Sd./- CHIEF ENGINEER (PH)

## WATCO
## OFFICE OF THE GENERAL MANAGER WATCO DIVISION-II, BHUBANESWAR

No. C-1162

Near Rajiv Bhawan, Unit - V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
INVITATION FOR BIDS (IFB)
Dtd. 22.09.2025

| | |
|---|---|
| 01. Name of the Work | Provision for Sewerage disposal system from Toilet Blocks, Craft Pavilion, Lingaraj Plaza & Y Junction etc. at different locations under Ekamra Projects, BBSR |
| 02. Estimate Cost | Rs.69.38 lakhs |
| 03. Period of Completion | 02 (Two) Months |
| 04. Class of Contractor | B Class |
| 05. Date & time of availability of bid document in the portal | From 11.00 A.M. of Dt.25.09.25 to 5.00 P.M. of 15.10.2025 |
| 06. Last date/time of receipt of bids in the portal | 5.00 P.M. of 15.10.2025 |
| 07. Last date & time of seeking clarification | 5.00 P.M. of 04.10.2025 |
| 08. Date & time of opening of bids | At 12.30 P.M. of 16.10.2025 |
| 09. Name and address of the Officer Inviting Bid | General Manager, WATCO Division - II, BBSR |

Further details can be seen from the e-Procurement portal **"https://www.tendersorissa.gov.in"**.

Sd./- General Manager WATCO Division-II, Bhubaneswar

OIPR-13089/11/0029/2526

## WORKS DEPARTMENT
## OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

No. B-542

e-mail: seec_bls@rediffmail.com

**Government of Odisha "e" Procurement Notice**
**Bid Identification No. CCEEC-06/2025-26**

No. 4242 Dt.18.09.25

| | |
|---|---|
| Nature of Work | Drain & Road Works |
| Number of Works | 02 Nos. Drain, 4 Nos. Road |
| Amount put to Tender | Rs.113.76 Lakh to 456.59 lakh |
| Class of Contractor | "B" & "A" Class |
| Date & Time of availability of bid document in the portal | Dt.25.09.2025 at 10.00 A.M. |
| Last date/time of receipt of bid in the portal | Dt.09.10.2025 upto 05.00 P.M. |
| Date of Opening of Bid | Dt.10.10.2025 at 11.00 A.M. |
| Name and Address of the Office Inviting Bid | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

Sd./- Chief Construction Engineer Eastern Circle (R&B), Balasore

OIPR-34026/11/0017/2526

## OFFICE OF THE MEDICAL OFFICER I/C, CHC, LAXMIPUR, KORAPUT
**BLOCK PROGRAMME MANAGEMENT UNIT NATIONAL HEALTH MISSION**

E-mail : nhm.laxmipur2023@gmail.com

Notice No. : 629/BPMU/NHM/2025 Date : 20.09.2025

**NOTICE FOR HIRING TENDER OF VEHICLE FOR BPMU, CHC, LAXMIPUR**

**No.E-403** : Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring of vehicles (2-MHT) at CHC, Laxmipur on a monthly basis for implementation of the National Health Mission Programmes,Under CHC, Laxmipur,. The eligibility criteria, the terms of reference and the formats for submission of bid are set forth in the RFP document, which can be available in BPMU CHC, Laxmipur during the office hour as well as the same can be downloaded from district website (www.koraput.nic.in). Interested bidders fulfilling the eligibility criteria may submit their proposals with EMD & documents as per RFP. The bidders have to submit their proposals with all required documents should reach O/o Medical Officer, Incharge CHC, Laxmipur, At-Laxmipur, Po-Laxmipur, Dist- Koraput on or before 20-10-2025 by Registered Post or Speed Post or Courier. The technical & financial bid shall be opened in presence of the bidders on 23-10-2025 at 11 AM at the Office Chamber, Medical Officer I/C, CHC Laxmipur, Koraput. The undersigned reserves the right to reject any or all the proposals without assigning any reason thereof.

Sd./- Medical Officer I/C CHC, Laxmipur

OIPR-10191/11/0003/2526

## Government of Odisha
## "e" Procurement Notice

No.O-836

Letter No.3804, Dated 22.09.2025
Bid Identification No.TENDER ONLINE SNPR-02 OF 2025-26

1. Name of the work: Building Works as per DTCN available in the website www.tendersodisha.gov.in
2. Total No. of Work: 9 (Nine) Nos.
3. Approximate Estimated Cost : Vary from Rs.20.67 lakh to Rs.68.60 Lakh
4. Period of Completion: 06 (Six) to 9 (Nine) Calendar Months
5. Period and time of availability of bid document in the portal for bidding : 25.09.2025 at 11.00 AM to 04.10.2025 upto 5.00 PM.
6. Date and Time of Opening of Tender: 06.10.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the Officer inviting Bid : S.E.R.W. Division., Sonepur.

(1) Other details can be seen from detailed notice, (2) Inviting tenders,available in website www.tendersodishagov.in, (3) Corrigendum if any shall only be published in the website: www.tenderodisha.gov.in.

Sd./- Executive Engineer Rural Works Division, Sonepur

OIPR-25054/11/0035/2526

## GOVERNMENT OF ODISHA
## Office of the Chief Construction Engineer Southern N.H. Circle, Berhampur

No.b-20

Email - senhsouthbam@gmail.com

**INVITATION FOR BIDS**
**Bid Identification No. 07/CCE NH, South of 2025-26**
(e-Procurement Notice)

**Bid Identification No.07/CCE NH SOUTH of 2025-26 No. 3471 / Dated : 20.09.2025**

1) The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of Building works as detailed in the table below.
2) Nature of work : Building Works
3) No. of work : 1 No.
4) Tender Cost : Rs.10,000/-
5) Class of Contractor : 'A' Class & 'B' Class
6) Availability of Bid document in the : 11 AM 27.09.2025 TO 5.30 PM of 16.10.2025
7) Date of Opening of Bid : 17.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer Southern NH Circle, Berhampur

OIPR-34148/11/0019/2526

## COLLEGE OF FORESTRY
## ODISHA UNIVERSITY OF AGRICULTURE AND TECHNOLOGY

**INDICATIVE ADVERTISEMENT**

**No.KK-245:**A Walk-in-Interview for the post of one (1 No.) of Project Assistant of OUAT-SRS project "**Screening Superior Genotypes and Genetic Diversity of Pterocarpus marsupium Roxb. in Odisha**" will be held on 09.10.2025 at 11.00 AM in the Committee Room of Directorate of Research, OUAT, Bhubaneswar. The engagement is purely contractual and for one year with consolidated emoluments of Rs.15,000/- per month. No. House Rent Allowances will be paid. The details of the eligibility, age limit, terms of engagement and other information are available in the OUAT website: **www.ouat.ac.in.**

Sd./- Project Investigator

OIPR-01036/11/0085/2526

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA

No. C-1152

Parmanandpur, Railway Station Road, Bhawanipatna,
Dist.: Kalahandi, PIN - 766002, e-mail: eephbhpt@gmail.com

NATIONAL COMPETITIVE BIDDING THROUGH e-Procurement
Identification No. ACEPH-BHPT-35 of 2025-26 / Dt.20.09.2025

**e-Procurement Notice**

| | |
|---|---|
| 01. Name of the Work | 1 No. Work |
| 02. Type of Bid | Double Bid System |
| 03. Approx. Estimated Cost | Rs.211.43 Lakh |
| 04. Period of Completion | 02 (Two) Calendar Months |
| 05. Date & time of availability of bid document in the portal | From 11.00 A.M. of Dt.26.09.2025 to 5.00 P.M. of 10.10.2025 |
| 06. Last date/time of receipt of bids in the portal | 5.00 P.M. of 10.10.2025 |
| 07. Date & time of opening of Technical Bids | At 11.30 A.M. of 13.10.2025 |
| 08. Name and address of the Officer Inviting Bid | Additional Chief Engineer, P.H. Division, Bhawanipatna, Railway Station Road, At/P.O.: Parmanandpur, 766002, Dist.: Kalahandi |

Further details can be seen from the website **http://tenders.ori.nic.in** or **www.tendersorissa.gov.in**.

Sd./- Additional Chief Engineer P.H. Division, Bhawanipatna

OIPR-13059/11/0052/2526

## WORKS DEPARTMENT
## OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION

No.B-561

e-mail : eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No. SE 27 OF 2025-26**

1. Nature of work : **Building Work**
2. Number of works : **04 (Four) Nos.**
3. Amount put to Tender : **Rs.85,38,800.00 to 26,60,700.00**
4. Class of Contractor : **B Class for Sl. No-1 to 3 and C & B Class for Sl No-4**
5. Date & Time of availability of bid document in the portal : **Dt.25.09.2025 at 10.00 AM**
6. Last Date / Time of receipt of bid in the portal : **Dt.06.10.2025 up to 04.00 PM**
7. Date of opening of bid : **Dt.08.10.2025 at 11.00 AM**
8. Name & address of the Office inviting bid : **Superintending Engineer, Rairangpur (R&B) Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

Sd./- Superintending Engineer Rairangpur (R&B) Division

OIPR-34041/11/0016/2526

# ହେଣ୍ଡରସନ ସବୁଠୁ ଦାମୀ, ଜୁନିୟରରେ ବିବେକ

ନୂଆଦିଲ୍ଲୀ, ୨୪।୯(ପି.ଟି.)

ହିରୋ ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ) ପୁରୁଷ ବର୍ଗର ମିନି ଅକ୍ସନ ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ପୁରୁଷ ଖେଳାଳି ଏଥିରେ ସାମିଲ ହୋଇଛନ୍ତି। ଏଥିରେ ଅଷ୍ଟ୍ରେଲିଆର ଲିଆମ ହେଣ୍ଡରସନ ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଏହି ଅଷ୍ଟ୍ରେଲୀୟ ଡିଫେଣ୍ଡରଙ୍କୁ ୪୨ ଲକ୍ଷ ଟଙ୍କାରେ କିଣିଛି। ଜୁନିୟର ବର୍ଗରେ ଓଡ଼ିଶାର ବିବେକ ଲାକ୍ରା ଓ ଅଦ୍ରୋହିତ ଏକ୍କା ଦାମୀ ଖେଳାଳି ହୋଇଛନ୍ତି।

**ହକି ଇଣ୍ଡିଆ ଲିଗ୍ ମିନି ଅକ୍ସନ**


ଲିଆମ ହେଣ୍ଡରସନ



ବିବେକ ଲାକ୍ରା

ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ନେଦରଲାଣ୍ଡ୍ସ ଡିଫେଣ୍ଡର ସାଣ୍ଡର ଡି ୱିଜିନଙ୍କୁ କିଣିବା ପାଇଁ ଫ୍ରାଞ୍ଚାଇଜ୍ ମଧ୍ୟରେ ବେଶ୍ କସରତ ଦେଖିବାକୁ ମିଳିଥିଲା। ଶେଷରେ ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ ୩୬ ଲକ୍ଷ ଟଙ୍କାରେ କିଣିଥିଲା। ୟୁପି ରୁଦ୍ରାସ୍‌ର ଦାୟିତ୍ୱ ଏବେ ବୁଝୁଥିବା ଏଚ୍‌ଆଇଏଲ ଗଭର୍ଣ୍ଣିଂ କାଉନ୍ସିଲ ଜର୍ମାନୀର ଥିଜ୍ ପ୍ରିଞ୍ଜଙ୍କ ପାଇଁ ୩୬ ଲକ୍ଷ ଟଙ୍କା ବ୍ୟୟ କରିଥିଲା। ଅଷ୍ଟ୍ରେଲୀୟ ଫରୱାର୍ଡ କୁପର ବର୍ନ୍ସ ୩୪.୫୦ ଲକ୍ଷ ଟଙ୍କା ବିନିମୟରେ କଳିଙ୍ଗ ଲାନ୍ସର୍ସ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ନେବା ପାଇଁ ଲାନ୍ସର୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ବେଶ୍ କିଛି ସମୟ ଲଢ଼େଇ ଚାଲିଥିଲା।

ଭାରତୀୟ ଖେଳାଳିଙ୍କ ମଧ୍ୟରେ ଟିନ୍‌ଏଜ୍ ଗୋଲ୍‌କିପର ବିବେକ ଲାକ୍ରାଙ୍କ ବେସ୍ ପ୍ରାଇସ୍ ୨ ଲକ୍ଷ ଥିଲେ ମଧ୍ୟ ତାଙ୍କୁ ୨୩ ଲକ୍ଷ ଟଙ୍କାରେ କିଣିଛି ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ। ତାଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ବେଶ୍ କସରତ ଦେଖିବାକୁ ମିଳିଥିଲା। ସେହିପରି ଜୁନିୟର ଖେଳାଳିଙ୍କ ମଧ୍ୟରେ ମିଡ୍‌ଫିଲ୍ଡର ଅଦ୍ରୋହିତ ଚାହିଦାରେ ରହିଥିଲେ। ଶେଷରେ ତାଙ୍କୁ ତାମିଲନାଡୁ ଡ୍ରାଗନ୍ସ ୧୧ ଲକ୍ଷ ଟଙ୍କାରେ ନେଇଥିଲା। ୧୪ ବର୍ଷୀୟ କେତନ କୁଶୱାହା ୨.୫ ଲକ୍ଷ ଟଙ୍କାରେ ବେଙ୍ଗଲ ଟାଇଗର୍ସ ଦଳକୁ ଯାଇଛନ୍ତି। ସେ ଏହି ଅକ୍ସନର ସବୁଠାରୁ କମ୍ ବୟସର ଖେଳାଳି ଥିଲେ। ସେହିପରି ଭାରତୀୟ ଜୁନିୟର ଦଳର ଫରୱାର୍ଡ ଅଜିତ୍ ଯାଦବ ୧୧.୫ ଲକ୍ଷରେ ଏଚ୍‌ଆଇଏଲ ଗଭର୍ଣ୍ଣିଂ କାଉନ୍ସିଲ ଦଳରେ ସାମିଲ ହୋଇଛନ୍ତି।

ଗତ ସିଜନରେ ବେଙ୍ଗଲ ଟାଇଗର୍ସ ପକ୍ଷରୁ ନେତୃତ୍ୱ ନେଇଥିବା ଭେଟେରାନ ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ୍ ସିଂ ଏଥର ୧୨ ଲକ୍ଷ ଟଙ୍କାରେ ଏସ୍‌ଜି ପାଇପର୍ସ ଦଳରେ ସାମିଲ ହୋଇଛନ୍ତି। ୨୦୨୬ ସିଜନ ପାଇଁ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ୟୁପି ରୁଦ୍ରାସର ଦାୟିତ୍ୱ ନିଜ ହାତକୁ ନେଇଛି। ନୂଆ ଫ୍ରାଞ୍ଚାଇଜ୍ ନ ମିଳିବା ପର୍ଯ୍ୟନ୍ତ ଏହି ଦଳ 'ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ' ନାମରେ ଖେଳିବ। ହାଇଦ୍ରାବାଦ ତୋଫାନ୍ସ ଏହାର ସମସ୍ତ ଖେଳାଳିଙ୍କୁ ରିଟେନ୍ କରିଛି। ଅକ୍ସନ ସମୟରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ, ହାଇଦ୍ରାବାଦ ତୋଫାନ୍ସ, ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ, ରାଞ୍ଚି ରୟାଲ୍ସ, ଏସ୍‌ଜି ପାଇପର୍ସ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ତାମିଲନାଡୁ ଡ୍ରାଗନ୍ସ ଓ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଫ୍ରାଞ୍ଚାଇଜ୍ ସଦସ୍ୟ ଉପସ୍ଥିତ ଥିଲେ। ଯୁବ ଭାରତୀୟ ଖେଳାଳିଙ୍କୁ ଗଢ଼ିତୋଳିବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଦୃଢ଼ ପରିକର ଥିବା ଏହି ଅକ୍ସନରେ ପ୍ରତିଫଳିତ ହୋଇଛି। ସେହିପରି ବିଦେଶୀ ଅଭିଜ୍ଞ ଖେଳାଳିଙ୍କୁ ନିଆଯାଇ ଦଳରେ ସନ୍ତୁଳନ ରଖାଯାଇଛି।

# ଦଳକୁ ଶକ୍ତିଶାଳୀ କଲା ଲାନ୍ସର୍ସ



ହକି ଇଣ୍ଡିଆ ଲିଗ୍‌ର ବୁଧବାର ଅନୁଷ୍ଠିତ ମିନି ଅକ୍ସନ ସମୟରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟିମ୍।

ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)

ଆସନ୍ତା ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍) ପୂର୍ବରୁ ବୁଧବାର ଅନୁଷ୍ଠିତ ମିନି ଅକ୍ସନରେ ମନପସନ୍ଦର ଖେଳାଳି କିଣି ନିଜ ଦଳକୁ ଶକ୍ତିଶାଳୀ କରିଛି ବେଦାନ୍ତ କଳିଙ୍ଗ ଲାନ୍ସର୍ସ। ଦଳକୁ ୩ ଭାରତୀୟ ଏବଂ ୪ ବିଦେଶୀ ଖେଳାଳି ସ୍ଲଟ୍ ପୂରଣ କରିବାର ଥିଲା। ଅକ୍ସନ ଅବସରରେ ଲାନ୍ସର୍ସ ପ୍ରଥମେ ଅଷ୍ଟ୍ରେଲିଆନ ଗୋଲକିପର ଜେଡ୍ ସ୍ନୋଡେନଙ୍କୁ ୧୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ୨୪ ବର୍ଷୀୟ ସ୍ନୋଡେନ ଚଳିତବର୍ଷ ପ୍ରାରମ୍ଭରେ ସିନିୟର ପଦାର୍ପଣ କରିଥିଲେ। ନିକଟରେ ଓସେନିଆ କପ୍ ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଦଳର ସେ ସଦସ୍ୟ ଥିଲେ। ଏହାପରେ ଫ୍ରାଞ୍ଚାଇଜ୍ ସ୍ଥାନୀୟ ପ୍ରତିଭା ଅମିତ୍ କୁମାର ଟପ୍ପୋଙ୍କୁ ୨ ଲକ୍ଷ ଟଙ୍କାରେ ନେଇଥିଲା। ୨୦୨୪ ଜାତୀୟ ହକି ଚାମ୍ପିୟନଶିପ୍ ବିଜୟୀ ଓଡ଼ିଶା ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ବିଡିଂ ଯୁଦ୍ଧ ପରେ ଅଷ୍ଟ୍ରେଲିଆନ ଫରୱାର୍ଡ କୁପର ବର୍ନ୍ସଙ୍କୁ ଦଳ ୩୪.୫ ଲକ୍ଷ ବିନିମୟରେ ନିଜ ପକ୍ଷକୁ ନେବାକୁ ସକ୍ଷମ ହୋଇଥିଲା। ୨୩ ବର୍ଷୀୟ ବର୍ନ୍ସ ଅଷ୍ଟ୍ରେଲିଆ ହକି ଲିଗ୍‌ରେ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ବିବେଚିତ ହୋଇଥିଲେ। ୨୦୨୪-୨୫ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ସେ ସିନିୟର ପଦାର୍ପଣ କରିଥିଲେ। ଭାରତୀୟ ଜୁନିୟର ପୁରୁଷ ଦଳର ସେଟ୍‌ଅପ୍‌ର ପ୍ରତିଭାସମ୍ପନ୍ନ ଖେଳାଳି ସୁନୀଲ ପି.ବି.ଙ୍କୁ ଦଳ ୨ ଲକ୍ଷ ଟଙ୍କାରେ ନେଇଛି। ଚଳିତବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ କର୍ଣ୍ଣାଟକ ଦଳର ସେ ସଦସ୍ୟ ଥିଲେ। ଏବେ ସେ ସୁଲ୍‌ତାନ ଜୋହର କପ୍ ପାଇଁ ଭାରତୀୟ ଜୁନିୟର ଦଳ ଲାଗି ମନୋନୀତ ହୋଇଛନ୍ତି। କ୍ରେଗ୍ ମାରାଇସ୍ ହେଉଛନ୍ତି ଦଳର ତୃତୀୟ ବିଦେଶୀ ଖେଳାଳି। ତାଙ୍କୁ ଲାନ୍ସର୍ସ ୧୦ ଲକ୍ଷ ଟଙ୍କାରେ କିଣିଛି। ୨୦୨୪ରେ ଅଷ୍ଟ୍ରେଲିଆ ସିନିୟର ଦଳରେ ଡେବ୍ୟୁ କରିଥିବା ମାରାଇସ୍ ଏବେ ନିୟମିତ ସଦସ୍ୟ ରହି ଆସିଛନ୍ତି। ଦିଲ୍ଲୀ ଫ୍ରାଞ୍ଚାଇଜ୍ ସହ ଆଉ ଏକ ଜୋର୍‌ଦାର ବିଡିଂ ଲଢ଼େଇ ପରେ ଲାନ୍ସର୍ସ ଅଷ୍ଟ୍ରେଲିଆନ ମିଡ୍‌ଫିଲ୍ଡର ଲିଆମ ହେଣ୍ଡରସନଙ୍କୁ ୪୨ ଲକ୍ଷ ଟଙ୍କାରେ କିଣିଛି। ଏହି ଅକ୍ସନରେ ସେ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ହେଣ୍ଡରସନ ଏବେ ଅଷ୍ଟ୍ରେଲିଆ କୋର୍ ଗ୍ରୁପ୍‌ର ସଦସ୍ୟ। ସେହିପରି ଭାରତର ବବି ସିଂ ଧାମିଙ୍କ ପାଇଁ ଦଳ ୧୦ ଲକ୍ଷ ବ୍ୟୟ କରିଛି।

ଅକ୍ସନ ପୂର୍ବରୁ ଫ୍ରାଞ୍ଚାଇଜ୍ ୧୩ ଖେଳାଳିଙ୍କୁ ରିଟେନ୍ କରିଥିଲା। ଏହା ମଧ୍ୟରେ ୩ ବିଦେଶୀ ଖେଳାଳି ସାମିଲ। ଦଳର ସନ୍ତୁଳନକୁ ନେଇ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜୀବ କୁମାର କହିଛନ୍ତି, "ଏଚ୍‌ଆଇଏଲ୍ ଅକ୍ସନ ଆମମାନଙ୍କ ଦଳକୁ ଅଧିକ ଶକ୍ତିଶାଳୀ କରିବାକୁ ସୁଯୋଗ ଦେଇଛି। କୋର୍ ଖେଳାଳିଙ୍କୁ ରିଟେନ୍ ରଖି ଆବଶ୍ୟକ ଖେଳାଳି କିଣିବା ଉପରେ ଆମେ ଫୋକସ୍ କରିଛୁ। ଆମ ଦଳ ଏବେ ସମ୍ପୂର୍ଣ୍ଣ ସନ୍ତୁଳିତ ଏବଂ ଉଚ୍ଚସ୍ତରରେ ଖେଳିବା ପାଇଁ ପ୍ରସ୍ତୁତ। ଆଗାମୀ ସିଜନରେ ଟାଇଟଲ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ।"


**କଳିଙ୍ଗ ଲାନ୍ସର୍ସ ଦଳ**

ଭାରତୀୟ: କ୍ରିଶନ ବାହାଦୁର ପାଠକ, ସଞ୍ଜୟ, ପ୍ରତାପ ଲାକ୍ରା, ରୋହିତ୍ କୁଲୁ, ରବିଚନ୍ଦ୍ର ମୋଇରାଙ୍ଗଥେମ, ରୋଶନ କୁଜୁର, ଦିଲ୍‌ପ୍ରୀତ ସିଂ, ଅଙ୍ଗଦ ବୀର ସିଂ, ଦୀପକ ପ୍ରଧାନ, ଗୁରସାହିବଜିତ୍ ସିଂ, ଅମିତ୍ କୁମାର ଟପ୍ପୋ, ସୁନୀଲ ପି.ବି., ବବି ସିଂ ଧାମି। ବିଦେଶୀ: ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ, ଆର୍ଥର ଭାନ୍ ଡୋରେନ, ଆନ୍ଥୋନି କିନା, ଜେଡ୍ ସ୍ନୋଡେନ, କୁପର ବର୍ନ୍ସ, କ୍ରେଗ୍ ମାରାଇସ୍, ଲିଆମ୍ ହେଣ୍ଡରସନ।

# ମହିଳା ଏଚ୍‌ଆଇଏଲ୍: ଗୋର୍ଜେଲାନି ଦାମୀ ଖେଳାଳି

ନୂଆଦିଲ୍ଲୀ, ୨୪।୯

ମହିଳା ହକି ଇଣ୍ଡିଆ ଲିଗ୍‌ର ମିନି ଅକ୍ସନରେ ଆର୍ଜେଣ୍ଟିନାର ଅଗଷ୍ଟିନା ଗୋର୍ଜେଲାନୀ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏହି ଅକ୍ସନରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ, ରାଞ୍ଚି ରୟାଲ୍ସ, ଏସ୍‌ଜି ପାଇପର୍ସ ଓ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଫ୍ରାଞ୍ଚାଇଜ୍ ଭାଗ ନେଇଥିଲେ। ଗୋର୍ଜେଲାନିଙ୍କୁ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୪୨ ଲକ୍ଷ ଟଙ୍କାରେ କିଣିଛି। ସେହିପରି ଗ୍ରାନାଟୋ ମାରିଆ ଜୋଶ୍‌ଙ୍କୁ ସେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ୩୪ ଲକ୍ଷ ଏବଂ ଭାଲେଣ୍ଟିନା ରାପୋସୋ ରୁଇଜ୍ ଡି ଲୋସ ଲିଆନୋସଙ୍କୁ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୩୦ ଲକ୍ଷ ଟଙ୍କା ବିନିମୟରେ ନିଜ ପାଖକୁ ନେଇଛି। ଗତ ସିଜନରେ ଅନ୍‌ସୋଲ୍ଡ ରହିଥିବା ମିଡ୍ ଫିଲ୍ଡର ମୋନିକା ଏଥର ଭାରତୀୟ ଖେଳାଳିଙ୍କ ମଧ୍ୟରେ ସବୁଠାରୁ ଦାମୀ ହୋଇଛନ୍ତି। ତାଙ୍କୁ ବେଙ୍ଗଲ ଟାଇଗର୍ସ ୧୫ ଲକ୍ଷରେ କିଣିଛି। ଅନ୍ୟମାନଙ୍କ ମଧ୍ୟରେ ଉଦିତା ୧୦ ଲକ୍ଷରେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ମହିମା ଟେଟେ ୨ ଲକ୍ଷରେ ସୁର୍‌ମା ଦଳକୁ ଯାଇଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନୁ ୨ଲକ୍ଷ, ବିଚୁ ଦେବୀ ୯.୮ ଲକ୍ଷରେ ରାଞ୍ଚି ରୟାଲ୍ସ, ଥୌଡମ ସୁମନ ଦେବୀ ୫ ଲକ୍ଷ, ପ୍ରୀତି ଦୁବେ ୨ ଲକ୍ଷରେ ଏସ୍‌ଜି ପାଇପର୍ସ ଏବଂ ଗୁରଜିତ କୌର ୨ ଲକ୍ଷ, ପୂଜା ସାହୁ ୨ଲକ୍ଷ, ସୁଖବୀର କୌର ୨ ଲକ୍ଷ, ଅଞ୍ଜଳି ଗୌତମ ୨ ଲକ୍ଷରେ ବେଙ୍ଗଲ ଟାଇଗର୍ସ ଦଳରେ ସାମିଲ ହୋଇଛନ୍ତି।



# ଏସିଆନ୍ ଗେମ୍ସ ପାଇଁ ଚୟନ ମାନଦଣ୍ଡ

ନୂଆଦିଲ୍ଲୀ,୨୪।୯(ପି.ଟି.)

ଆସନ୍ତା ବର୍ଷ ହେବାକୁଥିବା ଏସିଆନ୍ ଗେମ୍ସ ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର କଡ଼ା ସିଲେକ୍ସନ କ୍ରାଇଟେରିଆ ଉନ୍ମୋଚିତ କରାଯାଇଛି। ଦଳରେ କେବଳ ପଦକ ଜିତିବା ଲାଗି ପ୍ରବଳ ଦାବିଦାର ଥିବା ଆଥ୍‌ଲେଟ୍ସଙ୍କୁ ସାମିଲ କରାଯିବ। ପାଞ୍ଚପୃଷ୍ଠାବିଶିଷ୍ଟ ଡକ୍ୟୁମେଣ୍ଟକୁ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯାଇଛି। ଏଥିରେ ସ୍ପଷ୍ଟ କରାଯାଇଛି ଯେ, ଏସିଆ ସ୍ତରରେ ବ୍ୟକ୍ତିଗତ ଇଭେଣ୍ଟରେ ଟପ୍-୬ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଆଥ୍‌ଲେଟ୍ସ ଓ ଦଳଗତ ଇଭେଣ୍ଟ ଲାଗି ଟପ୍-୮ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ହିଁ ଜାତୀୟ ମହାସଂଘରୁ ମନୋନୀତ ହେବା ଲାଗି ଯୋଗ୍ୟ ହେବେ। ଆଗାମୀ ଏସିଆନ୍ ଗେମ୍ସ ଆସନ୍ତା ବର୍ଷ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ନାଗୋୟାରେ ଅନୁଷ୍ଠିତ ହେବ।

କେବଳ ପଦକ ଜିତିବା ଲାଗି ଦାବିଦାର ଥିବା ଆଥ୍‌ଲେଟ୍ସଙ୍କ ଅଂଶଗ୍ରହଣତାକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଆଗାମୀ ଏସିଆନ ଗେମ୍ସର ୧୨ ମାସ ପୂର୍ବରୁ ଅନ୍ତର୍ଜାତୀୟ କ୍ରୀଡ଼ା ଫେଡେରେଶନ ଦ୍ୱାରା ମାନ୍ୟତା ପ୍ରାପ୍ତ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଟପ୍-୬ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିବା ଆଥଲେଟ୍‌ଙ୍କ ନାମକୁ ଏନ୍‌ଏସ୍‌ଏଫ୍ (ଜାତୀୟ କ୍ରୀଡ଼ା ମହାସଂଘ) ପକ୍ଷରୁ ଦଳରେ ସାମିଲ କରାଯାଇପାରିବ। ଯଦି ଦଳରେ ସାମିଲ ଥିବା କୌଣସି ଆଥ୍‌ଲେଟ୍ ପଦକ ଜିତିବା ପରିବର୍ତ୍ତେ କେବଳ ଅଂଶଗ୍ରହଣକୁ ଲକ୍ଷ୍ୟ ରଖିଥିବା ମନ୍ତ୍ରଣାଳୟ ଓ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନଜରକୁ ଆସେ, ତେବେ ସେଭଳି ଆଥ୍‌ଲେଟ୍ସ ଓ ଦଳଗୁଡ଼ିକୁ ମଞ୍ଜୁରୀ ଦିଆଯିବ ନାହିଁ। ଦଳରେ କେବଳ ସେହି ଆଥ୍‌ଲେଟ୍ସ, କୋଚ୍ ଓ ସପୋର୍ଟ ଷ୍ଟାଫଙ୍କୁ ସାମିଲ କରାଯିବ, ଯେଉଁମାନଙ୍କର ନାମକୁ ସରକାରୀ ଖର୍ଚ୍ଚରେ ମଞ୍ଜୁରୀ ମିଳିଛି। ଅତିରିକ୍ତ ଆଥ୍‌ଲେଟ୍ସ, କୋଚ୍ ଓ ସପୋର୍ଟ ଷ୍ଟାଫଙ୍କୁ ଦଳରେ ସାମିଲ କରାଯିବ ନାହିଁ ବୋଲି ଏଥିରେ କୁହାଯାଇଛି। ଏହି କଡ଼ା କ୍ରାଇଟେରିଆ ଯୋଗୁ ଭାରତୀୟ ଫୁଟବଲ ଦଳ ପାଇଁ ଏସିଆନ୍ ଗେମ୍ସରେ ଖେଳିବା କଷ୍ଟକର ହେବ। କାରଣ ଏସିଆନ ସ୍ତରରେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ୨୪ତମ ସ୍ଥାନରେ ରହିଛି।

# ତାଙ୍କୁ କହିବାକୁ ଦିଅ, ଆମେ ଦେଖିନେବୁ

ଆବୁଧାବି,୨୪।୯(ପି.ଟି.)

ନିକଟ ଅତୀତରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତର ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ-ପାକ୍ ମ୍ୟାଚ୍‌କୁ ପୂର୍ବଭଳି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କୁହାଯିବା ଉଚିତ ନୁହେଁ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମତ ଦେଇଥିଲେ। ଏ ସମ୍ପର୍କରେ ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପାକିସ୍ତାନ ଦଳର ମୁଖ୍ୟ ପେସର ଶାହିନ ଶାହ ଆଫ୍ରିଦୀ ପ୍ରତିକ୍ରିୟା ରଖିଛନ୍ତି।

'ତାହା ତାଙ୍କର ମତାମତ ଥିଲା। ତାଙ୍କୁ କହିବାକୁ ଦିଅ। ଆମେ ଯେତେବେଳେ ଫାଇନାଲରେ ପରସ୍ପରକୁ ଭେଟିବୁ, ସେତେବେଳ ଦେଖିନେବୁ। ଏପର୍ଯ୍ୟନ୍ତ ସେମାନେ ଫାଇନାଲରେ ପହଞ୍ଚିନାହାନ୍ତି କି ଆମେ ମଧ୍ୟ ପହଞ୍ଚିନାହୁଁ। ଯେବେ ଆସିବେ ଦେଖି ନେବୁ। ଆମର କାମ ହେଲା ଏସିଆ କପ୍ ଜିତିବା ଏବଂ ପାକିସ୍ତାନର ଆଶା ପୂରଣ କରିବା ପାଇଁ ଆମେ ଶ୍ରେଷ୍ଠ ଉଦ୍ୟମ କରିବୁ' ବୋଲି ଆଫ୍ରିଦୀ କହିଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପରସ୍ପରକୁ ଦୁଇଥର ଭେଟିଛନ୍ତି ଏବଂ ଉଭୟ ଥର ଭାରତ ସହଜରେ ବିଜୟଲାଭ କରିଛି। ସୁପର-୪ ପର୍ଯ୍ୟାୟରେ ପାକିସ୍ତାନକୁ ୬ ଉଇକେଟରେ ପରାଜିତ କରିବା ପରେ ସୂର୍ଯ୍ୟ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କୁହାଯିବା ଉଚିତ ନୁହେଁ। କାରଣ ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୧୨-୩ରେ ଆଗରେ ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୪ରେ ଏସିଆ କପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରଠାରୁ ଉଭୟ ଦିନିକିଆ ଓ ଟି୨୦ ଫର୍ମାଟ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୨୦ଟି ମ୍ୟାଚ୍ ଖେଳାଯାଇଛି। କିନ୍ତୁ ଉଭୟ ଦଳ କଦାପି ଫାଇନାଲରେ ପରସ୍ପରକୁ ଭେଟିନାହାନ୍ତି।

# ଓଡ଼ିଶାରୁ ଭାଗନେବେ ୮ ଖେଳାଳି

**ଏସୀୟ ଜୁନିୟର ପେନ୍‌ଚାକ୍ ସିଲାଟ୍**

ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)

କଶ୍ମୀରଠାରେ ୩ୟ ଜୁନିଅର ଏସୀୟ ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗାରେ ଓଡ଼ିଶାରୁ ୮ ପ୍ରତିଯୋଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଆଶିକ୍ ପ୍ରଧାନ , ସ୍ୱୟମ୍ ଗୁରୁଙ୍ଗ, ଭୁବନ ରାୟ, ଏଲିନା ଗୁରୁଙ୍ଗ, ଗାୟତ୍ରୀ ଦାସ, ନିତିଶା ବାରିକ୍, କାହ୍ନା ବେହେରା ଓ ସମରେଶ କୁମାର ନନ୍ଦ। ଏସିଆନ ଚାମ୍ପିୟନଶିପ୍‌ରେ ମୋଟ ୧୨ଟି ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଖେଳାଳିମାନଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସମେତ ଓଡ଼ିଶା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି, ଖୋର୍ଦ୍ଧା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଏସୀୟ ଜୁନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶାର ୮ ଖେଳାଳି ଓ କର୍ମକର୍ତ୍ତା।

# ଭୁବନେଶ୍ୱର ଟାଇଗର୍ସ ବିଜୟୀ

ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ ବୁଧବାର ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ଟାଇଗର୍ସ ୫ ଉଇକେଟରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଛି। ୧୫ ଓଭରବିଶିଷ୍ଟ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଉରକେଲା ଷ୍ଟିଲର୍ସ ୮ ଉଇକେଟ ହରାଇ ମାତ୍ର ୯୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ଟପ୍ ଓ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ଶେଷଭାଗରେ ସ୍ୱପ୍ ଭୂୟାଁ ୧୮ ବଲ୍‌ରୁ ୩୧ ରନ୍‌କରି ଅପରାଜିତ ରହିଥିଲେ। ଅଧିନାୟକ ଆଶୀର୍ବାଦ ସ୍ୱାଇଁ ୨୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ବାଦଲ ବିଶ୍ୱାଳ ୨ଟି ଲେଖାଏ ଏବଂ ଜୟନ୍ତ ବେହେରା ଓ ଶୁଭମ୍ ପ୍ରିୟଦର୍ଶୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ଟାଇଗର୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ୧୧.୪ ଓଭରରେ ୫ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଓପ୍‌ନର ସତ୍ୟକାମ ଭରଦ୍ୱାଜ ୩୪ ବଲ୍‌ରୁ ୬୫(୮ ଚୌକା, ୩ ଛକା) ରନ୍‌ରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଆଉଟ୍ ହୋଇଥିବା ୫ ଜଣଯାକ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପରାଜିତ ଦଳର ପ୍ରଦୀପ ପ୍ରଧାନ ଓ ଆଶୁତୋଷ ମାରାଣ୍ଡି ୨ଟି ଲେଖାଏ ଉଇକେଟ ନେଇଥିଲେ। ସତ୍ୟକାମ ଭରଦ୍ୱାଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସଭାପତି ତଥା ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଯୁଗ୍ମ ସମ୍ପାଦକ ଜି. ଶ୍ରୀନିବାସ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ସତ୍ୟକାମଙ୍କୁ ପୁରସ୍କୃତ କରିଥିଲେ। ସେ ବିଜୟୀ ଦଳର ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୱିନିଂ କ୍ୟାପ୍ ମଧ୍ୟ ପ୍ରଦାନ କରିଥିଲେ।



ସତ୍ୟକାମ ଭରଦ୍ୱାଜ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ସିବିଏସ୍‌ଇ ଜାତୀୟ ବାଳିକା ସୁଇମିଂ ଆରମ୍ଭ

ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସିବିଏସ୍‌ଇ ଜାତୀୟ ବାଳିକା ସୁଇମିଂ ଚାମ୍ପିୟନଶିପ୍ ବୁଧବାର ଆରମ୍ଭ ହୋଇଛି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାଶନାଲର ପ୍ରିନ୍ସିପାଲ ସଞ୍ଜୟ ସୁଆର, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଏବଂ କିଟ୍-କିସ୍‌ର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥର ପ୍ରତିଯୋଗିତାରେ ଭାରତ ଏବଂ ମିଡଲ ଇଷ୍ଟର ୨୩୭ ସ୍କୁଲ୍‌ରୁ ୬୦୦ରୁ ଊର୍ଦ୍ଧ୍ୱ ସୁଇମର ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୫୦ ଜଣ ଟେକ୍ନିକାଲ ଏକ୍ସପର୍ଟ ନିୟୋଜିତ ହୋଇଛନ୍ତି।


 କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସିବିଏସ୍‌ଇ ଜାତୀୟ ବାଳିକା ସୁଇମିଂ ପ୍ରତିଯୋଗିତା।

# ପ୍ରଥମ ମ୍ୟାଚ୍ ଖେଳିବ ଆଫଗାନିସ୍ତାନ ମହିଳା ଫୁଟ୍‌ବଲ ଦଳ

ଜୁରିଚ୍,୨୪।୯(ଏପି)

ଶରଣାର୍ଥୀ ଖେଳାଳିଙ୍କୁ ନେଇ ଗଠିତ ଆଫଗାନିସ୍ତାନ ଜାତୀୟ ଫୁଟ୍‌ବଲ ଦଳ ଆସନ୍ତା ମାସରେ ଆନୁଷ୍ଠାନିକ ଭାବେ ଦୁବାଇଠାରେ ଏକ ୪ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ଏହି ଫିଫା ସମର୍ଥିତ ଦଳ ଏପର୍ଯ୍ୟନ୍ତ ଆଫଗାନିସ୍ତାନକୁ ଆନୁଷ୍ଠାନିକ ଭାବେ ପ୍ରତିନିଧିତ୍ୱ କରିନାହିଁ। ଏହି ଦଳ ଅକ୍ଟୋବର ୨୩ରୁ ୨୯ ପର୍ଯ୍ୟନ୍ତ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁଥିବା ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟରେ ଖେଳିବ। ଏଥିରେ ଆୟୋଜକ ୟୁଏଇ, ଲିବିୟା ଓ ଚାଦ ଭଳି ଦଳ ଖେଳିବେ। ୨୦୧୮ଠାରୁ ଆଫଗାନିସ୍ତାନ ପାଖରେ କୌଣସି ଆନୁଷ୍ଠାନିକ ମହିଳା ଦଳ ନାହିଁ। ୨୦୨୧ରେ ତାଲିବାନ୍ ସରକାରକୁ ଫେରିବା ପରେ କ୍ରୀଡ଼ାରେ ମହିଳାଙ୍କ ଅଂଶଗ୍ରହଣ ଉପରେ ରୋକ୍ ଲଗାଇଥିଲା।

### ଏଥର ଦଶହରାରେ

# ଚାରିଧାମ ବନାମ ଚ୍ୟାଲେଞ୍ଜ



'ଚ୍ୟାଲେଞ୍ଜ' ଫିଲ୍ମରେ ଏଲିନା-ଅର୍ଦ୍ଧେନ୍ଦୁ

'ଚାରିଧାମ' ଫିଲ୍ମରେ ଅନୁଭବ-ଅନୁରାଧା

ଆମର ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ରଜ ଏବଂ ଦଶହରା ଅନ୍ୟତମ। ବିଶେଷଭାବରେ ଏହି ସମୟରେ ମୁକ୍ତିଲାଭ କରୁଥିବା ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। କେତେବେଳେ ଦୁଇଟି ପୁଣି ବେଳେବେଳେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳେ। ଗତ କିଛି ବର୍ଷ ଧରି ବର୍ଷକୁ ପ୍ରାୟ ୩୦ରୁ ଅଧିକ ସିନେମା ମୁକ୍ତିଲାଭ କରୁଛି। ହେଲେ ଦୁର୍ଗାପୂଜା ଏବଂ ରଜ ସମୟରେ ପରଦା ଉପରକୁ ଆସୁଥିବା ଚିତ୍ରଗୁଡ଼ିକ ପ୍ରାୟ ଭଲ ବିଜନେସ୍ କରିଥାଏ। ଏହାର ଉଦାହରଣ ଭାବରେ ଚଳିତ ବର୍ଷ ରଜରେ ମୁକ୍ତିଲାଭ କରିଥିବା 'ବୋଉ ବୁଟୁ ଭୁତ'କୁ ନିଆଯାଇପାରେ। ଏଥର ଦଶହରାରେ ଦୁଇଟି ସିନେମା ରିଲିଜ ହେବାକୁ ଯାଉଛି। ଚିତ୍ରଦ୍ୱୟ ହେଲା 'ଚାରିଧାମ' ଏବଂ 'ଚ୍ୟାଲେଞ୍ଜ'। ଫିଲ୍ମଦୁଇଟିର ପ୍ରଯୋଜନା ସଂସ୍ଥା ନିଜ ନିଜ ସଫଳତାକୁ ନେଇ ଢେର ଆଶାବାଦୀ ଅଛନ୍ତି। 'ଚାରିଧାମ'ରେ ଅନୁଭବ ମହାନ୍ତି ନାୟକ ସାଜିଥିବା ବେଳେ 'ଚ୍ୟାଲେଞ୍ଜ'ର ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଦ୍ଧେନ୍ଦୁ ସାହୁ। ତେବେ ଏଥର ଦଶହରାରେ କାହା ସିନେମା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେଉଛି ତାହା ରିଲିଜର ଦିନ କେଇଟା ପରେ ସ୍ପଷ୍ଟ ହୋଇଯିବ।

**ଚାରିଧାମ**

ଆମ ଧର୍ମରେ ଚାରିଧାମର ମହତ୍ତ୍ୱ କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଜଣେ ପୁଅର ବାପା-ମାଆଙ୍କ ପ୍ରତି କି କର୍ତ୍ତବ୍ୟ ରହିଛି ଏବଂ ସେ ତାହାକୁ କିପରି ପୂରଣ କରୁଛି ତାହା ଏଥିରେ ଦେଖିବାକୁ ମିଳିବ। 'ଚାରିଧାମ'ର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ। କ୍ୟାମେରା କୁଇନ୍ ପ୍ରଡକ୍ସନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଚିତ୍ରଟି ଚଳିତ ଦଶହରାରେ ରିଲିଜ ହେବାକୁ ଯାଉଛି। ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଚିତ୍ରଟିର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଡା. ଅନୁରାଧା ପାଣିଗ୍ରାହୀ। ଖାସ୍ କଥା ହେଲା, ଏହାର ଭାଇରାଲ ହୋଇଥିବା ଆଇଟମ୍ ନମ୍ବର- 'କେରକେରା'ରେ ଅନୁଭବ-ଶିବାନୀ ସଙ୍ଗୀତାଙ୍କ ଡ୍ୟାନ୍ସ ମଧ୍ୟ ଚର୍ଚ୍ଚାରେ ରହିଛି। ଏହାର କାଷ୍ଟିଂରେ ସୁକାନ୍ତ ରଥ, ଅଶୋକ ଦାସ, ମମତା ତ୍ରିପାଠୀ, ପ୍ରଦ୍ୟୁମ୍ନ ଲେଙ୍କା, ଆଶିଷ (ଗୁଲୁଆ), ସୁଜିତ ପାଇକରାୟ, ଶକ୍ତି ବରାଳ ଏବଂ କାଳିଆ ଷଣ୍ଢ ପ୍ରମୁଖ କଳାକାର ଅଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ତାପସ ସରଘରିଆ। ଅଖିଳ ମୋହନ ରାଉତରାୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି କୁମାରଶ୍ରୀ ସାହୁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ ଏବଂ ବୈଦ୍ୟନାଥ ଦାଶ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଗିରିଶ ମହାନ୍ତି ଏବଂ ଅମିତ ନାୟକ।

**ଚ୍ୟାଲେଞ୍ଜ**

ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏଥର ଦଶହରାରେ ଚ୍ୟାଲେଞ୍ଜ ଦେବାକୁ ଯାଉଛନ୍ତି। ଏହାପୂର୍ବରୁ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିସାରିଥିବା ଏହି ଅଭିନେତା ଏଥର ନିଜ ରୋଲ୍‌ର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି। 'ଚ୍ୟାଲେଞ୍ଜ'ଟାଇଟଲ ବିଶିଷ୍ଟ ଏହି ସିନେମାର ସେ ନାୟକ ସାଜିଛନ୍ତି ଆଉ ଏହି ଚିତ୍ରଟି ଚଳିତ ମାସ ୨୬ରେ ରିଲିଜ ହେବାକୁ ଯାଉଛି। ନିଜ ହୋମ ବ୍ୟାନର ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟରେ ପ୍ରସ୍ତୁତ ଉକ୍ତ ସିନେମାର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିବେ ପୁନିତ ଇସାର। ସେ ଏଥିରେ ମୁଖ୍ୟ ଖଳନାୟକ ଭାବରେ ଅଭିନୟ କରିଛନ୍ତି। ଚିତ୍ରଟିର ଫିମେଲ୍ ଲିଡ୍‌ରେ ଅଛନ୍ତି ଏଲିନା ପ୍ରିୟଦର୍ଶିନୀ। ''ଏଥିରେ ଏଭଳି ମସଲା ରହିଛି ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ। ଏହି ଫିଲ୍ମଟିର ଗୀତଗୁଡ଼ିକ ମଧ୍ୟ ସେମାନଙ୍କୁ ପ୍ରଭାବିତ କରିବ ବୋଲି କହନ୍ତି ଅର୍ଦ୍ଧେନ୍ଦୁ।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି ସାଇ କିରଣ ମଙ୍ଗରାଜ। ଏଥିରେ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ଅଭିନୟ କରିଛନ୍ତି ଲିପି। ଦୁହିଁଙ୍କୁ ନେଇ ଏକ ସୁନ୍ଦର ରାଖି ଗୀତଟିଏ ('ସୂତା ଖିଅର ଡୋର, ଏ ସମ୍ପର୍କ ଆମର..') ମଧ୍ୟ ଦୃଶ୍ୟାୟନ କରାଯାଇଛି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ଚିତ୍ରତୋଳନ ଦାୟିତ୍ୱ ତୁଲାଇଛନ୍ତି ପ୍ରତାପ ରାଉତ। ବବି ମିଶ୍ର, ରତନ ମେହେର, ପୁପିନ୍ଦର ଏବଂ ହରିହର ମହାପାତ୍ର ଏହାର କାଷ୍ଟିଂରେ ଅଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ। ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ।

## ମଗଧୀରା ଫ୍ଲପ୍ ହୋଇଥିଲେ...

କାଜଲ ଅଗ୍ରୱାଲ ଦକ୍ଷିଣ ଭାରତୀୟ ସିନେମାରେ ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ୨୦୦୪ରେ ସେ 'କ୍ୟୁଁ ହୋ ଗୟା ନା' ଟାଇଟଲବିଶିଷ୍ଟ ହିନ୍ଦୀ ସିନେମାରେ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମ ଥିଲା 'ଲକ୍ଷ୍ମୀ କଲ୍ୟାଣମ' (୨୦୦୭)। ତା'ପରେ ଆଉ କେତୋଟି ଫ୍ଲପ ଫିଲ୍ମରେ ଆକ୍ଟିଂ କରିବା ପରେ ନିଜ କ୍ୟାରିୟରକୁ ନେଇ ଦୋଛକିରେ ପଡ଼ିଥିଲେ ଏହି ଅଭିନେତ୍ରୀ। କିନ୍ତୁ ୨୦୦୯ରେ ସତେଯେମିତି ସଫଳତା ତାଙ୍କୁ ଅପେକ୍ଷା କରି ରହିଥିଲା। ତେଲୁଗୁ ଫିଲ୍ମ 'ମଗଧୀରା' ବ୍ଲକ ବଷ୍ଟର ସାବ୍ୟସ୍ତ ହେଲା, ଆଉ ତା'ପରେ କାଜଲ ପଛକୁ ଫେରି ଚାହିଁ




କାଜଲ

ନ ଥିଲେ। ଏ ବିଷୟରେ ସେ କହନ୍ତି, ''ଯଦି 'ମଗଧୀରା' ଫ୍ଲପ୍ ହୋଇଥାଆନ୍ତା ତେବେ ଆଜି ମୁଁ ଏ ସ୍ଥାନରେ ବୋଧହୁଏ ନ ଥାନ୍ତି। 'ମଗଧୀରା' ହିଟ୍ ହେବା ପରେ ମୋତେ ବ୍ୟାକ୍-ଟୁ-ବ୍ୟାକ୍ ଗୁଡାଏ ସିନେମା ମିଳିଲା ଏବଂ ସେଗୁଡ଼ିକ ମଧ୍ୟ ହିଟ୍ ସାବ୍ୟସ୍ତ ହେଲା।'' ମୁମ୍ବାଇରେ ଜନ୍ମିତା କାଜଲଙ୍କ ଭଉଣୀ ନିଶା ଅଗ୍ରୱାଲ ମଧ୍ୟ ଜଣେ ଅଭିନେତ୍ରୀ।

## ରେସ୍‌ଲିଂ ଚାମ୍ପିୟନରୁ ଅଭିନେତା

ବିଶିଷ୍ଟ ମାଲୟାଲମ ଅଭିନେତା ମୋହନଲାଲ। ତାଙ୍କର ପ୍ରକୃତ ନାମ ହେଲା ମୋହନଲାଲ ବିଶ୍ୱନାଥନ। ଅଭିନୟ କ୍ଷେତ୍ରରେ ସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ହେଲେ ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ସେ କ୍ରୀଡା କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇ ସାରିଥିଲେ। ୧୯୭୭-୭୮ରେ ଆୟୋଜିତ କେରଳ ରାଜ୍ୟ ରେସ୍‌ଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଥିଲେ। କେବଳ ସେତିକି ନୁହେଁ, ମାର୍ଶଲ ଆର୍ଟରେ ସେ ମଧ୍ୟ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି। କିନ୍ତୁ ଏହାପରେ ତାଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା, ହେଲେ ତାହାର ସଦୁପଯୋଗ ସେ କରିପାରି ନ ଥିଲେ। ଜାତୀୟ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ସେ ମନୋନୀତ ହୋଇଥିଲେ। ହେଲେ ନିଜର ପ୍ରଥମ ସିନେମାର ଶୁଟିଂ ପାଇଁ ସେ ଏଥିରେ ଯୋଗ ଦେଇପାରି ନ ଥିଲେ। ୧୯୭୮ରୁ ଏ ପର୍ଯ୍ୟନ୍ତ ସେ ସିନେମା ଜଗତ ସହ ଜଡ଼ିତ। ସେ ଯେଉଁ ପ୍ରଥମ ସିନେମା 'ଥିରାନୋଟମ'ରେ ଅଭିନୟ କରିଥିଲେ ତାହାର ସେ ଅନ୍ୟତମ ପ୍ରଯୋଜକ ମଧ୍ୟ ଥିଲେ। କିନ୍ତୁ କେତେକ କାରଣରୁ ଏହି ସିନେମା ରିଲିଜ ହେବାକୁ ଅନେକ ବର୍ଷ ଲାଗିଥିଲା। ଆଉ ତା'ଭିତରେ ମୋହନଲାଲ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜକୁ ଜଣେ ଷ୍ଟାର ଭାବରେ ପରିଚିତ କରାଇ ସାରିଥିଲେ। ୧୯୮୦ରେ ମାଲୟାଲମ ଫିଲ୍ମ 'ମଞ୍ଜିଲ ଭିରିଞ୍ଜା ପୋକ୍କାଲ' ସୁପରହିଟ୍ ସାବ୍ୟସ୍ତ ହେଲା ଆଉ ତା'ପରେ ତାଙ୍କୁ ଅଫର ପରେ ଅଫର ମିଳି ଚାଲିଲା। ଏପର୍ଯ୍ୟନ୍ତ ସେ ମାଲୟାଲମ,ତାମିଲ, ତେଲୁଗୁ ଏବଂ କନ୍ନଡ ଭାଷାରେ ନିର୍ମିତ ପ୍ରାୟ ୪୦୦ ଫିଲ୍ମରେ ଅଭିନୟ କରିସାରିଛନ୍ତି। ୨୦୧୦ରେ ତାଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଭିନୟ କ୍ୟାରିୟରରେ ସେ ପାଞ୍ଚ ଥର ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି।




ମୋହନଲାଲ

## ଅ|ତୀ|ତ|ରୁ

➔ପୁଷ୍ପାଞ୍ଜଳି ପିକ୍ଚର୍ସ, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଅନୁରାଧା'। ରଘୁନାଥ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଗିରିଧର। ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ଏବଂ ଅନୀତା ଦାସ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

➔ଓଡ଼ିଆ ଚିତ୍ର 'କିଏ ଜିତେ କିଏ ହାରେ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ନିତାଇ ପାଲିତ। ଏହି ସିନେମାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଅକ୍ଷୟ ମହାନ୍ତି।

➔ଓଡ଼ିଆ ଫିଲ୍ମ 'ଦେବଯାନୀ'ର ନାୟକ ଚରିତ୍ରରେ ଅଭିନୟ କରିଥିଲେ ଅଜିତ ଦାସ। ଏଥିରେ ଚକ୍ରପାଣି, ଶ୍ରାବଣୀ ରାୟ ଏବଂ ରାମ ପ୍ରତିହାରୀ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।

➔ଶ୍ରୀରାମ ପଣ୍ଡା, ସୌଦାମିନୀ, ସ୍ୱରୂପ ନାୟକ ଏବଂ ତ୍ରିପୁରା ମିଶ୍ରଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାନସୀ'। ଏହାର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ପ୍ରଫୁଲ୍ଲ କର।

## ଜୀ ସାର୍ଥକରେ ଦଶମ

ରାଜ୍ୟର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଏଥର ଦଶହରାରେ ନିଜ ଅଗଣିତ ଦର୍ଶକଙ୍କୁ ଭେଟି ଦେଉଛି ଏକ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର। ଏହାର ଟାଇଟଲ ରହିଛି 'ଦଶମ'। ଏହି ସିନେମାଟି ଚଳିତ ମାସ ୨୮ ତାରିଖ ସନ୍ଧ୍ୟା ୬.୩୦ରେ ଉକ୍ତ ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି। ଏହାପୂର୍ବରୁ ଉକ୍ତ ଚିତ୍ରଟି ବଡ ପରଦାରେ ରିଲିଜ ହୋଇ ଦର୍ଶକାଦୃତ ହୋଇସାରିଛି। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାନସିକତାକୁ ଆଧାର କରି କାହାଣୀ ଗତିଶୀଳ। ଏହି ସମୟରେ ଖଟାମିଠା ଅନୁଭୂତିକୁ ଦର୍ଶକ ଏଥିରେ ଦେଖିବାକୁ ପାଇବେ। ଏହାର ଏକ ଗୀତରେ ବାବୁସାନ୍ କଣ୍ଠଦାନ କରିଛନ୍ତି। ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଷ୍ଟି, ସିମ୍ରନ, ନୀଳାକ୍ଷି, ସୁମନ ପଟ୍ଟନାୟକ, ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ''ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହିତ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି 'ଦଶମ'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ -ଏହା ଆମ ସମାଜର ଲୁକ୍କାୟିତ ବାସ୍ତବତାର ଏକ ଦର୍ପଣ ଏବଂ ଆମ ପାଇଁ ଆତ୍ମନିରୀକ୍ଷଣ ପାଇଁ ଏକ ଆହ୍ୱାନ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ ।''



'ଦଶମ' ଫିଲ୍ମର ଏକ ଦୃଶ୍ୟ

## ମନେ ପକାନ୍ତି ସାନ୍ୟା

ସାନ୍ୟା ମାଲହୋତ୍ରାଙ୍କୁ ଆମୀର ଖାନ୍‌ଙ୍କ 'ଦଙ୍ଗଲ'ରେ ବ୍ରେକ୍ ମିଳିଥିଲା। ଏଭଳି ସୁଯୋଗ ପାଇବା ଲାଗି ତାଙ୍କୁ ଏକ ମାରାଥନ ଅଡିଶନର ସାମନା କରିବାକୁ ପଡିଥିଲା। ଶେଷରେ ତାଙ୍କୁ ବବିତା ପୋଘଟ ରୋଲ ପାଇଁ ଚୟନ କରାଯାଇଥିଲା। ହେଲେ ଅଭିନୟ କରିବା ପୂର୍ବରୁ କିଛି ରୋଜଗାର କରି ଚଳିବା ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏପରି କି କେତେକ ସିନେମାରେ ସେ ଆସିଷ୍ଟାଣ୍ଟ କ୍ୟାମେରାମ୍ୟାନ୍ ଭାବରେ କାମ କରିଥିଲେ। ସେହି ସମୟରେ ଘଟଣାକୁ ଏବେ ବି ମନେ ପକାନ୍ତି ଏହି ଅଭିନେତ୍ରୀ। ଏ ବିଷୟରେ ସାନ୍ୟା କହନ୍ତି, ''ମୁଁ ୨୦୧୩ରେ ମୁମ୍ବାଇ ଆସିଲି। ଘରୁ ଆସିବା ସମୟରେ ମୋ ପାଖରେ ଥିଲା ମାତ୍ର ୧୦,୦୦୦ଟଙ୍କା। ତେଣୁ ଏଠାରେ ଚଳିବା ପାଇଁ ମୋତେ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ତା'ପରେ କେତୋଟି ବିଜ୍ଞାପନରେ କାମ କରିଥିଲି। 'ଦଙ୍ଗଲ' ସିନେମାର ସଫଳତା ମୋ ଅଭିନୟ ଜୀବନକୁ ଏକ ନୂଆ ମୋଡ ଦେଇଥିଲା। ଏହାର ସମସ୍ତ ଶ୍ରେୟ ଉକ୍ତ ଚିତ୍ରର କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରାଙ୍କୁ ହିଁ ଦେବି।'' ବାଲେଟ୍ ଡ୍ୟାନ୍ସରେ ତାଙ୍କର ବେଶ୍ ପଟୁତା ରହିଛି। ସାନ୍ୟା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଉଛି-'ସିକ୍ରେଟ ସୁପରଷ୍ଟାର', 'ପଟାଖା', 'ଲଡ୍ଡୁ', 'ଲଭ୍ ହଷ୍ଟେଲ', 'ଜୱାନ' ଏବଂ 'ସାମ ବାହାଦୂର'। ତାଙ୍କ ଅଭିନୀତ 'ସନି ସଂସ୍କାରି କି ତୁଲସୀ କୁମାରୀ' ଚଳିତ ବର୍ଷ ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି।



ସାନ୍ୟା

# ଅଭିଷେକଙ୍କ ଅର୍ଦ୍ଧଶତକ



ଶଟ୍ ଖେଳିବା ଅବସରରେ ଅଭିଷେକ ଶର୍ମା।

**ଦୁବାଇ, ୨୪।୯**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଅଭିଷେକ ଶର୍ମା। ତେବେ ତାଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଭାରତ ବଡ଼ ସ୍କୋର କରିବାରେ ବିଫଳ ହୋଇଛି। ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନରେ ସୀମିତ ରହିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭର ବେଳକୁ ଭାରତୀୟ ସ୍କୋରକୁ ୭୨ ରନରେ ପହଞ୍ଚାଇ ଦେଇଥିଲେ। ଚଳିତ ଏସିଆ କପ୍‌ରେ ଭାରତର ଏହା ସର୍ବାଧିକ ପାୱାରପ୍ଲେ ସ୍କୋର। ପୂର୍ବରୁ ଦଳ ପାକିସ୍ତାନ ବିପକ୍ଷରେ ୬୯ ରନ ସଂଗ୍ରହ କରିଥିଲା। ଓପନିଂ ଯୋଡ଼ିରେ ୭୭ ରନ ଯୋଗ ହେବାପରେ ୭ମ ଓଭରର ଦ୍ୱିତୀୟ ବଲ୍‌ରେ ଗିଲ୍‌ଙ୍କୁ ଆଉଟ କରି ବାଂଲାଦେଶକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଲେଗ୍‌ସ୍ପିନର ରିଶଦ ହୋସେନ। ୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୨ ଚୌକା ଓ ୧ ଛକା ସହାୟତାରେ ୨୯ ରନ କରିଥିଲେ। ରନ ହାର ବୃଦ୍ଧି ଲକ୍ଷ୍ୟରେ ରଖି ବ୍ୟାଟିଂ କ୍ରମରେ ଶିବମ୍ ଦୁବେଙ୍କୁ ୩ ନମ୍ବରରେ ପଠାଇବା ଯୋଜନା ଫେଲ୍ ମାରିଥିଲା। ସେ ମାତ୍ର ୨ ରନକରି ହୋସେନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ ଅଭିଷେକ। ଏହା ମଧ୍ୟରେ ସେ ୫ ଚୌକା ଓ ୩ ଛକା ମାରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୪ ନମ୍ବରରେ ଆସି ଅଭିଷେକଙ୍କ ସହ ଯୋଗ ଦେଇଥିଲେ। ୧୧.୧ ଓଭରରେ ଭାରତ ସ୍କୋର ୧୦୦ ଅତିକ୍ରମ କରିଥିଲା। ବିସ୍ଫୋରକ ବ୍ୟାଟିଂ କରିଥିବା ଅଭିଷେକ ଦୁର୍ଭାଗ୍ୟଜନକ ଭାବେ ୭୫ ରନକରି ରନ୍‌ଆଉଟ ହୋଇ ଯାଇଥିଲେ। ୧୨ତମ ଓଭରର ପ୍ରଥମ ବଲ୍‌କୁ ସୂର୍ଯ୍ୟକୁମାର ବ୍ୟାକ୍‌ୱାର୍ଡ ପଏଣ୍ଟ ଅଞ୍ଚଳକୁ ଖେଳିଥିବାବେଳେ ଅଭିଷେକ ରନ୍ ନେବାକୁ ବହୁବାଟ ଆଗେଇ ଯାଇଥିଲେ। ମାତ୍ର ବୋଲର ମୁସ୍ତାଫିଜୁର ରହମନ ନିଜେ ଫିଲ୍ଡିଂ କରି ରିଶଦ ହୋସେନଙ୍କ ସହାୟତାରେ ଅଭିଷେକଙ୍କୁ ରନ୍‌ଆଉଟ କରି ଦେଇଥିଲେ। ୩୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଭିଷେକ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୫ ଛକା ମାରିଥିଲେ। ସେହି ଓଭରର ଅନ୍ତିମ ବଲ୍‌ରେ ସୂର୍ଯ୍ୟକୁମାର ୫ ଏବଂ ପରେ ତିଲକ ବର୍ମା ମାତ୍ର ୫ ରନକରି ଆଉଟ ହେବାରୁ ଭାରତର ରନ୍‌ହାର ଧିମେଇ ଯାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୨୯ ବଲ୍‌ରୁ ୩୮ ଓ ଅକ୍ଷର ପଟେଲ ୧୫ ବଲ୍‌ରୁ ୧୦ ରନକରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ରିଶଦ ହୋସେନ ୨ଟି ଏବଂ ତାନଜିମ ହାସନ ଶକିବ, ମୁସ୍ତାଫିଜୁର ରହମନ ଓ ମହମ୍ମଦ ସୈଫୁଦ୍ଦିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୮/୬ (ଅଭିଷେକ ଶର୍ମା-୭୫, ହାର୍ଦ୍ଦିକ ପାଣ୍ଡ୍ୟା-୩୮, ଶୁବମନ ଗିଲ୍-୨୯, ରିଶଦ ହୋସେନ-୨/୨୭, ତାନଜିମ ହାସନ ଶକିବ-୧/୨୯, ମୁସ୍ତାଫିଜୁର ରହମନ-୧/୩୩, ମହମ୍ମଦ ସୈଫୁଦ୍ଦିନ-୧/୩୭)।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ